

ଡୁପ୍ଲାଣ୍ଟିସ୍‌ଙ୍କ ୧୩ତମ ବିଶ୍ୱ ରେକର୍ଡ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ◆VOLUME- 43 ◆ISSUE-51 ◆THURSDAY ◆14 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୫୧ ◆ଗୁରୁବାର ◆୧୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦







### ତୃତୀୟ ଦିନରେ ଅମଲାଙ୍କ ଆନ୍ଦୋଳନ; ରାଜସ୍ୱ ବିଭାଗ କାର୍ଯ୍ୟରେ ଅଚଳାବସ୍ଥା

# ସଂଘକୁ ସରକାରଙ୍କ ନାଲିଆଖି

- ଅନୁପସ୍ଥିତିକୁ ଛୁଟି ରୂପେ ଗଣାଯିବ, ବନ୍ଦହେବ ଦରମା
- ଦରମା ବନ୍ଦ ଚେତାବନୀ ଦେଲେ ରାଜସ୍ୱ ମନ୍ତ୍ରୀ
- କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ବିଭାଗର ଚିଠି
- ସମୂହ ଛୁଟି ଜିଦ୍‌ରେ ଅଟଳ ରାଜସ୍ୱ ଅମଲା ସଂଘ
- ଦାବି ପୂରଣ ନ ହେବା ଯାଏଁ ପଛକୁ ହଟିବୁନି: ସଂଘ

■ **ଭୁବନେଶ୍ୱର, ୧୩।୮ (ସମିସ):** ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲାମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିବାରୁ ରାଜସ୍ୱ ବିଭାଗରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ରାଜସ୍ୱ ଅମଲାଙ୍କ ଏପରି ସମୂହ ଛୁଟି ନିଷ୍ପତ୍ତି ସରକାରଙ୍କୁ କ୍ଷୁବ୍ଧ କରିଛି । ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡିକେ ସିଂ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଆନ୍ଦୋଳନରତ ଅମଲାଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ମାତ୍ର ମନ୍ତ୍ରୀଙ୍କ ନାଲିଆଖି, ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବଙ୍କ ଧମକ ରାଜସ୍ୱ ଅମଲାଙ୍କୁ ଡରାଇ ପାରିନାହିଁ। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ ଅମଲାମାନେ ପଛକୁ ହଟିବେ ନାହିଁ ବୋଲି ସଂଘ ରୋକ୍‌ଠୋକ୍ କହିଛି ।

ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ କହିଛନ୍ତି ଯେ ଅମଲାଙ୍କ ବିନା ଲୋକଙ୍କ ପାଖରେ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ସରକାର ପ୍ରସ୍ତୁତ। ଆନ୍ଦୋଳନରୁ ନ ଓହରିଲେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ ରହିବ। ଛୁଟି ବାତିଲ ହେବ, ଛୁଟି ମଞ୍ଜୁର ହେବ ନାହିଁ ବୋଲି ଜିଲ୍ଲପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

▶ପୃଷ୍ଠା-୭

## ୭ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

### ଦୁଇ ବର୍ଷରେ ଖୋଲିବ ୩୮ ମଡେଲ ମଣ୍ଡି

■ **ଭୁବନେଶ୍ୱର, ୧୩।୮ (ସମିସ):** ରାଜ୍ୟର ଚାଷୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ଭାଗିଦାରମାନଙ୍କ ପାଇଁ ସମସ୍ତ ଜରୁରୀ ବିପଣନ ସଂକ୍ରାନ୍ତ କାର୍ଯ୍ୟକୁ ଗୋଟିଏ ଛାତ ତଳେ ସମନ୍ୱିତ କରାଯାଇପାରିବ। ଏଥିପାଇଁ ରାଜ୍ୟ ସରକାର ରାଜ୍ୟରେ ମଡେଲ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ବର୍ଷ ମଧ୍ୟରେ ରାଜ୍ୟରେ ୩୮ ଟି ମଡେଲ ମଣ୍ଡି ସ୍ଥାପନ ହେବ ଓ ଏ ବାବଦରେ ୩୦୦କୋଟି ଟଙ୍କା ବ୍ୟୟ କରାଯିବ। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏ

▶ପୃଷ୍ଠା-୭

- ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିଶ୍ୱସ୍ତରୀୟ ଏମ୍‌ଆର୍‌ଓ ସ୍ଥାପନ
- ୧୧୦ ସହରାଞ୍ଚଳରେ ୩୫୦ କୋଟିରେ ଲାଗିବ ଏଲ୍‌ଇଡି ଆଲୋକ
- ସମ୍ବଲପୁର, ହୀରାକୁଦ, ବୁର୍ଲା ସହରରେ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ

## ଋଣ ଚାପ ବିଷ ପିଇଲେ ଚାଷୀ

■ **ଟିଟିଲାଗଡ଼, ୧୩।୮ (ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକ୍ କଣ୍ଡରା ଗାଁର ଚାଷୀ ଦୁର୍ଗାଚରଣ ଭୋଇ ବିଷପିଇ ଆତ୍ମହତ୍ୟା କରିଛନ୍ତି। ଚାଷରେ କ୍ଷତି ହେବାରୁ ମାନସିକ ଭାରସାମ୍ୟ ହରାଇ ସେ ଏପରି କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଦୁର୍ଗାଚରଣ ଗ୍ରୁପରଣ ଆଣି ଚାଷରେ ଲଗାଇଥିଲେ। ଚାଷରେ କ୍ଷତି ହେବା ଦେଖି ମାନସିକସ୍ତରରେ ଭାଙ୍ଗିପଡି ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ଟିଟିଲାଗଡ଼ ମେଡିକାଲ ଏବଂ ପରେ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ମେଡିକାଲକୁ ସ୍ଥାନାନ୍ତରିତ କରିବା ବେଳେ ଅଧାବାଟରେ ତାଙ୍କର ମୃତ୍ୟୁ ହୋଇଥିବା ମୃତ ଚାଷୀଙ୍କ ଭାଇ ଭାସ୍କର ଭୋଇ ସୂଚନା ଦେଇଛନ୍ତି।






# ଫଟୋ ଉଠାଇଲେ ଜରିମାନା

ସାଧାରଣତଃ ପର୍ଯ୍ୟଟକମାନେ କୌଣସି ସ୍ଥାନକୁ ବୁଲିବାକୁ ଗଲେ ସେଠାରେ ଫଟୋ ଉଠାଇଥାନ୍ତି। ଯାହାକୁ ପରବର୍ତ୍ତୀ ସମୟରେ ଦେଖି ପୁରୁଣା ସ୍ମୃତି ମନେ ପକାଇଥାନ୍ତି। କିନ୍ତୁ ଏପରି ଏକ ସ୍ଥାନ ରହିଛି, ଯେଉଁଠି ଫଟୋ ଉଠାଇବାକୁ ନିଷେଧ କରାଯାଇଛି। ଦୁବାଇରେ ଫଟୋଗ୍ରାଫିକୁ ନେଇ କଡ଼ା ନିୟମ ରହିଛି। ଏଠାରେ ଫଟୋ ଉଠାଇଲେ ଜରିମାନା ଏପରିକି ଜେଲଦଣ୍ଡ ଭୋଗିବାକୁ ପଡ଼ିଥାଏ। ଏଠାରେ ବୁର୍ଜ ଖଲିଫା ଭଳି ଅନେକ ସୁଉଚ୍ଚ ଅଟ୍ଟାଳିକା ରହିଛି, ଯେଉଁଠି ପର୍ଯ୍ୟଟକମାନେ ଫଟୋ ନ ଉଠାଇ ଫେରିବାକୁ ଚାହାନ୍ତିନି। ଏଠାରେ ବିନା ଅନୁମତିରେ କିଛି ସ୍ଥାନ, କିଛି ବ୍ୟକ୍ତି ବିଶେଷ ଓ ଘଟଣାର ଫଟୋ ନେବା ଦଣ୍ଡନୀୟ ଅପରାଧ ଭାବେ ଗଣାଯାଏ। ଭୁଲବଶତଃ ଯଦି କୌଣସି ବ୍ୟକ୍ତି ଏଭଳି ସ୍ଥାନରେ ଫଟୋ ଉଠାନ୍ତି, ଏଥିପାଇଁ ତାଙ୍କୁ ତାଙ୍କ ଯାତ୍ରାର ଦ୍ୱିଗୁଣା ଅର୍ଥରାଶି ଦେବାକୁ ପଡ଼ିଥାଏ। ଏଥିପାଇଁ ଏଠାରେ କୌଣସି ଅଜଣା ବ୍ୟକ୍ତିଙ୍କ ଫଟୋ ଉଠାଇବାକୁ ନିଷେଧ କରାଯାଇଛି। ଯଦି କୌଣସି ବ୍ୟକ୍ତି ରାସ୍ତାର ଫଟୋ ନେଉଥିବାବେଳେ ଭୁଲବଶତଃ କେହି ବ୍ୟକ୍ତି ଯଦି ତାଙ୍କ ଫ୍ରେମରେ ଆସିଥାନ୍ତି ତେବେ ଉକ୍ତ ବ୍ୟକ୍ତି ଜଣଙ୍କ ଅଭିଯୋଗ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ପ୍ରଚଳିତ ନିୟମ ଅନୁଯାୟୀ, ଏଠାରେ ସରକାରୀ ଅଟ୍ଟାଳିକା, ଥାନା, ବିମାନବନ୍ଦର, ଦୂତାବାସର ଫଟୋ ଉଠାଇବାକୁ ନିଷେଧ କରାଯାଇଛି। ତେଣୁ ଯଦି କୌଣସି ବ୍ୟକ୍ତି ଥାନା କିମ୍ବା ସରକାରୀ କାର୍ଯ୍ୟାଳୟ ଆଗରେ ଫଟୋ ଉଠାନ୍ତି, ଏଥିପାଇଁ ତାଙ୍କୁ ଜେଲଦଣ୍ଡ ମିଳିଥାଏ। ବର୍ତ୍ତମାନ ସମୟରେ କୌଣସି ଘଟଣା ଘଟିଲେ ଲୋକମାନେ ସଙ୍ଗେ ସଙ୍ଗେ ଫୋନ୍ ବାହାର କରି ଭିଡିଓ କରୁଛନ୍ତି, କିନ୍ତୁ ଏଠାରେ ଏପରି କରିବା ଅପରାଧ। ଦୁର୍ଘଟଣା, ପୋଡ଼ାଜଳା, କୌଣସି ଆଇନଗତ କିମ୍ବା ପୁଲିସ୍ କାର୍ଯ୍ୟାନୁଷ୍ଠାନର ଫଟୋ ଉଠାଇବା ଏଠାରେ ଦଣ୍ଡନୀୟ ଅପରାଧ।



## ଆଜିର ଇତିହାସ


- ୧୮୬୨- ବମ୍ବେ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୧୭- ଚୀନ, ଜର୍ମାନୀ ଓ ଅଷ୍ଟ୍ରିଆ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୨୩- ଭାରତର ଜଣାଶୁଣା ସାମ୍ବାଦିକ ତଥା ସ୍ତମ୍ଭକାର କୁଲଦୀପ ନାୟାରଙ୍କ ଜନ୍ମ।
- ୧୯୪୭- ଭାରତରୁ ବିଭାଜନ ହୋଇ ପାକିସ୍ତାନ ଅଲଗା ରାଷ୍ଟ୍ର ହେଲା।
- ୨୦୧୧- ବଲିଉଡ୍ ଅଭିନେତା ଶମ୍ମି କପୁରଙ୍କ ବିୟୋଗ।
- ୨୦୧୩- ମିଶରରେ ପୁଲିସ୍ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ହୋଇଥିବା ହିଂସାରେ ୬୩୮ ଲୋକଙ୍କ ପ୍ରାଣହାନି।

# ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଢ଼ୁଛି ଗ୍ରୋସରୀ ବିଲ୍



ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଏକ ଉତ୍କଟ ସମସ୍ୟା ପାଲଟିଛି। ବିଶ୍ୱରେ ଦ୍ରୁତ ଗତିରେ ଦେଖା ଦେଉଥିବା ଜଳବାୟୁ ପରିବର୍ତ୍ତନର ବଡ଼ ପ୍ରଭାବ ଫସଲ ଉତ୍ପାଦନ ଉପରେ ପଡ଼ୁଛି। ଅଚାନକ ଦେଖା ଦେଉଥିବା ବନ୍ୟା ଏବଂ ମରୁଡ଼ି ଯୋଗୁଁ ଖାଦ୍ୟ ସାମଗ୍ରୀର ଉତ୍ପାଦନ ଏମିତି ହ୍ରାସ ପାଇଛି ଯେ, ଅନେକ ଜିନିଷର ମୂଲ୍ୟ ଅସ୍ୱାଭାବିକ ଭାବରେ ଦୁଇରୁ ତିନି ଗୁଣ ବୃଦ୍ଧି ପାଇଛି। ଅଷ୍ଟ୍ରେଲିଆରେ ଅନେକ ଖାଦ୍ୟ ସାମଗ୍ରୀର ଦାମ୍ ୩୦୦ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି। ସେହିପରି ୟୁରୋପରେ ଅଲିଭ୍ ତେଲର ଦାମ୍ ୫୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଆମେରିକାରେ ପନିପରିବା ଦର ୮୦ ପ୍ରତିଶତ ବଢ଼ିଛି। ବାର୍ସିଲୋନା ସୁପରକମ୍ପ୍ୟୁଟିଂ ସେଣ୍ଟର ଏବଂ ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କର ଗବେଷକମାନେ ସାରା ବିଶ୍ୱର ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା କରି ଏହି କଥା କହିଛନ୍ତି। ଖାଦ୍ୟ ପାନୀୟର ଦାମ୍ ବଢ଼ିବାର ମୁଖ୍ୟ କାରଣ ଭାବେ ସେମାନେ ଖରାପ ପାଣିପାଗକୁ ଦାୟୀ କରିଛନ୍ତି। ଏହା ଜଳବାୟୁ ପରିବର୍ତ୍ତନ ସହିତ ଜଡ଼ିତ ଥିବା ସେମାନେ କହିଛନ୍ତି। ସେହିପରି ଏହି ଗବେଷକ ଦଳ ୨୦୨୨ ଏବଂ ୨୦୨୪ ମଧ୍ୟରେ ବିଶ୍ୱର ୧୬ଟି ପାଣିପାଗ ସମ୍ବନ୍ଧିତ ଘଟଣା ଉପରେ ଗବେଷଣା କରିଥିଲେ। ଗବେଷଣାନୁସାରେ, ଭାରତ ଓ ଚୀନ୍ ସମେତ ପୂରା ଏସିଆରେ ଋତୁକାଳୀନ ପରିବାର ଦାମ୍ ବୃଦ୍ଧି ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଅସହ୍ୟ ଗରମ ଓ ଅଧିକ ବର୍ଷାର କାରଣ ହୋଇଥାଏ। ଏହାଯୋଗୁଁ ଅମଳ ହ୍ରାସ ପାଇବା ସହ ଜିନିଷଗୁଡ଼ିକର ଦାମ୍ ବଢ଼ିଚାଲେ। ତେବେ ଗ୍ରୋସରୀ ବିଲ୍ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ସ୍ପଷ୍ଟ ଭାବେ ଅନୁଭବ କରୁଥିବା ତମାମ ବିଶ୍ୱର ଗ୍ରାହକମାନେ କହିଛନ୍ତି।

# ସୁରଜଙ୍କ ସହ କାମ କରିବେ ଆୟୁଷ୍ମାନ୍





ସୁରଜ୍ ବଡ଼ଜାତ୍ୟା କିଛି ଦିନ ପୂର୍ବରୁ ସେ ବଲିଉଡ଼ର ଦବଙ୍ଗ ଖାନ୍ ସଲମାନ୍‌ଙ୍କୁ ନେଇ ଏକ ଫିଲ୍ମ କରିବେ ବୋଲି ଘୋଷଣା କରିଥିଲେ। ସଲମାନ୍ ଏଥିରେ ଲିଡ୍ ରୋଲରେ ଦେଖାଯିବା ସହ ଏଥିରେ ସେ 'ପ୍ରେମ୍' ଭୂମିକାରେ ନଜର ଆସିବେ ବୋଲି ସୁରଜ କହିଥିଲେ। ଏହାକୁ ନେଇ ସଲମାନ୍‌ଙ୍କ ପ୍ରଶଂସକମାନେ ବି ବେଶ୍ ଉତ୍ସାହିତ ଥିଲେ। କିନ୍ତୁ ଏବେ ଖବର ଆସିଛି ସୁରଜ୍‌ଙ୍କୁ ତାଙ୍କ ପ୍ରେମ୍ ମିଳିଯାଇଛି। ତେବେ ସୁରଜଙ୍କ ଫିଲ୍ମରେ ସଲମାନ୍‌ଙ୍କ ବଦଳରେ ଆୟୁଷ୍ମାନ୍ ଖୁରାନା ପ୍ରେମ୍ ଭୂମିକାରେ ନଜର ଆସିବେ। ସୁରଜ୍ ଇତିମଧ୍ୟରେ ମୁମ୍ବାଇରେ ଫିଲ୍ମର ସୁଟିଂ ଆରମ୍ଭ ମଧ୍ୟ କରି ଦେଇଛନ୍ତି। ଏହାର କାହାଣୀ ମୁମ୍ବାଇ ଉପରେ ଆଧାରିତ ହେବ। ଏଥିରେ ଆୟୁଷ୍ମାନ୍‌ଙ୍କ ବିପକ୍ଷରେ ଶରବରି ଖାନ୍ ନଜର ଆସିବେ। ସୁରଜ୍ ବଲିଉଡ଼ର ଦବଙ୍ଗ ଖାନ୍ ସଲମାନ୍ ଖାନ୍‌ଙ୍କ ସହ ଅନେକ ଫିଲ୍ମ କରିଛନ୍ତି। ତାଙ୍କର ଅଧିକାଂଶ ଫିଲ୍ମରେ ସଲମାନ୍ 'ପ୍ରେମ୍' ଭୂମିକାରେ ନଜର ଆସିଥାନ୍ତି। ଏହି ଫିଲ୍ମଗୁଡ଼ିକ ବ୍ଲକବଷ୍ଟର୍ ମଧ୍ୟ ସାବ୍ୟସ୍ତ ହୋଇଛି। ଏଗୁଡ଼ିକ ମଧ୍ୟରେ 'ମୈନେ ପ୍ୟାର୍ କିୟା', 'ହମ୍ ଆପକେ ହୈଁ କୌନ୍', 'ହମ୍ ସାଥ୍ ସାଥ୍ ହୈଁ', 'ପ୍ରେମ୍ ରତନ ଧନ ପାୟୋ' ଆଦି ଚଳଚ୍ଚିତ୍ର ରହିଛି। ଏବେ ସୁରଜ ସଲମାନ୍‌ଙ୍କ ବୟସକୁ ଆଖି ଆଗରେ ରଖି ସେଭଳି କାହାଣୀ ଖୋଜୁଛନ୍ତି। ସଲମାନ୍‌ଙ୍କ ମୁତାବିକ କାହାଣୀ ମିଳିଲେ ସେ ତାଙ୍କ ସହ କାମ କରିବେ ବୋଲି କହିଛନ୍ତି।

# ନିଆରା ଢଙ୍ଗରେ ସଚେତନତା
## ୱେଟର୍ କାମ କରୁଛନ୍ତି ଡିମେନ୍‌ସିଆ ରୋଗୀ

ସାଧାରଣତଃ ରେଷ୍ଟୋରାଁ ଓ ହୋଟେଲଗୁଡ଼ିକରେ ସୁନ୍ଦର ଓ ଶିକ୍ଷିତ ଯୁବକ, ଯୁବତୀଙ୍କୁ ୱେଟର୍ ଭାବେ ନିଯୁକ୍ତି ଦିଆଯାଏ। ଏହି କ୍ରମରେ ଜାପାନରେ ଏମିତି ଏକ ରେଷ୍ଟୋରାଁ ଅଛି, ଯେଉଁଠି ଗ୍ରାହକଙ୍କୁ ଖାଦ୍ୟ ପରଷନ୍ତି ଡିମେନ୍‌ସିଆ ରୋଗୀ। ଡିମେନ୍‌ସିଆ ଏକ ମାନସିକ ସ୍ୱାସ୍ଥ୍ୟ ସମସ୍ୟା। ଏଥିରେ ପୀଡ଼ିତ ଲୋକ କୌଣସି କଥାକୁ ମନେ ରଖିପାରନ୍ତି ନାହିଁ। ତେବେ ଏହି ରେଷ୍ଟୋରାଁ ମାଧ୍ୟମରେ ଏହି ରୋଗ ପ୍ରତି ନିଆରା ଢଙ୍ଗରେ ଲୋକଙ୍କୁ ସଚେତନ କରାଯାଉଛି। ଏଠାକାର ଟେଲିଭିଜନ ନିର୍ଦ୍ଦେଶିକା ଶିରୋ ଓଗୁନି ତାଙ୍କ ରେଷ୍ଟୋରାଁରେ ମୁଖ୍ୟତଃ ଡିମେନ୍‌ସିଆ ପୀଡ଼ିତଙ୍କୁ ହିଁ ନିଯୁକ୍ତି ମିଳିଥାଏ। କ୍ୟାଟୋରେ ଥିବା ଏହି ରେଷ୍ଟୋରାଁର ନାମ 'ଦ ରେଷ୍ଟୁରାଣ୍ଟ ଅଫ୍ ମିସ୍‌ଟେକେନ୍ ଅର୍ଡର୍ସ'। ଏଠାରେ ଗ୍ରାହକମାନଙ୍କୁ ସେମାନେ ଅର୍ଡର କରିଥିବା ଖାଦ୍ୟ ପରଷା ଯାଇ ନ ଥାଏ। ଏହି ରେଷ୍ଟୋରାଁରେ ୱେଟର୍ ଭାବେ କାମ କରିବା ପାଇଁ ଇଚ୍ଛା କରୁଥିବା ଲୋକେ ଡିମେନ୍‌ସିଆ ରୋଗୀ ହେବା ଜରୁରି। ଏକଦା ଶିରୋଙ୍କୁ ଏକ ନର୍ସିଂ ହୋମରେ ଡିମେନ୍‌ସିଆ ରୋଗୀଙ୍କ ଯୋଗୁଁ ତାଙ୍କୁ ବଦଳରେ ବର୍ଗର ପରଷା ଯାଇଥିଲା। ଏହି ଘଟଣା ସମ୍ପର୍କରେ ଆସିବା ପରେ ସେ ଏଭଳି ଏକ ରେଷ୍ଟୋରାଁ ଖୋଲିବା ପାଇଁ ଚିନ୍ତା କଲେ। ତାଙ୍କର ଏହି ରେଷ୍ଟୋରାଁ ବର୍ଷ ବର୍ଷ ଧରି ଗ୍ରାହକଙ୍କୁ ଭୁଲଭାଲ ଖାଦ୍ୟ ପରଷି ଆସୁଛି। ଅବଶ୍ୟ ଏବେ କଣ୍ଟେଣ୍ଟ କ୍ରିଏଟର କୁଲଦୀପ ସିଙ୍ଘାନିଆ ଏହି ରେଷ୍ଟୋରାଁ ବାବଦରେ ସାମାଜିକ ଗଣମାଧ୍ୟମରେ ଜଣାଇବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି। ଏଠାରେ କୁଲଦୀପ ପନିର ପିଜ୍ଜା ଅର୍ଡର ଦେଇଥିଲେ। କିନ୍ତୁ ୱେଟର କୁକିଜ୍ ପରିବେଷଣ କରିବାରୁ ସେ ଆଶ୍ଚର୍ଯ୍ୟ ହୋଇଥିଲେ। ଏହାପରେ ସେ ଜାଣିବାକୁ ପାଇଥିଲେ ଯେ, ଏହି ରେଷ୍ଟୋରାଁ ଗ୍ରାହକଙ୍କୁ ଭୁଲ ଖାଦ୍ୟ ପରଷିବା ପାଇଁ ହିଁ ଖ୍ୟାତ। ସେହିପରି ଏଠାକୁ ଆସୁଥିବା ୯୯ ପ୍ରତିଶତ ଗ୍ରାହକ ସେମାନେ ଅର୍ଡର ଦେଇ ନ ଥିବା ଖାଦ୍ୟ ମିଳିବା ପରେ ବି ମନ ଖୁସିରେ ଫେରୁଥିବା କୁଲଦୀପ କହିଛନ୍ତି। କୁଲଦୀପଙ୍କର ଏହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି।




# ଏଆଇକୁ ପ୍ରଶ୍ନ ପଚାରି ଚିକିତ୍ସା କରାଇବା ଠିକ୍ ନା ଭୁଲ

ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଲୋକେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନ ପଚାରୁଥିବାର ଦେଖାଯାଉଛି। ଏଇ ଯେମିତି କେତେବେଳେ ଡାକ୍ତରଙ୍କ ପାଖକୁ ଯିବା ଦରକାର, କେଉଁ ଲକ୍ଷଣ କେଉଁ ରୋଗର ଏବଂ ଏକ ନିର୍ଦ୍ଦିଷ୍ଟ ରୋଗ ପାଇଁ ଏହି ଔଷଧ ଠିକ୍ କି ନୁହେଁ ଭଳି ଅନେକ ପ୍ରଶ୍ନ ଏଆଇକୁ ପଚରାଯାଉଛି। ତେବେ ଏଆଇରୁ ମିଳୁଥିବା ଉତ୍ତର କେତେ ଦୂର ଭରସାଯୋଗ୍ୟ, ସେ କଥା କେହି ଚିନ୍ତା କରି ନ ଥିବେ। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଲୋକଙ୍କର ଏହି ଭରସା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ଗବେଷଣାନୁସାରେ, ଏବେ ଅଧିକାଂଶ ଟପ୍ ଏଆଇ ମଡେଲ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ରଖୁଛନ୍ତି। କେବଳ ସେତିକି ନୁହେଁ, ଡାକ୍ତରଙ୍କ ଭଳି ସେମାନେ ଫଲୋଅପ୍ ପ୍ରଶ୍ନ ମଧ୍ୟ ପଚାରୁଛନ୍ତି। ତେବେ ଏହି ଗବେଷଣାର ମୁଖ୍ୟ ଗବେଷକ କହିଛନ୍ତି, ୨୦୨୩ ମସିହାରେ ଯେତେବେଳେ ସେ ଏନେଇ ଏକ ଗବେଷଣା କରିଥିଲେ, ସେତେବେଳେ ସମସ୍ତ ବଡ଼ ବଡ଼ ଏଆଇ ମଡେଲଗୁଡ଼ିକ ନିଜକୁ ଡାକ୍ତର ବୋଲି କହି ନ ଥିଲେ। ଏପରିକି ଅନେକ ଥର ଏଆଇ ପ୍ରଶ୍ନର ଉତ୍ତର ନ ଦେବା ପାଇଁ ବି ସ୍ପଷ୍ଟ ଭାବେ କହି ଦେଉଥିଲା। ହେଲେ ୨୦୨୫ରେ ଏହି ଦୃଶ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଥିବା ସେ କହିଛନ୍ତି। ଏବେ ଏଆଇ ବିନା କୌଣସି ଚେତାବନୀରେ ଡାକ୍ତରୀ ପରାମର୍ଶ ପ୍ରଦାନ କରୁଛି। ଓପନ ଏଆଇ, ଆନ୍ଥ୍ରୋପିକ୍, ଡିପ୍‌ସିକ୍, ଗୁଗଲ ଭଳି ସମୁଦାୟ ୧୫ଟି ବଡ଼ ଏଆଇ ମଡେଲର ୫୦୦ ଡାକ୍ତରୀ ପରାମର୍ଶ ଏବଂ ୧୫୦୦ ମେଡିକାଲ ଇମେଜ ଉପରେ ଏହି ଗବେଷଣା କରାଯାଇଥିଲା। ଯାହାର ଫଳାଫଳ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା। ତେବେ ଏଆଇ ଯେତେବେଳେ ପ୍ରତିଟି ପ୍ରଶ୍ନର ଉତ୍ତର ବେଶ୍ ଆତ୍ମବିଶ୍ୱାସର ଦିଏ ସେତେବେଳେ ଲୋକେ ତାଙ୍କ ସାମ୍ନାରେ ଡାକ୍ତରଙ୍କ ବଦଳରେ ମେସିନ୍ ବସିଥିବା କଥା ଭୁଲିଯାନ୍ତି। ଗବେଷକଙ୍କ କହିବା କଥା, ଭୁଲ୍ ସୂଚନା ରୋଗୀଙ୍କ ଜୀବନ ମଧ୍ୟ ନେଇପାରେ। ସେହିପରି ଏଆଇଟିର ଏଆଇ ବିଶେଷଜ୍ଞଙ୍କ କହିବା କଥା, ଲୋକେ ଯେଭଳି ଏହି ଟୁଲ୍‌କୁ ଅଧିକ ବ୍ୟବହାର କରିବେ, କମ୍ପାନିଗୁଡ଼ିକ ଜାଣିଶୁଣି ଲୋକଙ୍କ ଭରସା ଜିତିବା ଲାଗି ଚେତାବନୀଗୁଡ଼ିକ ହଟେଇ ଦେଉଛନ୍ତି। ଏହାଦ୍ୱାରା ସାଧାରଣ ଲୋକଙ୍କୁ ହିଁ ଅସୁବିଧାର ସାମ୍ନା କରିବାକୁ ପଡ଼ିବ। ଆହୁରି ମଧ୍ୟ ଗବେଷକମାନେ କହିଛନ୍ତି ଯେ, ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଶ୍ନରେ ଏଆଇ କିଛି ସତର୍କତା ଅବଲମ୍ବନ କରିଥାଏ। ହେଲେ ମେଡିକାଲ ଇମରଜେନ୍ସି, ଗମ୍ଭୀର ରୋଗ ଆଦି କ୍ଷେତ୍ରରେ ଏହା ବିନା ଦ୍ୱିଧାରେ ପରାମର୍ଶ ଦେଇଥାଏ। ହେଲେ ପ୍ରକୃତରେ ମେସିନ୍ କିଛି ବୁଝି ନ ଥାଏ, କେବଳ ଯାହା ଡାଟା ପ୍ରୋସେସିଂ କରିଥାଏ। ତେଣୁ ଏଆଇ ଏକ ଉତ୍ତମ ଟୁଲ୍ ହୋଇଥିବା ବେଳେ ଏହା କେବେବି ଡାକ୍ତରଙ୍କ ବିକଳ୍ପ ହୋଇପାରିବ ନାହିଁ। ସେହିପରି ଗବେଷକଙ୍କ କହିବା କଥା, ଏଆଇକୁ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନ ପଚାରିବା ପରେ ଡାକ୍ତରଙ୍କ ଠାରୁ ତାହା ଯାଞ୍ଚ କରିନେବା ଆବଶ୍ୟକ।



# ପାଣିରେ ମିଳେଇବ ପ୍ଲାଷ୍ଟିକ୍

ସାଧାରଣତଃ ପ୍ଲାଷ୍ଟିକ୍ ମାଟିରେ ଶୀଘ୍ର ବିଘଟନ ହୋଇ ନ ଥାଏ। ଫଳରେ ଏହା ମାଟିରେ ପଡ଼ି ରହି ପରିବେଶ ପ୍ରଦୂଷଣର କାରଣ ସାଜେ। କେବଳ ଯେ, ଏହା ମୃତ୍ତିକାକୁ ପ୍ରଦୂଷଣ କରୁଛି କି ତାହା ନୁହେଁ ନିୟମିତ ସମୁଦ୍ରରେ ହଜାର ହଜାର ଟନ୍ ପ୍ଲାଷ୍ଟିକ୍ ମିଶି ସାମୁଦ୍ରିକ ଜୀବଙ୍କ ପାଇଁ ମଧ୍ୟ ଏହା ଏକ ବିପଜ୍ଜନକ ପରିବେଶ ସୃଷ୍ଟି କରୁଛି। ତେବେ ଏଥିରୁ ରକ୍ଷା ପାଇବା ଲାଗି ଜାପାନର ବୈଜ୍ଞାନିକମାନେ ଏକ ନୂଆ ପ୍ରକାରର ପ୍ଲାଷ୍ଟିକ୍ ବିକଶିତ କରିଛନ୍ତି। ଯାହାକି ସମୁଦ୍ରର କ୍ଷାରୀୟ ଜଳ ସଂସ୍ପର୍ଶରେ ଆସିବାର କିଛି ସମୟ ମଧ୍ୟରେ ମିଳେଇ ଯିବ। ଟୋକିଓ ବିଶ୍ୱବିଦ୍ୟାଳୟ ଏବଂ ରିକେନ ସେଣ୍ଟରର ବୈଜ୍ଞାନିକମାନେ ମିଶି ଏହାକୁ ବିକଶିତ କରିଛନ୍ତି। ଏହି ନୂଆ ଅନୁସନ୍ଧାନ ସମୁଦ୍ରକୁ ପରିଷ୍କାର ତଥା ସଫା ରଖିବାରେ ସାହାଯ୍ୟ କରିବ। ଏହା ସହ ଭବିଷ୍ୟତରେ ପ୍ଲାଷ୍ଟିକ୍ ସମସ୍ୟାକୁ କମ୍ କରିବାର ଏକ ସୁନ୍ଦର ବିକଳ୍ପ ହେବ ବୋଲି କୁହାଯାଇପାରିବ। ନୂତନ ପ୍ଲାଷ୍ଟିକ୍‌ର ବିଶେଷତ୍ୱ ହେଉଛି, ଏଥିରୁ କୌଣସି ପ୍ରକାର ବିଷାକ୍ତ ପଦାର୍ଥ କିମ୍ବା ମାଇକ୍ରୋପ୍ଲାଷ୍ଟିକ୍ ନିର୍ଗତ ହୁଏ ନାହିଁ। ତେବେ ଏହି ନୂତନ ପ୍ଲାଷ୍ଟିକ୍ ଦେଖିବାକୁ ସାଧାରଣ ପ୍ଲାଷ୍ଟିକ୍ ଭଳି। ଏହାର ଅନ୍ୟତମ ବିଶେଷତ୍ୱ ହେଉଛି ଲୁଣି ପାଣି ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ଛୋଟ ଛୋଟ ଖଣ୍ଡରେ ଭାଙ୍ଗିଯାଏ। ଏହାପରେ ପାଣିରେ ରହୁଥିବା ଜୀବାଣୁଗୁଡ଼ିକ ଏହାକୁ ପୂରାପୂରି ନଷ୍ଟ କରିଦେଇଥାନ୍ତି। ତେବେ ଏହି ନୂତନ ପ୍ଲାଷ୍ଟିକ୍ କେବଳ ସମୁଦ୍ର ଜଳରେ ନୁହେଁ, ଲୁଣିଆ ଭୂମିରେ ବି ଧୀରେ ଧୀରେ ନଷ୍ଟ ହୋଇଯାଏ। ସେହିପରି ଏହି ପ୍ଲାଷ୍ଟିକ୍ ମାଟିରେ ପଡ଼ିବାର ୮ ଦିନ ମଧ୍ୟରେ ଏହା ବିଘଟିତ ହୋଇଥାଏ। ଅନ୍ୟପଟେ ଏହା ବିଷାକ୍ତ ମଧ୍ୟ ନୁହେଁ। ତେଣୁ ଏହାକୁ ଜାଳିଲେ ଏଥିରୁ ଅଙ୍ଗାରକାମ୍ଳ ନିର୍ଗତ ହୁଏ ନାହିଁ। ଏହିପରି ଭାବେ ଏହି ପ୍ଲାଷ୍ଟିକ୍ ପରିବେଶର କ୍ଷତି କରିବ ନାହିଁ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସହ ହସଖୁସିର ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଉଧାର ଟଙ୍କା ଫେରି ପାଇବେ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

## ୫୫ ଦିନ ପରେ ଉଦ୍ଧାର ହେଲେ ନାବାଳିକା

# ଝିଅକୁ ଖୋଜିବାକୁ ପରିବାରକୁ ମାଗୁଥିଲେ ଟଙ୍କା; ଏଏସଆଇ ନିଲମ୍ବିତ

ଭଦ୍ରକ,୧୩।୮ (ସମିସ): ନିଲମ୍ବିତ ହେଲେ ଧାମନଗର ଥାନା ଏଏସଆଇ ନେପାଳ ସାହା। ଜଣେ ନାବାଳିକାଙ୍କ ଅପହରଣ ଘଟଣାରେ କାର୍ଯ୍ୟରେ ଅବହେଳା ଏବଂ ନାବାଳିକାକୁ ଖୋଜିବା ପାଇଁ ପରିବାରକୁ ଟଙ୍କା ମାଗିବା ଅଭିଯୋଗରେ ଏସ୍‌ପି ଏସପି ମନୋଜ କୁମାର ରାଉତ ଶ୍ରୀ ସାହାଙ୍କୁ ନିଲମ୍ବନ କରିଛନ୍ତି। ଘଟଣାରୁ ପ୍ରକାଶଯେ, ଜୁନ ୧୭ ତାରିଖରେ ଭଦ୍ରକ ଜିଲ୍ଲା ଧାମନଗର ଥାନା କାଙ୍କରା ଗ୍ରାମର ଜନୈକା ନାବାଳିକା ଛାତ୍ରୀଙ୍କୁ ସେହି ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ଜଣେ ଯୁବକ ଯୁବକ ଏବଂ ତାର ଦୁଇଜଣ ସାଙ୍ଗଙ୍କ ସହଯୋଗରେ ଅପହରଣ କରି ନେଇଥିବା ଛାତ୍ରୀଙ୍କ ମାଆ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଏଏସଆଇ ନେପାଳ ସାହାଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ; ହେଲେ ତଦନ୍ତକାରୀ ଅଧିକାରୀ ଛାତ୍ରୀ ଏବଂଓ ଅପହରଣ କରିଥିବା ଯୁବକକୁ ଠାବ କରିପାରିନଥିଲେ। ତେବେ ଅଭିଯୋଗର ୫୫ ଦିନ ପରେ ଧାମନଗର ପୁଲିସ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରି ଗତ ୧୧ ତାରିଖ ବିଳମ୍ବିତ ରାତିରେ କେନ୍ଦୁଝର ଜିଲ୍ଲାର ଏକ ଭଡାଘରୁ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ନାବାଳିକାକୁ ଡାକ୍ତର ମାଇନା କରିବା ପରେ ଭଦ୍ରକ ଆସିଆନାରେ ରଖାଯାଇଛି। ଏପଟେ ନାବାଳିକାକୁ ଖୋଜିବାରେ ବିଳମ୍ବ ନେଇ ପରିବାର ଲୋକେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଧାମନଗର ଥାନା ଆଇଆଇସି ଓ ତଦନ୍ତକାରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ୧୧ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତଦନ୍ତକାରୀ ଅଧିକାରୀ ଏଏସଆଇ ନେପାଳ ସାହାଙ୍କୁ ଭଦ୍ରକ ଏସପି ନିଲମ୍ବିତ କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଦୁଇ ସହଯୋଗୀଙ୍କ ମଧ୍ୟରୁ ପୁଲିସ ଜଣକୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ଜଣେ ସହଯୋଗୀ ଫେରାର ଅଛନ୍ତି। ସେମାନଙ୍କୁ ପୁଲିସ ଖୁବଶୀଘ୍ର ଗିରଫ କରିବ ବୋଲି ଏସପି କହିଛନ୍ତି।

**ସୁଭଦ୍ରା ପେଞ୍ଚ**

# ପ୍ରଥମ କିସ୍ତି ଦେଲେ; ଦ୍ୱିତୀୟ କିସ୍ତିକୁ ମାରିଦେଲେ

## ୨୧ ଜୀବିତ ହିତାଧିକାରୀଙ୍କୁ ମୃତ ଦର୍ଶାଇଲା 'ସୁଭଦ୍ରା' ପୋର୍ଟାଲ


ସାକ୍ଷୀଗୋପାଳ,୧୩।୮ (ସମିସ): ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା 'ସୁଭଦ୍ରା' ଯୋଜନାର ଏକ ବଡ଼ ବ୍ୟତିକ୍ରମ ଦେଖାଯାଇଛି ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ୍‌ରେ। ଜୀବିତ ଥିବା ୨୧ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ପୋର୍ଟାଲ୍‌ରେ ମୃତ ବୋଲି ଦର୍ଶାଯାଇଛି। ଫଳରେ ଉକ୍ତ ୨୧ ହିତାଧିକାରୀ ସୁଭଦ୍ରା ସହାୟତାରୁ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟା ସମାଧାନ ନିମନ୍ତେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁନାହିଁ ବୋଲି ଉକ୍ତ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ନୂଆ ସମେଶ୍ୱରପୁର ପଞ୍ଚାୟତର ସୁଭଦ୍ରା ହିତାଧିକାରୀ ପ୍ରତିମା ମିଶ୍ର ସ୍ୱାମୀ ଗଙ୍ଗାଧର ମିଶ୍ର। ୧୯୮୮ରେ ତାଙ୍କର ଜନ୍ମ। ସୁଭଦ୍ରାର ପ୍ରଥମ କିସ୍ତି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସାକ୍ଷୀଗୋପାଳ ବ୍ରାଞ୍ଚରେ ଥିବା ଆକାଉଣ୍ଟ ଜରିଆରେ ସେ ପାଇଥିଲେ। ମାତ୍ର ଦ୍ୱିତୀୟ କିସ୍ତି ଟଙ୍କା ତାଙ୍କ ଆକାଉଣ୍ଟକୁ ଆସି ନ ଥିଲା। ଏ ସମ୍ପର୍କରେ ସେ ଏକ ଜନସେବା କେନ୍ଦ୍ରରେ ବୁଝାସୁଝା କରିଥିଲେ ହେଁ ସେଠାରେ ତାଙ୍କୁ ମୃତ ବୋଲି ଦର୍ଶାଯାଇ ଉକ୍ତ ଯୋଜନାରୁ ତାଙ୍କୁ ବାଦ୍ ଦିଆଯାଇଛି ବୋଲି ଜାଣିବାକୁ ପାଇଥିଲେ। ତୁରନ୍ତ ଏ ସମ୍ପର୍କରେ ସେ ବ୍ଲକ୍‌ରେ ଥିବା ସୁଭଦ୍ରା ହେଲ୍ପ ଡେସ୍କ ସହିତ ଯୋଗାଯୋଗ କରିଥିଲେ। ମାତ୍ର ତାଙ୍କ ଅଭିଯୋଗର କୌଣସି ପ୍ରତିକ୍ରିୟା ଏଯାଏଁ ମିଳିନଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଅଞ୍ଜଳି ପ୍ରଧାନ, ସିପ୍ରା ସାହୁ, ନିବେଦିତା ପ୍ରଧାନ ପ୍ରମୁଖଙ୍କୁ ମୃତ ଦର୍ଶାଇ ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ବଞ୍ଚିତ କରାଯାଇଛି।

ଗତ ଅକ୍ଷୟ ତୃତୀୟା ଦିନ ସତ୍ୟବାଦୀରେ ଅନୁଷ୍ଠିତ ଅଖିମୁଠି ଅନୁକୂଳ ଅବସରରେ ଏକ ସ୍ୱତନ୍ତ୍ର ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ଉକ୍ତ ହିତାଧିକାରୀମାନେ ଏ ସମ୍ପର୍କରେ ଅବଗତ କରିବା ସହ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ଏହା ମଧ୍ୟରେ ଗତ ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଅବସରରେ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ମିଳିସାରିଛି। ଏହି ହିତାଧିକାରୀମାନେ ସୁଭଦ୍ରା ଯୋଜନାରୁ ବଞ୍ଚିତ ରହିଥିବାବେଳେ ଏହି ପ୍ରମୁଖ ସମସ୍ୟାର ସମାଧାନ କରିବା ନିମନ୍ତେ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ କହିଛନ୍ତି, ପ୍ରତିମା ମିଶ୍ର ଏ ସମ୍ପର୍କରେ ଆମ ବିଭାଗରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ମୁଁ ତାଙ୍କର ସମସ୍ତ ପ୍ରମାଣପତ୍ର ଯାଞ୍ଚ କରିବା ସହ ତାଙ୍କ ବିଷୟରେ ସମସ୍ତ ତଥ୍ୟ ଯୋଗାଡ଼ କରି ଘଟଣାର ସତ୍ୟତା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସୁଭଦ୍ରା ଯୋଜନାରେ ସତ୍ୟବାଦୀ ବ୍ଲକ୍‌ରେ ୩୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇସାରିବା ପରେ ସେମାନଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଦର୍ଶାଯାଇଛି। ସେଥିମଧ୍ୟରୁ ଆମ ବିଭାଗ ପକ୍ଷରୁ ପ୍ରତ୍ୟକ୍ଷ ଭାବରେ ଯାଞ୍ଚ କରାଯାଇଥିଲା। ସମୁଦାୟ ୩୧ ମୃତ ହିତାଧିକାରୀଙ୍କ ମଧ୍ୟରେ ଏବେ ୨୧ ଜଣ ଜୀବିତ ରହିଥିବାବେଳେ ୧୦ ଜଣ ହିତାଧିକାରୀଙ୍କର ପ୍ରକୃତରେ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖୁବ୍‌ଶୀଘ୍ର ସଂଶୋଧନ କରାଯିବା ସହ ବାଦ୍ ପଡ଼ିଥିବା ଏହି ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ୍ କରି ସହାୟତା ଅର୍ଥ ପ୍ରଦାନ କରାଯିବ।

■ ବୁର୍ଲା ଭିମସାରରେ ଅଘଟଣ

## ପ୍ରଥମ ମହଲାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା ଉଦ୍ୟମ



ସମ୍ବଲପୁର, ୧୩।୮ (ସମିସ): ବୁର୍ଲା ଭିମସାରରେ ଏକ ଅଘଟଣ ଘଟିଛି। ଜଣେ ରୋଗୀ ଭିମସାର୍ ଡାକ୍ତରଖାନାର ପ୍ରଥମ ମହଲାରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ବରଗଡ଼ ଜିଲ୍ଲା ବିଜେପୁର ଥାନା ଅନ୍ତର୍ଗତ ଭାଟିଗାଁଓର ସୁବୀର ସିରଦାର (୨୮) ବୋଲି ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭିମସାର କାଜୁଆଲଟିରେ ଭର୍ତ୍ତି କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ରାତିରେ ଭାଟିଗାଁଓର ସୁବୀର ସିରଦାର ଏକ ଧାରୁଆ ଅସ୍ତ୍ରରେ ନିଜ ତଣ୍ଟି କାଟି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ତାଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ, ଅବସ୍ଥା ଗୁରୁତର ହେବାରୁ ଆଜି ଭୋର ସକାଳୁ ତାଙ୍କୁ ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ଭିମସାର କାଜୁଆଲଟିରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଷ୍ଟ୍ରେଚରରେ ଅସ୍ତ୍ରୋପଚାର ପାଇଁ ପ୍ରାୟ ସାଢ଼େ ୧୧ଟା ସମୟରେ ପ୍ରଥମ ମହଲାରେ ଥିବା କର୍ଣ୍ଣ, ନାସା ଓ ଗଳା (ଇଏନ୍‌ଟି) ବିଭାଗ ଅସ୍ତ୍ରୋପଚାର କକ୍ଷ ସମ୍ମୁଖକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ପରିବାରବର୍ଗଙ୍କ ସହ ଅପେକ୍ଷା କରିବାକୁ କୁହାଯାଇଥିଲା। ଏହି ସମୟରେ ସେଠାରୁ ସେ କୌଶଳକ୍ରମେ ଖସିଯାଇ ପ୍ରଥମ ମହଲା ଛାତରୁ ତଳକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ସ୍ୱାସ୍ଥ୍ୟ କର୍ମୀ, ସୁରକ୍ଷାକର୍ମୀ ଓ ଅନ୍ୟମାନେ ଉଦ୍ଧାର କରି ଭିମସାରରେ ଭର୍ତ୍ତି କରିଥିଲେ। ଏନେଇ ଭିମସାର ଅଧୀକ୍ଷକ ପ୍ରଫେସର ଲାଲମୋହନ ନାୟକ କହିଛନ୍ତି ଯେ, ସୁବୀରଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ରହିଛି। ସମସ୍ତ ପାରାମିଟର ଷ୍ଟେବୁଲ ହେବାପରେ ଇଏନ୍‌ଟି ବିଭାଗ ଅସ୍ତ୍ରୋପଚାର କରାଯିବ ବୋଲି କହିଛନ୍ତି।

## ହୀରାକୁଦ ଜଳସ୍ତର ୬୧୩.୬୦ ଫୁଟ୍

ସମ୍ବଲପୁର, ୧୩।୮ (ସମିସ): ବୁଧବାର ଅପରାହ୍ଣ ୩ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୬୦ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୨,୧୪୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୪୦,୧୬୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୫,୫୯୦ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୩୬୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୯.୩୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୫.୩୦ ମିମି ବର୍ଷା ହୋଇନଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୭୭ ଫୁଟ୍ ରହିଥିଲା।

■ ଫକୀରମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା

## କୋର୍ଟରେ ପୁଲିସ ସିଡି ଦାଖଲ କରି ନ ପାରିବାରୁ ହେଲାନି ଶୁଣାଣି

ବାଲେଶ୍ୱର,୧୩।୮ (ସମିସ): ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ସହଦେବଖୁଣ୍ଟା ପୁଲିସ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଏବଂ ବିଇଡି ବିଭାଗର ଏଚଓଡ଼ି ସମୀର ସାହୁଙ୍କ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏପରିକି ଗତ ଜୁଲାଇ ମାସ ୧୨ତାରିଖ ଅର୍ଥାତ ଘଟଣା ଦିନ ହିଁ ସହଦେବଖୁଣ୍ଟା ପୁଲିସ ସମୀରକୁ ଗିରଫ କରିଥିଲା। ତେବେ ସେ ଏସଡିଜେଏମ କୋର୍ଟରେ ତାଙ୍କର ବେଲ ପାଇଁ ଆବେଦନ କରିଥିଲେ ହେଲେ ସେଠାରେ ତାଙ୍କର ବେଲ ନା ମଞ୍ଜୁର ହେବାରୁ ତାଙ୍କର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସେ ଚଳିତ ମାସ ୧ତାରିଖରେ ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟରେ ବେଲ ପାଇଁ ଆବେଦନ କରିଥିଲେ। ଏପରିକି ତାଙ୍କର ବେଲ ଆବେଦନ ନମ୍ବର ୬୩୦/୨୦୨୫ ରହିଥିଲା। ଏହି ବେଲ ଆବେଦନ ଉପରେ ୧୨ତାରିଖରେ ତାଙ୍କର ଶୁଣାଣୀ ଥିଲା ଏବଂ ପୁଲିସକୁ ଏନେଇ ସିଡି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ସହଦେବଖୁଣ୍ଟା ପୁଲିସ ମଙ୍ଗଳବାର ସିଡି ଦାଖଲ ନକରିବାରୁ ଜିଲ୍ଲା ଓ ଦୌରା ଜଜ ଆସନ୍ତା୧୮ ତାରିଖରେ ସିଡି ଦାଖଲ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଉକ୍ତଦିନ ତାଙ୍କର ବେଲ ଉପରେ ଶୁଣାଣୀ ହେବ ବୋଲି ଜଣାଯାଇଛି।

**ଆସନ୍ତା ୧୮ ତାରିଖରେ ସିଡି ଦାଖଲ କରିବାକୁ ପୁଲିସକୁ କୋର୍ଟଙ୍କ ନିର୍ଦ୍ଦେଶ**

## ପଞ୍ଚାୟତିରାଜ ବିଭାଗରେ ବାବୁ ପ୍ରୀତି

# ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ

■ ଏମାନେ ଭୋଟ ଚୋରିରୁ ବ୍ଲକ ଚୋରିକୁ ଗଲେଣି: ଅରୁଣ

■ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଅଦାଲତ ଯିବୁ: ଭକ୍ତ

ଭୁବନେଶ୍ୱର,୧୩।୮ (ସମିସ): ରାଜ୍ୟରେ ବିଡିଓଙ୍କୁ କ୍ଷମତାଶାଳୀ କରାଇ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ପୂର୍ବରୁ ୨ ଲକ୍ଷରୁ ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ଫାଇଲରେ ବ୍ଲକ୍ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ବାଧ୍ୟତାମୂଳକ ଥିଲା; ହେଲେ ଏବେ ୨ ଲକ୍ଷରୁ ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ବିଡିଓଙ୍କ ଦସ୍ତଖତରେ ହେବ। ଏଥିପାଇଁ ଆଉ ବ୍ଲକ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ଆବଶ୍ୟକ ପଡ଼ିବ ନାହିଁ। ରାଜ୍ୟ ପଞ୍ଚାୟତିରାଜ ବିଭାଗର ଏପରି ନିଷ୍ପତ୍ତି ପରେ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ରାଜ୍ୟ ସରକାର ଭୟରେ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିଛନ୍ତି ବୋଲି ଉଭୟ ବିରୋଧୀ ଅଭିଯୋଗ କରିଛନ୍ତି। ରାଜ୍ୟର ଅଧିକାଂଶ ବ୍ଲକରେ ଏବେ ବିଜେଡି ସମର୍ଥିତ ଅଧ୍ୟକ୍ଷ ରହିଛନ୍ତି। ତେଣୁ ତଳସ୍ତରରେ ବିଜେପି ସେମାନଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଇବାରେ ବ୍ୟର୍ଥ ହୋଇଛି ଓ ବ୍ଲକ୍‌ଗୁଡ଼ିକରେ ବିଜେପିର କାଟତି ଚଳୁନାହିଁ। ତେଣୁ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଇବାକୁ ସରକାର ପଞ୍ଚାୟତିରାଜ ବ୍ୟବସ୍ଥା ନିୟମରେ ଏହି ବଡ଼ ପରିବର୍ତ୍ତନ କରି ବିଡ଼ିଓଙ୍କ ଜରିଆରେ କାମ ହାସଲ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ଅରୁଣ ସାହୁ ଏହି ନିଷ୍ପତ୍ତିକୁ ବିରୋଧ କରିବା ସହ ସରକାରଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ବର୍ତ୍ତମାନ ଗଣତାନ୍ତ୍ରିକ ପଦ୍ଧତିକୁ ମାରି ଦେବାକୁ ଯାଉଛନ୍ତି। ଏମାନେ ଭୋଟ ଚୋରିରୁ ବ୍ଲକ ଚୋରିକୁ ଗଲେଣି। ବ୍ଲକ୍ ପ୍ରତିନିଧିଙ୍କ କ୍ଷମତା କମାଇ ସମ୍ବିଧାନକୁ ହତ୍ୟା କରୁଛନ୍ତି। ଆମେ ବାବୁଙ୍କ କ୍ଷମତା ହ୍ରାସ କରି ଜନ ପ୍ରତିନିଧିଙ୍କୁ କ୍ଷମତା ଦେବୁ ବୋଲି କହୁଥିଲେ, ମାତ୍ର ଏବେ ଜନପ୍ରତିନିଧିଙ୍କ କ୍ଷମତା ହ୍ରାସ କରି ବାବୁମାନଙ୍କୁ କ୍ଷମତା ଦେଉଛନ୍ତି। ବର୍ତ୍ତମାନ ବିଜେଡିର ୯୦ ଭାଗ ବ୍ଲକ ଅଧ୍ୟକ୍ଷ। ସେମାନଙ୍କୁ ହଟାଇବାକୁ ଉଦ୍ୟମ କରି ବିଫଳ ହେବା ପରେ ଏବେ ଅଧ୍ୟକ୍ଷମାନଙ୍କ କ୍ଷମତା ହ୍ରାସ ଯୋଜନା କରିଛନ୍ତି। ଏପରି କ୍ଷମତା ହ୍ରାସ କରିବା ହତ୍ୟା ସହ ସମାନ। ଏ ନିଷ୍ପତ୍ତି ପରିବର୍ତ୍ତନ ନ ହେଲେ ବ୍ଲକର ଅଧ୍ୟକ୍ଷ କୋର୍ଟର ଆଶ୍ରୟ ନେବେ ବୋଲି ଶ୍ରୀ ସାହୁ କହିଛନ୍ତି।

ପିସିସି ସଭାପତି ଭକ୍ତଚରଣ ଦାସ ଏହି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ପଞ୍ଚାୟତସ୍ତରରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ କ୍ଷମତା ହସ୍ତାନ୍ତର କରାଯାଇଛି। କିନ୍ତୁ ଓଡ଼ିଶା ସରକାର ପଞ୍ଚାୟତ ବ୍ୟବସ୍ଥାର ଖୋଲା ଉଲଂଘନ କରି ନିର୍ବାଚିତ ପ୍ରତିନିଧି ମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବା ପାଇଁ ପ୍ରୟାସ କରିଛନ୍ତି। ଏହା ଏକ ହୀନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଚକ୍ରାନ୍ତ। ପ୍ରଦେଶ କଂଗ୍ରେସ ସରକାରଙ୍କ ଏହି ନିଷ୍ପତ୍ତିକୁ ଦୃଢ ଭାବରେ ବିରୋଧ କରୁଛି। ଏଥିପାଇଁ କଂଗ୍ରେସ ରାଜନୈତିକ ଲଢେଇ ସହ ଆଇନଗତ ଲଢେଇ କରିବ ବୋଲି ପିସିସି ସଭାପତି କହିଛନ୍ତି। ସାମ୍ବିଧାନିକ ଅନୁଷ୍ଠାନ ଗୁଡିକୁ ନଷ୍ଟ କରିବା ଦିଗରେ ବିଜେପି ସବୁବେଳେ କାର୍ଯ୍ୟ କରି ଆସୁଛି। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ଉପେକ୍ଷା କରି ବିଡିଓଙ୍କ ହାତରେ ନିରଙ୍କୁଶ କ୍ଷମତା ପଞ୍ଚାୟତିରାଜ ପରି ପବିତ୍ର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ହତ୍ୟା ଆଉ କିଛି ନୁହେଁ ବୋଲି ଶ୍ରୀ ଦାସ କ୍ଷୋଭର ସହ କହିଛନ୍ତି।

# ୧୭ ଯାଏଁ ବର୍ଷା

ଭୁବନେଶ୍ୱର,୧୩।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏହି ଲଘୁଚାପ ଯୋଗୁ ୧୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି। ବୁଧବାର କଟକ ଭୁବନେଶ୍ୱର ସମେତ ଭାବନୀପାଟଣା, କୋରାପୁଟ, ମାଲକାନଗିରି, ଢେଙ୍କାନାଳ ଆଦି ଜିଲ୍ଲାରେ ବର୍ଷା ହୋଇଛି। ଗୁରୁବାର କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବ, ତେବେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ମଧ୍ୟ ବର୍ଷା ଆଶଙ୍କା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବୁଧବାର ସକାଳ ସୁଦ୍ଧା ଆନ୍ଧ୍ର ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨୨-୨୩ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଦ୍ୱିତୀୟ ଲଘୁଚାପ ଦ୍ୱାରା ରାଜ୍ୟରେ ବିସ୍ତୃତ ଓ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ସୃଷ୍ଟ ଲଘୁଚାପଟି ଉତ୍ତରକୁ ଗତି କରି ୧୬ରେ ଓଡ଼ିଶା ଉପକୂଳ ଏବଂ ୧୯ରେ ପଶ୍ଚିମ ଓଡ଼ିଶା ଅତିକ୍ରମ କରି ଛତିଶଗଡ଼ ଦେଇ ମଧ୍ୟପ୍ରଦେଶ ଯିବାର ସମ୍ଭାବନା ରହିଛି। ଏହାଦ୍ୱାରା ୧୪ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ସହ ବଲାଙ୍ଗିର, ସମ୍ବଲପୁରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇପାରେ। ଅନ୍ୟପଟେ ଚତୁର୍ଥ ସପ୍ତାହରେ ସମ୍ଭାବ୍ୟ ଲଘୁଚାପ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇ ୨୬ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ବା ଆଭ୍ୟନ୍ତରୀଣରେ ରହିବ। ଏହାଦ୍ୱାରା ସେହି ଦକ୍ଷିଣ ଓଡ଼ିଶା ସମେତ ସାରା ରାଜ୍ୟରେ ବର୍ଷା ହେବ। ଅଗଷ୍ଟ ୧୫ରେ ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଜୟପୁର, ସକାଳ ଓଳି ପାଗ ଶୁଖିଲା ରହିବ। ଭୁବନେଶ୍ୱରରେ ସକାଳ ୧୦ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସମ୍ଭାବନା ଅଛି ଓ ମଧ୍ୟାହ୍ନରେ ବର୍ଷାର ସମ୍ଭାବନା ଅଧିକ ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିଥିବା ଯୋଗୁଁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

**ଆଗାମୀ ସପ୍ତାହରେ ପୁଣି ଏକ ଲଘୁଚାପ**

■ ଫାର୍ମାସୀ ଅଫିସର ଓ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି

## ଚୂଡ଼ାନ୍ତ ପରୀକ୍ଷାଫଳ ପରେ ବି ମିଳୁନି ନିଯୁକ୍ତିପତ୍ର

ଭୁବନେଶ୍ୱର, ୧୩।୮ (ସମିସ): ଫାର୍ମାସୀ ଅଫିସର ଓ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ମିଳୁନି। ପ୍ରାୟ ୨ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାର ଚୂଡ଼ାନ୍ତ ପରୀକ୍ଷା ଫଳ ଗତ ଜୁନ୍ ୧୬ରେ ପ୍ରକାଶ ପାଇ ସାରିଛି। ଜିଲ୍ଲାୱାରୀ ନିଯୁକ୍ତି ତାଲିକା ସାର୍ବଜନୀନ ହୋଇଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆଯାଇନି। ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶନର ୨ ମାସ ପରେ ମଧ୍ୟ କାହିଁକି ନିଯୁକ୍ତି ଦିଆଯାଉନି ବୋଲି କୃତୀ ପରୀକ୍ଷାର୍ଥୀମାନେ ପ୍ରଶ୍ନ କରିଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ୨୦୨୩ ଡିସେମ୍ବର ୧୫ରେ ଆଶାୟୀଙ୍କ ଠାରୁ ପ୍ରାର୍ଥିପତ୍ର ଗ୍ରହଣ କରାଯାଇଥିଲା। ଏହାର ପ୍ରାୟ ୮ ମାସ ପରେ ପରୀକ୍ଷା ଏବଂ ଗତ ଜୁନ୍ ୧୬ରେ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଇତି ମଧ୍ୟରେ ପ୍ରାୟ ୨ ମାସ ବିତିଯାଇଥିଲେ ମଧ୍ୟ ମନୋନୀତ ପ୍ରାର୍ଥୀଙ୍କୁ କାହିଁକି ନିଯୁକ୍ତିପତ୍ର ପ୍ରଦାନ କରାଯାଉ ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ସମୟ ଗଡୁଥିବାରୁ ସେମାନଙ୍କ ମଧ୍ୟରେ ଉଭୟ ମାନସିକ ଓ ଆର୍ଥିକ ଚାପ ବଢୁଥିବା ଅଭିଯୋଗ ହୋଇଛି। ଏଣୁ ତୁରନ୍ତ ନିଯୁକ୍ତି ଦେବାକୁ କୃତୀ ପରୀକ୍ଷାର୍ଥୀ ଏବଂ ଫାର୍ମାସିଷ୍ଟ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି।

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା; କ୍ରାଇମ୍‌ବ୍ରାଞ୍ଚକୁ ମିଳିଲା ଗୁରୁତ୍ୱପୂର୍ଣ୍ଣ ତଥ୍ୟ

# ଉପସଭାପତିଙ୍କ ଲାପ୍‌ଟପ୍‌ରୁ ପେନ୍‌ଡ୍ରାଇଭ୍‌ରେ ଯାଇଥିଲା ପ୍ରଶ୍ନପତ୍ର

■ ପେନ୍‌ଡ୍ରାଇଭ୍ ଓ ହାର୍ଡକପିକୁ ନେଇ ପ୍ରଥମେ ନୟାଗଡ଼ ଯାଇଥିଲେ ଜିତନ

■ ପ୍ରଶ୍ନପତ୍ର ଗ୍ରହଣ କରିଥିବା ବିଜୟଙ୍କ ଭାଇ ଅଡୁଆରେ

କଟକ,୧୩।୮ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ ତଥା (ମାଧ୍ୟମିକ ଶିକ୍ଷା ପରିଷଦ) ବୋର୍ଡର ଡାଟାଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ଶିକ୍ଷକ ନେତା ବିଜୟ ମିଶ୍ରଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେଇ ମାରାଥନ ଜେରା କରିଛି କ୍ରାଇମବ୍ରାଞ୍ଚ। ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜେରା ସମୟରେ କ୍ରାଇମବ୍ରାଞ୍ଚ ହାସଲ କରିଛି। ଲିକ୍ ହୋଇଥିବା ପ୍ରଶ୍ନପତ୍ର ପ୍ରଥମେ ନୟାଗଡକୁ ଯାଇଥିଲା। ଉଭୟ ଅଭିଯୁକ୍ତ ଏହା ସ୍ୱୀକାର କରିଛନ୍ତି। କ୍ରାଇମବ୍ରାଞ୍ଚ ଆଗରେ ସେମାନେ ସତ କଥା ମାନିଛନ୍ତି। ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ବୋର୍ଡ ଉପସଭାପତି ନିହାର ମହାନ୍ତିଙ୍କ ଲାପଟପରୁ ମୁଖ୍ୟ କାର୍ପଟଦାର ଜିତନ ମହାରଣା ପେନ୍‌ଡ୍ରାଇଭରେ ଓଟିଇଟି ପ୍ରଶ୍ନକୁ କପି କରିଥିଲେ ଓ ଏହାର ଏକ ହାର୍ଡ କପି ମଧ୍ୟ ସେହି ଠାରେ ବାହାର କରିଥିଲେ। ପରେ ସେ ଏହି ପେନ୍‌ଡ୍ରାଇଭ ଓ ହାର୍ଡ କପିକୁ ବନ୍ଦ ଲଫାଫାରେ ଭର୍ତ୍ତି କରି ନିଜ ଗାଡିରେ ଜଣେ ଡ୍ରାଇଭରଙ୍କୁ ନେଇ ନୟାଗଡ ଅଭିମୁଖେ ଯାଇଥିଲେ। ସେଠାରେ ସେ ଗିରଫ ଅଭିଯୁକ୍ତ ବିଜୟ ମିଶ୍ରଙ୍କ ଭାଇଙ୍କୁ ଏହାକୁ ହସ୍ତାନ୍ତର କରିଥିଲେ। ଏ ସମ୍ପର୍କରେ ଜିତନ ଓ ବିଜୟ ସତ ଉଗାଳିବା ପରେ କ୍ରାଇମବ୍ରାଞ୍ଚ ଆଜି ସମ୍ପୃକ୍ତ ଗାଡିର ଡ୍ରାଇଭର ଓ ଓ ବିଜୟଙ୍କ ଭାଇଙ୍କୁ ପଚରାଉଚୁରା କରିଥିବା ଜଣାପଡିଛି। ତେବେ ଡ୍ରାଇଭର ଜଣକ ଏହି ଘଟଣା ସମ୍ପର୍କରେ ପୂର୍ବରୁ ଜାଣିଥିଲା ନା କେବଳ ନିଜର ପାରିଶ୍ରମିକ ପାଇଁ ଯାଇଥିଲା ତାହାର ଯାଞ୍ଚ କରୁଛି କ୍ରାଇମବ୍ରାଞ୍ଚ। ସେହିଭଳି ବିଜୟଙ୍କ ଭାଇଙ୍କୁ ଯେହେତୁ ଏହି ଲିକ୍ ହୋଇଥିବା ପ୍ରଶ୍ନପତ୍ର ହସ୍ତାନ୍ତର ହୋଇଥିଲା ଏଣୁ ତାଙ୍କ ପାଇଁ ଅଡୁଆ ବଢ଼ିଛି। କାରଣ ବିଜୟଙ୍କ ଭାଇ ସମ୍ଭବତଃ ଜାଣିଥିଲେ ଯେ ଜିତନଙ୍କ ଠାରୁ କଣ ଗ୍ରହଣ କରି କେଉଁ ଠାରେ ଦେବାକୁ ପଡ଼ିବ। କାରଣ ନୟାଗଡରୁ ରାୟଗଡାର ଆମ୍ବଦଳାକୁ ହିଁ ବିଜୟଙ୍କ ଭାଇ ସେହି ଲଫାଫା ନେଇ ଯାଇ ବିଜୟ ଓ ତାଙ୍କ ଅନ୍ୟ ସହଯୋଗୀ ମାନଙ୍କୁ ପ୍ରଦାନ କରିଥିଲେ। ଏଣୁ ବିଜୟଙ୍କ ଭାଇର ଯଦି ଘଟଣାରେ ସିଧାସଳଖ ସମ୍ପୃକ୍ତି ଥିବା ନେଇ ଅନୁମାନ କରାଯାଉଛି। ଏହା ପ୍ରମାଣିତ ହେଲେ ତାଙ୍କୁ ମଧ୍ୟ ଦିନେ ଦୁଇ ଦିନ ଭିତରେ ଗିରଫ କରାଯିବାର ସମ୍ଭାବନା ରହିଛି। ଏହି ଘଟଣାରେ ସମ୍ପୃକ୍ତିରୁ ବର୍ତ୍ତିବା ପାଇଁ ଅଭିଯୁକ୍ତ ଦ୍ୱୟ ବେଶ୍ ଚତୁରତାର ସହ କାର୍ଯ୍ୟ କରିଥିଲେ ବୋଲି ଉଭୟ ବିଜୟ ଓ ଜିତନଙ୍କୁ ଜେରାରୁ ସ୍ପଷ୍ଟ ହୋଇଛି। ବୋର୍ଡ କାର୍ଯ୍ୟାଳୟରୁ ଜିତନ ପ୍ରଶ୍ନପତ୍ରକୁ ପେନ୍‌ଡ୍ରାଇଭରେ କପି କରି ଆଣିବା ପରେ ବିଜୟଙ୍କ ସହ ତାଙ୍କର ଫୋନ ଯୋଗେ ବାର୍ତ୍ତାଳାପ ହୋଇଥିଲା। କିଭଳି ସମସ୍ତଙ୍କ ନଜରରୁ ବର୍ତ୍ତି ସହଜରେ କୋ÷ଣସି ପ୍ରମାଣ ନ ଛାଡି ପ୍ରଶ୍ନପତ୍ରକୁ ଲିକ୍ କରାଯିବ ତାହାର ଉପାୟ ପାଞ୍ଚିଥିଲେ ବିଜୟ। ବିଜୟଙ୍କ ଯୋଜନା ମୁତାବକ ଜିତନ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ ବୋଲି କ୍ରାଇମବ୍ରାଞ୍ଚ ଉଭୟଙ୍କୁ ସାମ୍ନାସାମ୍ନି ଜେରା କରି ଏହା ଜାଣିବାକୁ ପାଇଛି। ଏପରିକି ଏହି ଘଟଣାରେ ବିଜୟଙ୍କ ଭାଇକୁ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ଭାବେ ଗ୍ରହଣ କରି ତାଙ୍କ ସହ ପୂର୍ବରୁ ଗିରଫ ହୋଇଥିବା ଶିକ୍ଷକ, ବୋର୍ଡ ଉପସଭାପତି କିମ୍ବା ଆଉ କାହାର ସମ୍ପର୍କ ରହିଛି ତାହାର ଖୋଳତାଡ କରୁଛି। ଏଥିପାଇଁ ଆବଶ୍ୟକ ହେଲେ ଅନ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି କ୍ରାଇମବ୍ରାଞ୍ଚ ଜେରା କରିପାରେ ବୋଲି ଚର୍ଚ୍ଚା ହେଉଛି।

**ପରିବହନ ବିଭାଗ ବେଫିକର**

# ଦୁଇଗୁଣ ଭଡ଼ା ନେଉଛନ୍ତି ଘରୋଇ ବସ୍

ଭୁବନେଶ୍ୱର, ୧୩।୮ (ସମିସ): ଦିନକେଇଟା ପରେ ପାର୍ବଣ ଋତୁ ଆରମ୍ଭ ହୋଇଯିବ। ସହରରୁ ଗାଁ ଓ ଗାଁରୁ ସହରକୁ ଲୋକମାନଙ୍କ ଯାତାୟତ ବଢ଼ିବ। ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଆଦି ସହରରୁ ଲୋକମାନେ ଗ୍ରାମାଞ୍ଚଳକୁ ବସ୍ ଯୋଗେ ଯିବେ। ଏହି ସମୟରେ ଯାତ୍ରୀଙ୍କ ଭିଡର ଫାଇଦା ଉଠାଉଛନ୍ତି କିଛି ଘରୋଇ ବସ୍। ଏଜେଣ୍ଟଙ୍କ ଜରିଆରେ ନିର୍ଦ୍ଧାରିତ ଭଡ଼ାଠୁ ଅଧିକ ନେଉଛନ୍ତି। ଏମିତିକି ଅନ୍‌ଲାଇନ୍ ଟିକେଟ୍‌ରେ ଅଧିକାଂଶ ସମୟରେ ଯାତ୍ରୀଙ୍କଠୁ ଦୁଇଗୁଣା ଭଡ଼ା ନେବାକୁ ପଛାଉନାହାନ୍ତି। ନିୟମିତ ରାଜଧାନୀରୁ ଦୂରଦୂରାନ୍ତକୁ ଯାତ୍ରା କରୁଥିବା କିଛି ଯାତ୍ରୀ ଏଭଳି ଅଭିଯୋଗ କରିଛନ୍ତି।

ବସିବା ସିଟ୍ ଉପରେ ଥିବା ଏକମାତ୍ର ସ୍ଲିପର୍ ସିଟ୍‌ରେ ଦୁଇଜଣ ଲେଖାଏଁ ଯାତ୍ରୀଙ୍କୁ ନେଇ ଦୁଇଟି ଭଡା ଆଦାୟ କରୁଛନ୍ତି। ସ୍ଲିପର୍‌ରେ ଯେତିକି ଭଡ଼ା ରହିଛି, ତା'ଠୁ ଅଧିକ ଭଡା ଯାତ୍ରୀଙ୍କଠୁ ନିଆଯାଉଛି। ପାର୍ବଣ ସମୟ ଆସିଲେ, ଜାଣିଶୁଣି ଘରୋଇ ବସ୍ ମାଲିକ ଓ କିଛି ଏଜେଣ୍ଟ ବସ୍ ସିଟ୍‌ର କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ପରବର୍ତ୍ତୀ ସମୟରେ ଯାତ୍ରୀମାନଙ୍କଠୁ ଅଧିକ ଭଡ଼ା ନେଇ ବସ୍‌ରେ ସେହି ସିଟ୍ ଦେଉଛନ୍ତି। କେବଳ ଏତିକି ନୁହେଁ ନାଇଟ୍ କୋଚ୍ ବସ୍‌ରେ ଜଣେ ଯାତ୍ରୀଙ୍କ ପାଇଁ ସ୍ଲିପର୍ ବ୍ୟବସ୍ଥା ରହିଛି। ସିଟ୍ ଭଡ଼ାଠୁ ସାମାନ୍ୟ ଅଧିକ ନେଉଛନ୍ତି। ହେଲେ କିଛି ବସ୍‌ରେ ଗୋଟିଏ ସ୍ଲିପର୍ ସିଟ୍‌ରେ ଦୁଇଜଣ ଯାତ୍ରୀଙ୍କୁ ଦୈନିକ ରାଜ୍ୟର ପ୍ରମୁଖ ସହର ଓ ଗାଁରୁ ଶହ ଶହ ଯାତ୍ରୀ ଭୁବନେଶ୍ୱରକୁ ଆସୁଛନ୍ତି। ଭଦ୍ରକ, ଚାନ୍ଦବାଲି, ବାଲେଶ୍ୱର, ବାରିପଦା, ମୟୂରଭଞ୍ଜ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡା, ସାଲେପୁର, କୋରାପୁଟ, ରାୟଗଡା, କଳାହାଣ୍ଡି, ଫୁଲବାଣୀ, ଅନୁଗୋଳ, ଢେଙ୍କାନାଳ ଆଦି ସହରକୁ ରାଜଧାନୀରୁ ଦୈନିକ ଶତାଧିକ ଘରୋଇ ନାଇଟ୍ କୋଚ୍ ବସ୍ ଯାତାୟତ କରିଥାଏ। ବିଶେଷକରି ଦୁର୍ଗା, ଲକ୍ଷ୍ମୀ ଓ କାଳୀ ପୂଜା ସମୟରେ ଦୁଇଗୁଣା ଯାତ୍ରୀ ଯାତାୟତ କରିଥାନ୍ତି। କାଳୀପୂଜା ଓ ଲକ୍ଷ୍ମୀପୂଜା ପାଇଁ ଅନେକ ଯାତ୍ରୀ ଗାଁକୁ ଯାଇଥାନ୍ତି। ଏଥିପାଇଁ ଦେଢ଼ ମାସ ଆଗରୁ ଟିକେଟ୍ ବୁକିଂ ହୋଇଥାଏ। ବିଶେଷକରି ଗ୍ରାମାଞ୍ଚଳକୁ ଯାତାୟତ କରୁଥିବା ବସ୍‌ରେ ଅଧିକ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହି ଅଞ୍ଚଳକୁ ଯାଉଥିବା ବସ୍‌ରେ ଯାତ୍ରୀଙ୍କଠୁ ଭଡ଼ା ଅଧିକ ଆଦାୟ କରାଯାଇଥାଏ। ଅନ୍‌ଲାଇନ୍‌ରେ ବୁକିଂ ହେଉଥିବା ଟିକେଟ୍‌ରେ ଅଫ୍‌ଲାଇନ୍ ଟିକେଟ୍‌ଠାରୁ ଢ଼େର ଅଧିକ ଯାତ୍ରୀଙ୍କଠୁ ନିଆଯାଉଛି। ବେଳେବେଳେ ଦୁଇଗୁଣା ଭଡା ମଧ୍ୟ ନିଆଯାଉଛି। ଏ ସଂକ୍ରାନ୍ତରେ ଯାତ୍ରୀମାନେ ଅନେକ ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିୟମିତ ବ୍ୟବଧାନରେ ବସ୍‌ଗୁଡ଼ିକ ଯାଞ୍ଚ କରାଯାଉ ନଥିବାରୁ କିଛି ବସ୍ ମାଲିକ ମାସ ମାସ ଧରି ଯାତ୍ରୀଙ୍କଠୁ ଲୁଟି ଚାଲିଛନ୍ତି। ଯଦି କୌଣସି ଯାତ୍ରୀ ଶେଷ ମୁହୂର୍ତ୍ତରେ ଟିକେଟ୍ ବାତିଲ କରିବାକୁ ଚାହୁଁଛି, ତାକୁ ତା'ର ଟିକେଟ୍ ଅର୍ଥ ଫେରସ୍ତ କରାଯାଉ ନାହିଁ। ପାର୍ବଣ ସମୟରେ ଅଧିକ ଭଡ଼ା ନେଉଥିବା ବସ୍‌ଲିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

| ନିର୍ଦ୍ଧାରିତ ଭଡ଼ା |
|---|
| ସାଧାରଣ ବସ୍- ଟ. ୦.୮୮/କିମି |
| ଦ୍ରୁତଗାମୀ ବସ୍- ଟ. ୦.୯୨/କିମି |
| ଡିଲକ୍ସ ବସ୍- ଟ. ୧.୨୭/ କିମି |
| ଏସି ଡିଲକ୍ସ ବସ୍- ଟ. ୧.୫୫/କିମି |
| ସୁପର୍ ପ୍ରିମିୟମ୍ ବସ୍- ଟ. ୨.୪୧/କିମି |

# ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବ୍ ପୋର୍ଟାଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଏମ୍‌ଏଲ୍‌ଏ ଲ୍ୟାଡ୍ (ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି) ଓ ସିଏମ୍-ଏସ୍‌ଏ (ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା) ର ସରଳୀକୃତ ମାର୍ଗଦର୍ଶିକାକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହିତ ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମିଗୁଡିକୁ ଶୀଘ୍ର ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ।

ନୂଆ ମାର୍ଗଦର୍ଶିକାରେ ବିଭିନ୍ନ କ୍ଷେତ୍ରକୁ ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡିକୁ ଗ୍ରହଣ କରିବାର ବ୍ୟବସ୍ଥା ଥିବାବେଳେ ଅନାବଶ୍ୟକ ପ୍ରକଳ୍ପଗୁଡ଼ିକୁ ବାଦ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହା ସହିତ ପ୍ରକଳ୍ପର ସୁପାରିସଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ (କାର୍ଯ୍ୟାଦେଶ ପର୍ଯ୍ୟନ୍ତ) ସମୟ ଅବଧି ୩୦ ଦିନ ରଖାଯାଇଛି। ସେହିପରି ପରିବର୍ତ୍ତିତ ସିଏମ୍-ଏସ୍‌ଏ ମାର୍ଗଦର୍ଶିକା ଦ୍ୱାରା ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ନୂତନ ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବପୋର୍ଟାଲରେ ବିଧାୟକମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିସ, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯାଇପାରିବ। ଏହି ପୋର୍ଟାଲ ମାଧ୍ୟମରେ ବିଧାୟକମାନେ ସେମାନଙ୍କର ନିର୍ବାଚନମଣ୍ଡଳୀରେ ସୁପାରିସ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ ଓ ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏହି ପୋର୍ଟାଲରେ ଉପଲବ୍ଧ ହେବ।

# କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କିଶାନ ମୋର୍ଚ୍ଚାର ପ୍ରତିବାଦ ଦିବସ

## ■ ଟ୍ରମ୍ପଙ୍କ ଟାରିଫ ପ୍ରସ୍ତାବକୁ ନିନ୍ଦା



ସମ୍ବଲପୁର,୧୩।୮ (ସମିସ):କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କିଶାନ ମୋର୍ଚ୍ଚାର ଆହ୍ୱାନକ୍ରମେ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଦିବସ ପାଳନ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଅନୁସାରେ, ଆମେରିକା ରାଷ୍ଟ୍ରପତି ଡୋନାଲଟ୍ରମ୍ପ ଭାରତକୁ ଅପମାନିତ କରିବା, ଧମକ ଦେବା ଓ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ କର ଲଗାଇବାକୁ ନିନ୍ଦା କରାଯିବା ସହ ରୁଷିଆରୁ ଭାରତକୁ ଶସ୍ତାରେ ପେଟ୍ରୋଲ ଓ ଅସ୍ତ୍ରଶସ୍ତ୍ର ଆମଦାନୀ ଉପରେ ଜୋରିମାନା ଲଗାଇବା ଧମକକୁ ନାପସନ୍ଦ ଓ ପ୍ରତ୍ୟାଖାନ କରାଯାଇଥିଲା। ପ୍ରଥମେ ଭାରତ ସରକାର ନୀରବ ରହିଥିଲେ ମଧ୍ୟ ଶେଷରେ ସରକାର ଓ ପ୍ରଧାନମନ୍ତ୍ରୀ ତାର ପାଲଟା ଜବାବ ଦେବାରୁ ସ୍ୱାଗତ କରାଯାଇଥିଲା। ଏହା ସତ୍ତ୍ୱେ ଭାରତ ସରକାର ଆମେରିକା ସହ ଦ୍ୱିପାକ୍ଷିକ ରାଜିନାମା କରିବାର ପ୍ରଚେଷ୍ଟା ଓ ଦିଲ୍ଲୀରେ ସଦ୍ୟ ଟେସଲାର ଶୋ ରୁମ୍ ଖୋଲିବା ଦର୍ଶାଉଛି ଯେ ସରକାର ଏଠାରୁ ବିରତ ହୋଇନାହାନ୍ତି। ତେଣୁ ଭାରତର କୃଷି କ୍ଷେତ୍ର, ମାନ୍ୟୁଫେକ୍ଚରିଂ କ୍ଷେତ୍ର, ବେକାର ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସଙ୍କୋଚନକୁ ଗୁରୁତ୍ୱ ଦେଇ ଏଭଳି ପ୍ରଚେଷ୍ଟାରୁ ବିରତି ରହିବା ପାଇଁ ଦାବି କରାଯାଇଥିଲା। ବ୍ରିଟେନ ସହିତ ନିକଟ ଅତୀତରେ ସ୍ୱାକ୍ଷରିତ ବାଣିଜ୍ୟ ରାଜିନାମା ଯାହା ଭାରତର କୃଷି କ୍ଷେତ୍ର, ମାନ୍ୟୁଫେକ୍ଚରିଂ କ୍ଷେତ୍ର ସ୍ୱାସ୍ଥ୍ୟ କ୍ଷେତ୍ର, ବେକାରୀ ସମସ୍ୟାକୁ ପ୍ରଭାବିତ କରିବ, ତାର ପୁନଃ ସମୀକ୍ଷା ଓ ସାଂସଦ ଏହାକୁ ଅନୁମୋଦନ ନକରିବାକୁ ଆହ୍ୱାନ ଓ ନିବେଦନ କରାଯାଇଥିଲା। ପ୍ରତିବାଦ କାର୍ଯ୍ୟକ୍ରମରେ ଗୋକୁଳ ମେହେର, ଗଦାଧର କୁଅଁର, ଲଳିତ ପଟ୍ଟନାୟକ, ଅରୁଣ ଖୁଣ୍ଟିଆ, ମହେଶ୍ୱର ଷଣ୍ଢ, ସଂଜିତ ମହାନ୍ତି, ରୁପେଶ ବାଗ, ଚୁମନ ପ୍ରଧାନ, ଲକ୍ଷ୍ମଣ ଦେହୁରୀ, ସୁଶିଲ ସେଠ୍, ଭାସ୍କର ନାୟକ, ଜୟଦେବ ମିଞ୍ଜି ଅନ୍ୟାନ୍ୟମାନେ ଅଂଶ ଗ୍ରହଣ କରିଥିଲେ।

### ତୃତୀୟ ଦିନରେ ପ୍ରତିବାଦ ବିକ୍ଷୋଭ, କାର୍ଯ୍ୟାଳୟରେ ଅଚଳାବସ୍ଥା

# ସରକାରୀ ଧମକକୁ ଖାତିର ନାହିଁ, ଆନ୍ଦୋଳନରତ ଅମଲା

ସମ୍ବଲପୁର, ୧୩।୮ (ସମିସ):



ଗତ ସୋମବାର ଠାରୁ ରାଜସ୍ୱ ଅମଲାମାନେ ସମୂହ ଛୁଟି ନେଇ ଧାରଣାରେ ବସିଛନ୍ତି। ସମ୍ବଲପୁର ଜିଲ୍ଲା ମହକୁମାର ସହ ସଦର, କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡ ତଥା ବ୍ଲକ ମାନଙ୍କରେ ରାଜସ୍ୱ ଅମଲା ପ୍ରତିବାଦ କରୁଛନ୍ତି। ସରକାରଙ୍କ କର୍ମଚାରୀ ବିରୋଧ ନୀତିକୁ ପ୍ରତିବାଦ ଜଣାଇ ଆନ୍ଦୋଳନ କରୁଛନ୍ତି। ସମସ୍ତ ସରକାରୀ କାର୍ଯ୍ୟାଳୟରେ କାମ ଠପ୍ ହୋଇଯାଇଛି। କାର୍ଯ୍ୟାଳୟ ଗୁଡ଼ିକରେ ଅଚଳାବସ୍ଥା ଦେଖାଦେଇଛି। ସରକାର ସେମାନଙ୍କ ଦାବିପୂରଣ ସକାଶେ ପଦକ୍ଷେପ ଗ୍ରହଣ ନକରି ଛୁଟି ବାତିଲ ଓ ଦରମା ବନ୍ଦ ଧମକ ଦେଇଛନ୍ତି। ତେବେ, ସରକାରୀ ଧମକକୁ ଖାତିର ନକରି ରାଜସ୍ୱ ଅମଲାମାନେ ସେମାନଙ୍କ ଆନ୍ଦୋଳନ ଜାରି ରଖିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ପତ୍ର ସଂଖ୍ୟା ୩୦୪୩୧ ତା ୧୨ ଅଗଷ୍ଟ ୨୦୨୫ ଅନୁଯାୟୀ, ରାଜସ୍ୱ କର୍ମଚାରୀଙ୍କୁ ଛୁଟି ନଦେବାକୁ କୁହାଯାଇଛି। ଏହାସହ ଅନୁପସ୍ଥିତ ଥିବା କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ସହ ଅନଧିକୃତ (ଅନ୍‌ଅଥରାଇଜଡ୍) ଛୁଟି ସକାଶେ ଦରମା ଅଟକାଇବାକୁ ନିର୍ଦ୍ଦେଶ ରହିଛି। କର୍ମଚାରୀମାନଙ୍କ ଅନଧିକୃତ ଅନୁପସ୍ଥିତି ସମୟ ଅବଧିକୁ ସର୍ଭିସ୍ ବୁକ୍‌ରେ ବ୍ରେକ୍ ଇନ୍ ସର୍ଭିସ ଭାବେ ରେକର୍ଡ କରିବାକୁ କୁହାଯାଇଛି। ପୁଣି ସର୍ଭିସ ଓ କଣ୍ଡକ୍ଟ ରୁଲ୍ ଉଲଂଘନ ସକାଶେ କର୍ମଚାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପରୋକ୍ତ ପତ୍ରରେ ନିର୍ଦ୍ଦେଶ ରହିଛି। ଏନେଇ ଆଜି ସାରା ରାଜ୍ୟର ୩୦ଟି ଜିଲ୍ଲାର ସଂଘ କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା ହୋଇଥିବାବେଳେ ଦାବିପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିବା ସମ୍ବଲପୁର ଶାଖା ସୂତ୍ରରୁ ସୂଚନା ମିଳିଛି। ଏନେଇ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କୁ ଯୋଗାଯୋଗ କରିବାରୁ ରାଜସ୍ୱ ଅମଲାମାନଙ୍କ ସମୂହ ଛୁଟି ବାତିଲ କରାଯାଇ ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।

# ଭିସୁଟ୍‌ରେ ଜାତୀୟ ଗ୍ରନ୍ଥାକାରିକ ଦିବସ

ସମ୍ବଲପୁର,୧୩।୮ (ସମିସ): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) କେନ୍ଦ୍ରୀୟ ପାଠାଗାର ପକ୍ଷରୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଯାଇଛି। ଗ୍ରନ୍ଥାଗାର ବିଜ୍ଞାନର ଜନକ ପଦ୍ମଶ୍ରୀ ଡଃ ଏସ୍. ଆର୍. ରଙ୍ଗନାଥନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବାସହ ଗ୍ରନ୍ଥାଗାର ଓ ଗ୍ରନ୍ଥାଗାରିକଙ୍କ ଭୂମିକା ଉପରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଗ୍ରନ୍ଥାଗାରିକ ଡଃ ଅର୍ଚ୍ଚନା ନନ୍ଦ ପଦ୍ମଶ୍ରୀ ଡଃ ଏସ୍. ଆର୍. ରଙ୍ଗନାଥନଙ୍କର ଉଲ୍ଲେଖନୀୟ କୃତିତ୍ୱ ଓ ଅମୂଲ୍ୟ ଅବଦାନ ବିଷୟରେ ବିସ୍ତୃତଭାବେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଭୂତି ଭୂଷଣ ପତି, ବିଶେଷ ଅତିଥି ଭାବେ କୁଳସଚିବ ପ୍ରଦୀପ ଡାଙ୍ଗ ଏବଂ ଆର୍ଥିକ ନିୟନ୍ତ୍ରକ ତୁଳାରାମ କଲେତ ଯୋଗ ଦେଇଥିଲେ। ଡିଜିଟାଲ୍ ଯୁଗରେ ମଧ୍ୟ ପାଠାଗାର ଏବଂ ପାଠାଗାର କର୍ମଚାରୀଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିବାସହ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ପାଠାଗାରର ବହୁଳ ବ୍ୟବହାର ପାଇଁ ପ୍ରୋତ୍ସାହିତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ପ୍ରଫେସର ମୀନକେତନ ସାହୁ ଅତିଥିବକ୍ତା ରୂପେ ଯୋଗଦେଇ ଏକ "କପିରାଇଟ୍ ଇସ୍ୟୁଜ୍ ଆଣ୍ଡ ଚେଲେଞ୍ଜେସ୍ ଇନ୍ ଦି ଏଜ୍ ଅଫ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ରୋଲ୍ ଅଫ୍ ଲାଇବ୍ରେରିଆନ୍ ଇନ୍ କପିରାଇଟ୍ ପ୍ରୋଟେକ୍ସନ' ବିଷୟରେ ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରଦାନ କରିଥିଲେ। ଇମୋଟିକା କ୍ଲବ୍, ଭିସୁଟ୍ ତରଫରୁ ଏକ ନାଟକ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶ୍ରେଷ୍ଠ ଗ୍ରନ୍ଥାଗାର ବ୍ୟବହାରକାରୀ ଭାବେ ଆଦ୍ୟାଶା ପଟ୍ଟନାୟକ, ସୌମ୍ୟ ରଞ୍ଜନ ଦାଶ, ସୋନାଲିକା ମହାନ୍ତି ଓ ପ୍ରତୀକ ଦାଶଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ



ଗ୍ରନ୍ଥାଗାରିକ ଡଃ ଅର୍ଚ୍ଚିତା ନନ୍ଦ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ ପ୍ରଫେସର ଜାହ୍ନବୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ରଗ୍ରନ୍ଥାଗାର ସହାୟକ ଚାନ୍ଦ ଜାଲ, ସୁନାମ ଶଙ୍କର ବେହେରା, ସମୀର ରଞ୍ଜନ ସାମନ୍ତରାୟ, ରାକେଶ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

# ସିଆଇଏସ୍‌ସିଇ ଆଞ୍ଚଳିକ ବାସ୍କେଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ




ସମ୍ବଲପୁର, ୧୩।୮ (ସମିସ): ସ୍ଥାନୀୟ ସେଣ୍ଟ ଜୋସେଫ୍ କନଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲରେ ମଙ୍ଗଳବାର ଆରମ୍ଭ ହୋଇଥିବା ଦୁଇଦିନିଆ ସିଆଇଏସ୍‌ସିଇ ଆଞ୍ଚଳିକ ବାସ୍କେଟ୍‌ବଲ୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଦ୍ୱିତୀୟ ଦିନରେ ବିଭିନ୍ନ ଜୋନରୁ ଆସିଥିବା ବାଳକମାନଙ୍କ ମଧ୍ୟରେ ପ୍ରତିଯୋଗିତା ପ୍ରାତଃସମୟରେ ଆରମ୍ଭ କରାଯାଇଥିଲା। ସମ୍ବଲପୁର ସଦର ପୁଲିସ ଏସ୍‌ଡିପିଓ ତୋଫାନ ବାଗଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଗଣ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ସନ୍ଧ୍ୟା ସମୟରେ ସ୍କୁଲର ପ୍ରଧାନ ଅଧକ୍ଷା ସିଷ୍ଟର ନବ୍ୟା ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ବାସ୍କେଟବଲ ଖେଳ ସମାପନ ଘୋଷଣା କରିଥିଲେ। ପ୍ରତିଯୋଗିତାରେ ମୋଟ ୫ଟି ଜୋନ୍ ଅଂଶଗ୍ରହଣ କରିଥିଲେ। ସେଗୁଡ଼ିକ ହେଲେ ଝାରସୁଗୁଡ଼ା ଜୋନ୍, ବାଲେଶ୍ୱର ଜୋନ୍, ବ୍ରହ୍ମପୁର ଜୋନ୍, ରାଉରକେଲା ଜୋନ୍ ଓ ଭୁବନେଶ୍ୱର ଜୋନ୍। ବିଜେତା ବାଳକ ଓ ବାଳିକା ଦଳ ଆସନ୍ତା ବାସ୍କେଟବଲ୍ ପ୍ରତିଯୋଗିତାରେ ସିଆଇଏସ୍‌ଇ ଓଡ଼ିଶା ଦଳକୁ ପ୍ରତିନିଧିତ୍ୱ କରିବେ।




ବୁଧବାର ବିଭିନ୍ନ ଜୋନ୍‌ର ବାଳକମାନଙ୍କ ଦଳ ଅଣ୍ଡର-୧୪, ଅଣ୍ଡର-୧୭ ଓ ଅଣ୍ଡର-୧୯ ବର୍ଗରେ କୌଶଳ ଓ କ୍ରୀଡ଼ା ମନୋଭାବର ପ୍ରଦର୍ଶନ କରିଥିଲେ। ୧୪ ବର୍ଷରୁ କମ୍ ଫାଇନାଲରେ ବାଲେଶ୍ୱର ଜୋନ୍‌କୁ ହରାଇ ରାଉରକେଲା ଜୋନ୍ ବିଜୟୀ ହୋଇଥିବାବେଳେ ୧୭ ବର୍ଷରୁ କମ୍ ଫାଇନାଲ୍‌ରେ ବ୍ରହ୍ମପୁର ଜୋନ୍‌କୁ ହରାଇ ଭୁବନେଶ୍ୱର ଜୋନ୍ ବିଜୟୀ ହୋଇଛନ୍ତି। ସେହିପରି ୧୯ ବର୍ଷରୁ କମ୍ ଫାଇନାଲରେ ବ୍ରହ୍ମପୁର ଜୋନ୍‌କୁ ହରାଇ ରାଉରକେଲା ଜୋନ ବିଜୟୀ ହୋଇଛି।

ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ।

ମଙ୍ଗଳବାର ଉଦ୍‌ଘାଟନୀ ଦିବସରେ ବିଭିନ୍ନ ଜୋନ୍‌ର ବାଳିକାଙ୍କ ଦଳ ଅଣ୍ଡର-୧୪, ଅଣ୍ଡର-୧୭ ଓ ଅଣ୍ଡର-୧୯ ବର୍ଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୧୪ ବର୍ଷରୁ କମ୍ ଫାଇନାଲରେ ରାଉରକେଲା ଜୋନ୍‌କୁ ହରାଇ ବ୍ରହ୍ମପୁର ଜୋନ୍ ବିଜୟୀ ହୋଇଥିବାବେଳେ ୧୭ ବର୍ଷରୁ କମ୍ ଫାଇନାଲ୍‌ରେ ବାଲେଶ୍ୱର ଜୋନ୍‌କୁ ହରାଇ ଭୁବନେଶ୍ୱର ଜୋନ ବିଜୟୀ ହୋଇଥିଲେ। ସେହିପରି ୧୯ ବର୍ଷରୁ କମ୍ ଫାଇନାଲରେ ଝାରସୁଗୁଡ଼ା ଜୋନ୍‌କୁ ହରାଇ ରାଉରକେଲା ଜୋନ ବାଳିକା ଦଳ ବିଜୟୀ ହୋଇଥିଲେ।

# ଭୀମଭୋଇ ସାହିତ୍ୟ ସଂସଦ ପକ୍ଷରୁ ଗଙ୍ଗାଧର ଜୟନ୍ତୀ



ସମ୍ବଲପୁର,୧୩।୮ (ସମିସ): ଭୀମଭୋଇ ନଗରସ୍ଥିତ ଭୀମଭୋଇ ସାହିତ୍ୟ ସଂସଦ ସଭାକକ୍ଷରେ ସଂସଦର ସଭାପତି ପ୍ରଫେସର ନୌବିହାରୀ ପ୍ରଧାନଙ୍କ ଅଧକ୍ଷତାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଓଡ଼ିଶା ରାଜ୍ୟମୁକ୍ତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ପ୍ରମୋଦ କୁମାର ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଫେସର ପାଢ଼ୀ ତାଙ୍କ ବକ୍ତବ୍ୟରେ ପ୍ରଣୟ ବଲ୍ଲରୀ, ତପସ୍ୱିନୀ ଓ କୀଚକ ବଧରୁ ବିଭିନ୍ନ ଉଦାହରଣର ଅବତାରଣାପୂର୍ବକ ଗଙ୍ଗାଧର ସାହିତ୍ୟର ଗାରିମା ଗାନ କରିଥିଲେ। ସାହିତ୍ୟ ସଂସଦର ବରିଷ୍ଠ ସଦସ୍ୟ ଡଃ ସହଦେବ ରଥ ଗଙ୍ଗାଧର ଜୟନ୍ତୀ ଉତ୍ସବର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଗଙ୍ଗାଧରଙ୍କ କୃତୀ ଉପରେ ରଚିତ ଶାନ୍ତିଲତା ପାଣ୍ଡେଙ୍କ କବିତାକୁ ଶିବାନୀ ସୁନା ପାଠ କରିଥିଲେ। ଶେଷରେ ସଂସଦ ସମ୍ପାଦକ ସରୋଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ଲମ୍ବୋଦର ମିଶ୍ର, ହିମାଂଶୁ ମିଶ୍ର, ଦିଲ୍ଲୀପ କୁମାର ବୋଷ, ଡଃ ବାଲ୍ମିକୀ ଦାଶ, ସୌଭାଗ୍ୟ ପଟେଲ, ଅଭୟ ତରାଇ, ଓଁକାର ଭୋଇ, ଅଜୟ ନନ୍ଦ, ବିଶ୍ୱେଶ୍ୱର କୁଲାରୀ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

### ଗ୍ଲୋବାଲ କର୍ମଶାଳାରେ ହାର୍ଭାର୍ଡ ବିଜନେସ୍ ସ୍କୁଲ ବିଶେଷଜ୍ଞ

# 'ଏ ଆଇ' ଶିକ୍ଷାରେ ନୂଆ ଦିଗନ୍ତ ଆଣୁଛି ଆଇଆଇଏମ୍

ସମ୍ବଲପୁର,୧୩।୮ (ସମିସ):



ଆଇଆଇଏମ୍ ସମ୍ବଲପୁରରେ ଦୁଇ ଦିନିଆ ହାର୍ଭାର୍ଡ ବିଜନେସ୍ ଇମ୍ପାକ୍ଟ 'ଟିଚିଂ ୱିଥ୍ କେସେସ୍'ସେମିନାର ଆୟୋଜିତ ହୋଇଛି। ହାର୍ଭାର୍ଡ ବିଜନେସ୍ ପବ୍ଲିସିଂ ଏଜୁକେସନ ସହଯୋଗରେ ଆୟୋଜିତ ସେମିନାର ବୁଧବାର ଓ ଗୁରୁବାର ଦିନ ଅନୁଷ୍ଠିତ ହେବ। କର୍ମଶାଳାରେ ଆଇଆଇଏମ୍ ସମ୍ବଲପୁରର ଅଧ୍ୟାପକ ଓ ପିଏଚ୍‌ଡି ଗବେଷକମାନେ ଅଂଶଗ୍ରହଣ କରିଛନ୍ତି। ଯେଉଁଠାରେ ବିଶ୍ୱ-ପ୍ରସିଦ୍ଧ ହାର୍ଭାର୍ଡ କେସ୍-ଭିତ୍ତିକ ଶିକ୍ଷଣ ପ୍ରଣାଳୀରେ ଗଭୀର ତାଲିମ ଦିଆଯାଇଥିଲା। ଅଂଶଗ୍ରହଣକାରୀ ମାନଙ୍କୁ ଇଣ୍ଟର୍‌ଆକ୍ଟିଭ୍ ଆଲୋଚନା, ବାସ୍ତବ କେସ୍ ଅଧ୍ୟୟନ ଓ ଦଳୀୟ କାର୍ଯ୍ୟକଳାପ ମାଧ୍ୟମରେ ହାର୍ଭାର୍ଡ କେସ୍ ଟିଚିଂ ପ୍ରଣାଳୀର ପ୍ରାୟୋଗିକ ଅଭିଜ୍ଞତା ବିଷୟରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା। ସେମିନାରର ଗୁରୁତ୍ୱପୂର୍ଣ୍ଣ ବିଷୟ ଜେନେରେଟିଭ୍-ଏଆଇ ରହିଥିଲା। କିପରି ଏଆଇ ଟୁଲ୍‌ଗୁଡ଼ିକ ସିଦ୍ଧାନ୍ତ ଗ୍ରହଣରେ ସହଯୋଗ କରି, ଶକ୍ତିଶାଳୀ ବିଶ୍ଳେଷଣ ମାଧ୍ୟମରେ ଭଲ ଶିକ୍ଷା ପରିଣାମ ପ୍ରଦାନ କରିପାରେ ସେ ଦିଗରେ ଅଧ୍ୟାପକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଘାଟନୀ ସମାରୋହରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର୍ ମହାଦେବ ଜୟସ୍ୱାଲ୍ କହିଥିଲେ, ହାର୍ଭାର୍ଡ ବିଜନେସ୍ ପବ୍ଲିସିଂ ଏଜୁକେସନ ସହିତ ଏହି ସେମିନାର୍ ଆୟୋଜନ କରିବାରେ ଆମେ ଗର୍ବିତ। ଆଜିର ଯୁଗରେ ଏଆଇ ଗୋଟିଏ 'ଇକ୍ୱାଲାଇଜର୍', ଯାହା ବିଭିନ୍ନ ଭାବନାକୁ ଏକତ୍ର କରିପାରେ। ଆମେ ସମସ୍ତେ ଏଆଇର ବିପ୍ଳବୀୟ ପରିବର୍ତ୍ତନ ସଚେତନ ଅଛୁ। ଏଆଇ ଓ ଦ୍ରୁତ ବ୍ୟାପାରିକ ପରିବର୍ତ୍ତନର ଏହି ଯୁଗରେ, ସୃଜନଶୀଳତା, ସଂସ୍କୃତି, ଏବଂ ବ୍ୟାପାରର ମାନବୀୟ ପକ୍ଷରେ ଗୁରୁତ୍ୱ ଦେବା ଆବଶ୍ୟକ ଯେଉଁଠାରେ ଏଆଇ ଆମକୁ ପରିବର୍ତ୍ତନ କରିପାରିବ ନାହିଁ। ସେମିନାରରେ ହାର୍ଭାର୍ଡ ବିଜନେସ୍ ସ୍କୁଲ ବିଜନେସ ଏଡମିନିଷ୍ଟ୍ରେସନର ଜୁନିଅର ପ୍ରଫେସର ଭି.ଜି. ନାରାୟଣନ୍, ହାର୍ଭାର୍ଡ ବିଜନେସ୍ ପବ୍ଲିସିଂ ଦକ୍ଷିଣ ଏସିଆ ଏବଂ ମଧ୍ୟ ପୂର୍ବର ନିର୍ଦ୍ଦେଶକ ଦ୍ୱିବେଶ୍ ମେହତା, ରାହୁଲ୍ ରାୟ, ଷ୍ଟ୍ରାଟେଜିକ ରିଲେସନସିପ ମ୍ୟାନେଜର, ହାର୍ଭାର୍ଡ ବିଜନେସ୍ ପବ୍ଲିସିଂ ଏବଂ ପ୍ରିୟମ୍ବଦା ସାରସ୍ୱତ, ସିନିୟର ରିସର୍ଚ୍ଚ ଏବଂ ସେଲ୍ସ ସପୋର୍ଟ ସ୍ପେଶାଲିଷ୍ଟ, ହାର୍ଭାର୍ଡ ବିଜନେସ୍ ଇମ୍ପାକ୍ଟ ଏଣ୍ଟରପ୍ରାଇଜ ଯୋଗ ଦେଇଥିଲେ। ଅତିଥି ମାନେ ଛାତ୍ରଛାତ୍ରୀ, କର୍ମଚାରୀ ଓ ଅଧ୍ୟାପକମାନଙ୍କୁ "ଏଆଇ ଯୁଗରେ ବ୍ୟାପାରିକ କ୍ୟାରିୟର ପ୍ରସ୍ତୁତି' ବିଷୟରେ ସମ୍ବୋଧିତ କରିଥିଲେ।

# ମହିଳା ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ସମ୍ବଲପୁର, ୧୩।୮ (ସମିସ) : ସରକାରୀ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗ ଓ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ ପକ୍ଷରୁ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଶ୍ଳୋକ ପାଠ, ପ୍ରବନ୍ଧ ପ୍ରତିଯୋଗିତା, ବ୍ୟାକରଣ, ଶୁଦ୍ଧ ସଂସ୍କୃତ ଲିଖନ, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତା ସଂସ୍କୃତ ବିଭାଗ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବ ଅଧକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁଃଶାସନ ବିଶ୍ୱାଳ ଯୋଗ ଦେଇଥିଲେ। ବକ୍ତା ପ୍ରଫେସର ବିଶ୍ୱାଳ ପ୍ରାଚୀନ ମନ୍ତ୍ରଶକ୍ତିର କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଗୀତାପାଠ , ଗାୟତ୍ରୀମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ରର ଯଥୋଚିତ ଉଚ୍ଚାରଣ ଆମକୁ ବହୁବିଧ ରୋଗରୁ ମୁକ୍ତି ପ୍ରଦାନ କରିଥାଏ ଏବଂ ମାନସିକ ଶକ୍ତିର ବିକାଶ କରିଥାଏ ବୋଲି କହିଥିଲେ। ଅନ୍ୟତମ ଆଲୋଚକ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ସଂଯୋଜକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ସଂସ୍କୃତ ଭାଷାର ଅବକ୍ଷୟ ଦିଗରେ ଇଂରେଜ ଶାସନର ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଭାରତୀୟ ଜ୍ଞାନ ପରମ୍ପରାକୁ ଜାଣିବା ପାଇଁ ସଂସ୍କୃତ ଭାଷା ଏକ ସେତୁ ବୋଲି ଉଲ୍ଲେଖ କରିଥିଲେ। ନାକ୍ ସଂଯୋଜକ ଅଧ୍ୟାପକ ଅଖିଳ ବିଶ୍ୱାଳ ପ୍ରାଚୀନ ଜ୍ଞାନ ପରମ୍ପରାକୁ ଆଧୁନିକମୁଖୀ କରିବାକୁ ହେଲେ ସଂସ୍କୃତ ଭାଷାର ସହାୟତା ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ରାଜକିରଣ ମିଶ୍ର ଅତିଥି ପରିଚୟ ଓ ସଂସ୍କୃତ ପକ୍ଷର ଆଭିମୁଖ୍ୟ ଜ୍ଞାପନ କରିଥିଲେ। ସଂସ୍କୃତ ବିଭାଗର ଅଧ୍ୟାପକ ସନାତନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ନନ୍ଦିନୀ ମୁଣ୍ଡା, ରଞ୍ଜୁଲା ପ୍ରଧାନ ଏବଂ ଦେବସ୍ମିତା ନାୟକ ସମସ୍ତ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ।

# ଗଣନାକାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ରେଞ୍ଜସ୍ତରୀୟ ତାଲିମ

ସମ୍ବଲପୁର, ୧୩।୮ (ସମିସ):ପାନ୍ଥନିବାସର ସମ୍ମିଳନୀ କକ୍ଷରେ କୃଷି ଓ ପଶୁ ଜାତୀୟ ଦ୍ରବ୍ୟର ମୂଲ୍ୟ ପରିସଂଖ୍ୟାନ ସଂଗ୍ରହ ପାଇଁ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ୧୩ ଓ ୧୪ ତାରିଖ ଆୟୋଜିତ ହେଉଛି। ତାଲିମ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ମଣ୍ଡଳ ଅଧିନସ୍ଥ ଅନୁଗୋଳ, ଝାରସୁଗୁଡ଼ା, କେନ୍ଦୁଝର, ନୂଆପଡ଼ା, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାର ୨୭ ଜଣ ଗଣନାକାରୀ ଏବଂ ୫ ଜଣ ପର୍ଯ୍ୟବେକ୍ଷକ ଯୋଗ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଓଡ଼ିଶା ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଉତ୍ତର ରେଞ୍ଜର ଯୁଗ୍ମ ନିର୍ଦ୍ଦେଶକ (ପରିସଂଖ୍ୟାନ) ଦ୍ୱାରା ଆୟୋଜିତ ହୋଇଛି। ରାଜ୍ୟରେ କୃଷି ସାମଗ୍ରୀ, ପଶୁପାଳନ ଏବଂ ପଶୁ ଉପଜାତ ଦ୍ରବ୍ୟ ପାଇଁ ମୂଲ୍ୟ ପରିସଂଖ୍ୟାନ ସଂଗ୍ରହ କରାଯାଏ। ଏହି ଯୋଜନା ଅଧୀନରେ, କୃଷି ଅମଳ ମୂଲ୍ୟ, ଉତ୍ପାଦକଙ୍କ ମୂଲ୍ୟ ଏବଂ ପାଇକାରୀ ମୂଲ୍ୟ ସଂଗ୍ରହ କରାଯାଏ। ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟର ୩୦ ଗୋରୁ ବଜାର ଏବଂ ରାଜ୍ୟର ୫୮ ସବ୍-ଡିଭିଜନସ୍ଥିତ ୧୧୬ ଗ୍ରାମୀଣ ବଜାରରୁ ଏହି ମୂଲ୍ୟ ତଥ୍ୟ ସଂଗ୍ରହ କରାଯାଏ। ପୂର୍ବରୁ ମୂଲ୍ୟ ତଥ୍ୟ କାଗଜ କଲମ ମୋଡରେ ସଂଗ୍ରହ କରାଯାଉଥିଲାବେଳେ ଏବେ ରାଜ୍ୟ ସରକାର ମୋବାଇଲ୍ ଆପ୍ ବ୍ୟବହାର କରି ଡିଜିଟାଲ ମୋଡ୍ ମାଧ୍ୟମରେ ସମସ୍ତ କ୍ଷେତ୍ର ତଥ୍ୟ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ବିଶ୍ୱ ବ୍ୟାଙ୍କ ସହାୟତାରେ ରାଜ୍ୟ କ୍ଷମତା ଏବଂ ସ୍ଥିର ବିକାଶ ନୀତି କାର୍ଯ୍ୟକ୍ରମ (ଓଏସ୍‌ସିଆର୍‌ଜିପି) ଅଧୀନରେ, ରାଜ୍ୟ ସାରା ସମସ୍ତ ଯୋଜନା ଅଧୀନରେ ତଥ୍ୟ ସଂଗ୍ରହକୁ ଡିଜିଟାଲ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସମ୍ବଲପୁରର ଉତ୍ତର ରେଞ୍ଜର ଅତିରିକ୍ତ ନିର୍ଦ୍ଦେଶକ ସଞ୍ଜୟ ନନ୍ଦ କାର୍ଯ୍ୟକ୍ରମର ଅଧକ୍ଷତା କରିଥିବାବେଳେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟରୁ ଆସିଥିବା ପ୍ରଶିକ୍ଷକ ଯଥା ଉପନିର୍ଦ୍ଦେଶକ ଡଃ ଅଶ୍ୱିନ ମଲ୍ଲିକ, ପରିସଂଖ୍ୟାନ ଅଧିକାରୀ ରଶ୍ମି ରଞ୍ଜନ ସାହୁ ଏବଂ ବିଶ୍ୱ ବ୍ୟାଙ୍କ ପିଏମ୍‌ସି ଦଳର ସୌରଭ ପାଢୀ ଓ ସୁମିତ ଦାସ ପ୍ରଶିକ୍ଷାର୍ଥୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମକୁ ଉପନିର୍ଦ୍ଦେଶକ ପ୍ରକାଶ ଦେଓ ଏବଂ ସହକାରୀ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ସାହୁଙ୍କ ପରିଚାଳନା କରିଥିଲେ।

# ୩ ଚୋରି ଗାଡ଼ି ଜବତ, ୨ ଗିରଫ



ସମ୍ବଲପୁର,୧୩।୮ (ସମିସ):ଟାଉନ ଥାନା ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗୁଜୁରାଟି କଲୋନୀରୁ ଚୋରି ହୋଇଥିବା ୨ଟି ବାଇକ୍ ଓ ଗୋଟିଏ ସ୍କୁଟି ଉଦ୍ଧାର କରିଛି। ଏହି ମାମଲାରେ ସିଦ୍ଧେଶ୍ୱରବେର୍ଣ୍ଣାର ରିଙ୍କୁ ବାରିକ(୩୬) ବାହାଲପଡ଼ାର ଦୁର୍ଜେ ଦୀପ(୨୩)କୁ ଗିରଫ କରିଛି।ସେମାନଙ୍କ ନିକଟରୁ-ଓଡି୧୫ଏନ-୫୧୧୩), ଓଡି ୧୫ଜି-୭୨୫୦ ଓ ଓଆର୧୫ଆର-୨୩୮୩ ଉଦ୍ଧାର କରିଛି। ଗାଡ଼ି ଚେକିଂ ସମୟରେ ଧରାପଡିଥିବା ସୂଚନା ମିଳିଛି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ସମ୍ବଲପୁର, ୧୩।୮ (ସମିସ) : ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଆଜି ସକାଳେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାକୁ ନେଲସନ ମାଣ୍ଡେଲା ଛକଠାରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ବାଇକ୍ ଶୋଭାଯାତ୍ରାରେ ସମ୍ବଲପୁର ଜନସାଧାରଣଙ୍କ ସହିତ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନେ ନିଜେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ନେଲସନ ମାଣ୍ଡେଲା ଛକରୁ ବାହାରି ଲକ୍ଷ୍ମୀଟକିଜ ଛକ, ମୁଦିପଡ଼ା ଛକ, କ୍ଷେତରାଜପୁର ଜଙ୍କସନ୍ ଛକ, ସର୍ଭିସ ରୋଡ, ଅନାମିକା ପାର୍କ ଦେଇ ସମଲେଶ୍ୱରୀ ମନ୍ଦିର ପାର୍କିଂସ୍ଥଳରେ ସମାପନ ହୋଇଥିଲା। ବାଇକ୍ ଶୋଭାଯାତ୍ରା ସହିତ ଦମକଳ ବାହିନୀ ଗାଡ଼ି, ଆମ୍ବୁଲାନ୍ସ ଆଦି ସାମିଲ ହୋଇଥିଲେ।

# ବିଜେପି ସାକ୍ଷୀ ଗୋପୀନାଥ ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ସମ୍ବଲପୁର, ୧୩।୮ (ସମିସ):ବିଜେପି ସାକ୍ଷୀ ଗୋପୀନାଥ ମଣ୍ଡଳ ପକ୍ଷରୁ ଆଜି ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ଗିରୀଶ ପଟେଲଙ୍କ ନିର୍ଦ୍ଦେଶକ୍ରମେ ମଣ୍ଡଳ ସଭାପତି ବଳରାମ ମହାପାତ୍ରଙ୍କ ନେତୃତ୍ୱରେ ଶୋଭାଯାତ୍ରାଟି ଧନୁପାଲି ଛକରୁ ଆରମ୍ଭ ହୋଇ ଜେଲ ଛକ ଦେଇ ସହିଦ ଛକ ପର୍ଯ୍ୟନ୍ତ ଯାଇଥିଲା। ତ୍ରିରଙ୍ଗା ଶୋଭାଯାତ୍ରାରେ ଜାତୀୟ ପତାକାର ସମ୍ମାନ, ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ଦେଶଭକ୍ତିର ଭାବନାକୁ ପ୍ରଚାର କରାଯାଇଥିଲା। ୧୦୦ ମିଟର ବିଶିଷ୍ଟ ତ୍ରିରଙ୍ଗା ସହ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ହାତରେ ତ୍ରିରଙ୍ଗା ଝଣ୍ଡା ରହିଥିଲା। ଶୋଭାଯାତ୍ରା ଜେଲ ଛକରେ ପହଞ୍ଚିବା ସମୟରେ ବିଜେପି ମହାନଦୀ ମଣ୍ଡଳର ଶତାଧିକ କର୍ମୀ ରାଲିରେ ଯୋଗ ଦେଇଥିଲେ। ସହିଦ ସ୍ତମ୍ଭରେ ଜିଲ୍ଲା ସଭାପତି ଗିରୀଶ ପଟେଲ ଓ ମଣ୍ଡଳ ସଭାପତି ବଳରାମ ମହାପାତ୍ର ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ "ହର ଘର ତିରଙ୍ଗା' କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ନିଗମାନନ୍ଦ ମହାନ୍ତି, ସାକ୍ଷୀ ଗୋପୀନାଥ ମଣ୍ଡଳର ପୂର୍ବତନ ମଣ୍ଡଳ ସଭାପତି ସରୋଜ ଘଡେଇ, ବରିଷ୍ଠ ନେତା ପ୍ରଦୀପ ବହିଦାର, କାର୍ତ୍ତିକ ବହିଦାର, ରବି ପଣ୍ଡା, ପ୍ରଦୀପ ବେହେରା, ଦେବାଶିଷ ପୁରୋହିତ, ରାଜା ବରାଡ, ଜଗନ୍ନାଥ ଆଚାର୍ଯ୍ୟ, ସନ୍ତୋଷ ସାହୁ, ସୌରଭ ରଞ୍ଜନ ମହାପାତ୍ର, ରୁପେଶ ଶ୍ରୀବାସ, ସୁରଜ ଗୁରୁ ପ୍ରମୁଖ ବହୁ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।

# ଏନ୍‌ଏସ୍‌ସିବି ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ସମ୍ବଲପୁର, ୧୩।୮ (ସମିସ) : ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ଆଜି ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଉପଲକ୍ଷେ ତ୍ରିରଙ୍ଗା ଯାତ୍ରା ଭାରପ୍ରାପ୍ତ ଅଧକ୍ଷ ଡଃ ଶ୍ୟାମ ଭୋଇଙ୍କ ନେତୃତ୍ୱରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଅନୁଷ୍ଠାନରୁ ଧନୁପାଲି, ମହାବୀରପଡ଼ା, ପୁଟିବନ୍ଧ ଆଦି ଅଞ୍ଚଳରେ ହର୍ ଘର୍ ତ୍ରିରଙ୍ଗା ନାରା ସହିତ ୫୦ ମିଟର ତ୍ରିରଙ୍ଗା ଧରି ପରିକ୍ରମା କରିଥିଲେ। ଅନୁଷ୍ଠାନର ସମସ୍ତ ବିଭାଗ କର୍ମଚାରୀ ଏବଂ ପୋଲିସ, ଟ୍ରାଫିକ୍ ପୋଲିସ ସହଯୋଗ କରିଥିବାବେଳେ ଏନ୍‌ସିସି ଅଧିକାରୀ ଅଧ୍ୟାପକ ସୁଜିତ ପଧାନ, ହର୍ଷିତା ସ୍ୱାଇଁ, ଏନ୍‌ଏସ୍‌ଏସ୍ ଅଧିକାରୀ ସୁରେଶ ଏକ୍କା, ମେଞ୍ଜା ପୂର୍ତ୍ତି, ସତ୍ୟପ୍ରକାଶ ଟୁଡୁ, ରୋଜାଲି ସେଠ, ରେଡକ୍ରସ ଅଧିକାରୀ ମିଲି ସାହୁ, ସନ୍ଧ୍ୟାରାଣୀ କୁଅଁର ଇକୋ କ୍ଲବ ଅଧିକାରୀ ମିନତି ଛତ୍ରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆସନ୍ତାକାଲି ମହାବିଦ୍ୟାଳୟରେ ଦେଶାତ୍ମବୋଧ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହେବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

# ଜାତୀୟ କୃମି ନାଶକ ଦିବସ



ଦେବଗଡ଼,୧୩।୮ (ସମିସ): ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ସାହୁ ପିଲାମାନଙ୍କୁ କୃମି ବଟିକା ଖୁଆଇବା ସହ ଏହା କୃମି ସଂକ୍ରମଣକୁ ନିୟନ୍ତ୍ରଣ କରିବ ବୋଲି ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ଅଙ୍ଗନବାଡି ମାଧ୍ୟମରେ କୃମି ନାଶକ ବଟିକା ଓ ସିରପ ମାଗଣାରେ ପ୍ରଦାନ କରାଯାଉଛି । ଏକ ବର୍ଷରୁ ୧୯ ବର୍ଷ ପିଲାଙ୍କୁ ମାଗଣାରେ କୃମି ଔଷଧ ଯୋଗାଇ ଦିଆଯାଉଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଧନଞ୍ଜୟ ମହନ୍ତ, ଡ.ପ୍ରଭାତ ଓଝା, ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଡିପିଏମ ସୁଶାନ୍ତ ପ୍ରହରାଜ, ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ, ସ୍କୁଲ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଜିଲ୍ଲା ଚିକିତ୍ସାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଇଞ୍ଜିନିୟରିଂ ସ୍କୁଲରେ ଜାତୀୟ ମହାକାଶ ଦିବସ

ଝାରସୁଗୁଡ଼ା,୧୩।୮ (ସମିସ): ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲରେ ଜାତୀୟ ମହାକାଶ ଦିବସ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ପାଳିତ ହୋଇଯାଇଛି । ସୋମବାର ଉଦ୍‌ଘାଟନୀ ସଭାରେ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ, ଭିସୁଟ ବୁର୍ଲା ଉପକୁଳପତି ପ୍ରଫେସର ଦୀପକ ସାହୁ, ବୈଜ୍ଞାନିକ ଡ.ଏକେ ଘୋଷ ଏବଂ ଇଞ୍ଜିନିଅରିଂ ସ୍କୁଲ ପ୍ରାଧାନଆଚାର୍ଯ୍ୟ ରୀନା ଦାସ ମଞ୍ଚାସୀନ ଥିଲେ। ଏହା ସହିତ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାକୃତିକ ସମ୍ପଦ ପରିଚାଳନା, ନ୍ୟାଭିଗେସନ୍, ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ, ରିମୋଟ୍ ସେନ୍ସିଂ, ଦୁର୍ଘଟନା ପରିଚାଳନା, ସଞ୍ଚାର ଇତ୍ୟାଦି କ୍ଷେତ୍ରରେ ମହାକାଶ ପ୍ରୟୋଗର ଲାଭ ସାଧାରଣ ଲୋକଙ୍କୁ ପହଞ୍ଚାଇବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଥିଲା । ମଙ୍ଗଳବାର ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପ୍ରତିଯୋଗିତାର ବିଜେତାମାନଙ୍କୁ ବିପିୟୁଟି ଉପକୁଳପତି ଅମିୟ ରଥଙ୍କ ହସ୍ତରେ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ମିଥ ପରମାର, ଟି. ବେଙ୍କଟା ରମଣ ରେଡ୍ଡି ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ବ୍ରଜରାଜନଗରରେ ମହିଳା ଏବଂ ଶିଶୁ ସୁରକ୍ଷା ଶିବିର

ଝାରସୁଗୁଡ଼ା,୧୩।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଶିକ୍ଷା ନିକେତନରେ ଜିଲ୍ଲା ପୁଲିସ ପକ୍ଷରୁ ମହିଳା ଏବଂ ଶିଶୁ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ଝାରସୁଗୁଡ଼ା ଏସପିଙ୍କ ସହ ଜିଲ୍ଲା ପୁଲିସର ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇ ମହିଳା ଏବଂ ଶିଶୁ ସୁରକ୍ଷା ପାଇଁ ବିଭିନ୍ନ ନିୟମ ବିଷୟରେ ଅବଗତ କରାଇଛନ୍ତି । ମହିଳା ଏବଂ ଶିଶୁ ମାନେ ନିଜ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ସାହସ ଜୁଟାଇ ସ୍ୱର ଉତ୍ତୋଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ହ୍ୟୁମାନ ଟ୍ରାଫିକିଂ, ଚାଇଲ୍ଡ ପର୍ନୋଗ୍ରାଫି, ଶିଶୁ ଶ୍ରମିକ, ସାଇବର କ୍ରାଇମ, ନାରୀ ନିର୍ଯାତନା, ଯୌତୁକ ନିର୍ଯାତନାରୁ କିପରି ସୁରକ୍ଷିତ ରହିବେ ସେଥିପାଇଁ ଅବଗତ କରାଇଥିଲେ। ଏହାସହ ଏପରି ବିପଦର ସମ୍ମୁଖୀନ ହେଲେ ଏହା ବିରୋଧରେ କିପରି ଆଇନର ସାହାଯ୍ୟ ନେଇ ନ୍ୟାୟ ପାଇ ପାରିବେ ସେବିଷୟରେ ସଚେତନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଯାତ୍ରା



ଝାରସୁଗୁଡ଼ା,୧୩।୮ (ସମିସ): ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଜିଲ୍ଲାରେ ତ୍ରିରଙ୍ଗା ଯାତ୍ରା, ମେଳା ଓ କନସର୍ଟ ଅନୁଷ୍ଠିତ ହୋଇଛି। ତ୍ରିରଙ୍ଗା ସାଇକେଲ ଶୋଭାଯାତ୍ରା ଓ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିଲା । ଏଥିରେ ଜିଲ୍ଲାପାଳ ତଥା ଜାତୀୟ ଦିବସ ପାଳନ କମିଟି ଅଧ୍ୟକ୍ଷ କୁଣାଳ ମୋତିରାମ ଚହ୍ୱାଣ, ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ବହୁଳ ସଂଖ୍ୟାରେ ଜନସାଧାରଣ, ବୁଦ୍ଧିଜୀବୀ, ଆଇନଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଗଣ ଯୋଗ ଦେଇଥିଲେ। ସାଇକେଲ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ମନମୋହନ ସ୍କୁଲ ଓ ସେଠାରୁ ଏମ୍‌ସିଏଲ୍ ଅଡିଟୋରିଅମକୁ ପ୍ରତ୍ୟାବର୍ତ୍ତନ କରିଥିଲା। ସେହିପରି ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଏମ୍‌ସିଏଲ୍ ଅଡିଟୋରିଅମ ପର୍ଯ୍ୟନ୍ତ ଯାଇଥିଲା। ସନ୍ଧ୍ୟାରେ ଏମ୍‌ସିଏଲ୍ ଅଡିଟୋରିଅମଠାରେ ତ୍ରିରଙ୍ଗା କନସର୍ଟ ଅନୁଷ୍ଠିତ ହୋଇଥିଲା। ସକାଳ କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ । ସେହିପରି ସନ୍ଧ୍ୟା କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା ଓ ସୁଧାଂଶୁ ଦୋରା, ଝାରସୁଗୁଡା ବିଧାୟକଙ୍କ ପ୍ରତିନିଧି ବିମଳେନ୍ଦୁ ଭୋଳଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଧିରାଜ ପୁଷ୍ଟିଙ୍କ ସଂଯୋଜନାରେ ସହରର ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ● ବ୍ରଜରାଜନଗର ମହାବିଦ୍ୟାଳୟ

ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦିଆ ଯାଇଥିବା 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ତଥା ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ବ୍ରଜରାଜନଗର ମହାବିଦ୍ୟାଳୟରେ ଭବ୍ୟ ଏବଂ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ ସାହୁଙ୍କ ମାର୍ଗଦର୍ଶନରେ ଶୋଭାଯାତ୍ରା କରାଯାଇଥିଲା । ବ୍ରଜରାଜନଗର ମହାବିଦ୍ୟାଳୟ ପରିସରରୁ ବାହାରି ଖଳିଆକାନି ଖେଳ ପଡିଆ ଦେଇ ଖଳିଆକାନି ଗାଁ ପରିକ୍ରମା କରିବା ସହ ମୁଖ୍ୟ ମାର୍ଗ ଦେଇ ମହାବିଦ୍ୟାଳୟ ସମ୍ମୁଖରେ ସମାପନ ହୋଇଥିଲା । ହାତରେ ତ୍ରିରଙ୍ଗା ପତାକା ନେଇ ଶୋଭାଯାତ୍ରାରେ ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ମାନେ ଭାରତ ମାତା କୀ ଜୟ, ବନ୍ଦେ ମାତରଂ ସ୍ଲୋଗାନ ଦେଇ ଚାଲିଥିଲେ। ଶୋଭାଯାତ୍ରା ସମାପନ ଅବସରରେ ଛାତ୍ରଛାତ୍ରୀଙ୍କୁ ଗ୍ଲୁକୋଜ, ପାଣି ଏବଂ ଜଳପାନ ବଣ୍ଟନ କରାଯାଇଥିଲା । ତ୍ରିରଙ୍ଗା ଶୋଭାଯାତ୍ରାକୁ ସଫଳ କରିବାରେ ପ୍ରାଧ୍ୟାପକ ଭାଗିରଥି ତ୍ରିପାଠୀ, ଅଧ୍ୟାପିକା ପଦ୍ମାବତୀ ମହାପାତ୍ର, କବିତା ସାହୁ, ଅଧ୍ୟାପକ ଅନୁପ ଗୁଲସନ ଲାକ୍ରା, ଅମିତ ସାହୁ, ପ୍ରେମ ସାଗର ବାଗ, ଡିକେ ସୁତାର, ଆଶିଷ ଅବସ୍ଥୀ, ପ୍ରକାଶ ପଟ୍ଟନାୟକ, ଚଣ୍ଡୀ ପ୍ରସାଦ ଦାଶ, ଦୀପକ ରାୟ, ହରେକୃଷ୍ଣ ମହାପାତ୍ର, ଇନ୍ଦ୍ରମଣି ରଣା, ଶୁଭମ ରଣା, ସୁନିଲ ପ୍ରମୁଖଙ୍କ ସମେତ ଅନେକ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀଙ୍କ ସହଯୋଗ ରହିଥିଲା ।




■ ଅନ୍ଧ ନାବାଳିକା ଦୁଷ୍କର୍ମ ଘଟଣା

# ଦୋଷୀକୁ ଆଜୀବନ ଜେଲ୍

ଝାରସୁଗୁଡ଼ା,୧୩।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଞ୍ଚଳରେ ଜଣେ ଅନ୍ଧ ନାବାଳିକା ସହ ଦୁଷ୍କର୍ମ କରିଥିବା ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡ ସହ ୧୦ ହାଜର ଟଙ୍କା ଆର୍ଥିକ ଦଣ୍ଡାଦେଶ ହୋଇଛି। ଫାଇନ ଅନାଦେୟ ହେଲେ ଦୋଷୀକୁ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ପୀଡିତା ନାବାଳିକାଙ୍କୁ କ୍ଷତିପୁରଣ ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ୨୭ ଜଣ ସାକ୍ଷୀ ଏବଂ ୩୨ଟି ଦସ୍ତାବେଜ ଆଧାରରେ ଝାରସୁଗୁଡା ଅତିରିକ୍ତ ଜିଲ୍ଲା ଦୌରା ଜଜ ତଥା ପକସୋ ଜଜ ଝାରସୁଗୁଡା ଏହି ରାୟ ଦେଇଛନ୍ତି। ମାମଲା ରୁଜୁ ହେବାର ମାତ୍ର ୯୯ ଦିନରେ ଏହି ରାୟ ଶୁଣାଇ ଦିଆ ଯାଇଛି। ଗତ ମେ' ୨ ତାରିଖ ଅନ୍ଧ ନାବାଳିକା ଜଣକ ଅଭିଯୁକ୍ତଙ୍କ ଘରକୁ ଟିଭି ଶୁଣିବାକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କ ସହ ଦୁଷ୍କର୍ମ କରିଥିଲା। ଏନେଇ କାହାକୁ ନକହିବା ପାଇଁ ଧମକ ଦେଇଥିଲା। କିନ୍ତୁ ନାବାଳିକା ଜଣକ ତାଙ୍କ ବାପାଙ୍କୁ ଘଟଣା ବିଷୟରେ କହିଥିଲେ।

ପରେ ମେ' ୬ ତାରିଖ ସେମାନେ ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏନେଇ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ମାମାଲାର ଶୁଣାଣି କରି କୋର୍ଟ ଅଭିଯୁକ୍ତକୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ପୀଡିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୁରଣ ପ୍ରଦାନ କରାଯାଇଥିବା ପୁଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

## ହକିର ବିକାଶ ପାଇଁ କ୍ରୀଡ଼ା ସଚିବଙ୍କ ସହ ଆଲୋଚନା

ଝାରସୁଗୁଡ଼ା,୧୩।୮ (ସମିସ): ଝାରସୁଗୁଡ଼ା ଜିଲ୍ଲାରେ ମାତ୍ର ୩ ବର୍ଷ ଅବଧି ମଧ୍ୟରେ ହକି ଖେଳର ବିକାଶ ପାଇଁ ସ୍କୁଲ, କଲେଜ ଓ କ୍ଲବ୍‌କୁ ସାମିଲ କରି ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିର ଓ ପ୍ରତିଯୋଗିତା ଗୁଡିକ ଆୟୋଜନ କରାଯାଉଛି। ଓଡ଼ିଶାରେ ଝାରସୁଗୁଡ଼ା ଜିଲ୍ଲା ପ୍ରଥମ କରି ୫-ଏ ସାଇଟ୍ ଜୁନିୟର ବାଳିକା ଆନ୍ତଃରାଜ୍ୟ ପ୍ରତିଯୋଗିତା ସଫଳତା ସହିତ ସମ୍ପାଦନ କରି ବିଶେଷ ପରିଚୟ ସୃଷ୍ଟି କରି ପାରିଛି । ଜିଲ୍ଲାରେ ହକି ଆଷ୍ଟ୍ରୋଟପ ପଡ଼ିଆର ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ବର୍ତ୍ତମାନ ପଡିଆରେ ଦର୍ଶକ ମାନଙ୍କର ବସିବା ପାଇଁ



ଗ୍ୟାଲେରୀ, କ୍ରୀଡ଼ା ଛାତ୍ର ନିବାସ ନିର୍ମାଣକୁ ଗୁରୁତ୍ୱ ଦିଆଯାଇ ନାହିଁ । ଜିଲ୍ଲା ହକି ଆସୋସିଏସନର ସଦସ୍ୟ ତଥା ହକି ଆସୋସିଏସନ ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ସଚିବ ସଚିନ ରାମଚନ୍ଦ୍ର ଯାଦବଙ୍କୁ ତାଙ୍କ ଅଫିସ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ସାକ୍ଷାତ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲାର ଦୁଇବର୍ଷର ମୁଖପତ୍ର ପ୍ରଦାନ କରିବା ସହିତ ଜିଲ୍ଲାରେ ହକିର ଉନ୍ନତି ପାଇଁ ବିସ୍ତୃତ ଆଲୋଚନା କରିଥିଲେ । ଏହା ସହିତ ଜିଲ୍ଲା ହକି ଷ୍ଟାଡିୟମକୁ ପରିଦର୍ଶନ କରିବା ପାଇଁ ଆମନ୍ତ୍ରଣ କରିଥିଲେ । ଶ୍ରୀ ଯାଦବ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ବହୁ ଶୀଘ୍ର ଝାରସୁଗୁଡ଼ା ଗସ୍ତ କରିବେ ବୋଲି ପ୍ରତିଶୃତି ପ୍ରଦାନ କରିଥଲେ ।

## ମିରର୍ ଥିଏଟରର ପ୍ରତିଷ୍ଠା ଦିବସ




ଝାରସୁଗୁଡ଼ା,୧୩।୮ (ସମିସ): ଓଡ଼ିଶାର ସୁପ୍ରସିଦ୍ଧ ନାଟ୍ୟ ଅନୁଷ୍ଠାନ ବେଲପାହାଡ ମିରର ଥିଏଟର ପକ୍ଷରୁ ଅନୁଷ୍ଠାନର ୩୩ ତମ ପ୍ରତିଷ୍ଠା ଦିବସ ଉତ୍ସବ ବୁଧବାର ପାଳିତ ହୋଇଯାଇଛି । ପ୍ରଥମ ସୋପାନରେ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀ ପକ୍ଷରୁ ସିଏସ୍‌ଆର୍ ପାଣ୍ଠି ଯୋଗେ ମିରର୍ ଥିଏଟରର ଅଡିଟୋରିଅମ ନିର୍ମାଣ ପାଇଁ ଶିଳାନ୍ୟାସ ସ୍ଥାପନ ହୋଇଥିଲା । ବରେଣ୍ୟ ଅତିଥି ଭାବେ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀର ଅଧିକାରୀ ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, କାଉନସିଲର କହ୍ନେଇ ସେଠ, ବିଭୀଷଣ ରାଉତ, ଅଧ୍ୟାପକ ଶ୍ରୀକର ଭୋଇ, ନାଟ୍ୟବିତ ପ୍ରସନ୍ନ ଦାଶ, ବୃକ୍ଷର ବନ୍ଧୁ ପ୍ରତିଷ୍ଠାତା ଜେନାମଣି ସେଠ, ନାଟ୍ୟ ନିର୍ଦ୍ଦେଶକ ଅନନ୍ଦ ମହାକୁଡ, ଶରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ନିର୍ଦ୍ଦେଶକ ଡ.ସୁବାସ ଚନ୍ଦ୍ର ପ୍ରଧାନ ମିରର ଥିଏଟରର ପ୍ରତିଷ୍ଠା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିବା ବେଳେ ସରୋଜ ମିର୍ଦ୍ଧା ସଭା ପରିଚାଳନା ଓ ଧନ୍ୟବାଦ ଜ୍ଞାପନ କରିଥିଲେ।

ଦ୍ୱିତୀୟ ସୋପାନରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ବିଭାଗ ପକ୍ଷରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଜରିଆରେ 'ନାଟକର ଦାର୍ଶନିକ ଦୃଷ୍ଟିକୋଣ' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା । ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ମନୋଜ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ବରେଣ୍ୟ ଅତିଥି ଭାବେ ରାଉରକେଲାର ନାଟ୍ୟକାର ରାଜୀବ ପାଣି, ସମ୍ବଲପୁରର ନାଟ୍ୟକାର ବ୍ରଜେନ୍ଦ୍ର ନାଏକ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟା ଶିବପ୍ରିୟା ମିଶ୍ର, ବଲାଙ୍ଗିରର ନାଟ୍ୟବିତ ଡ.ଶ୍ୟାମସୁନ୍ଦର ପାଣ୍ଡେ, ଲେଖକ ବିରାଟରାଜା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିରାଟରାଜା ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ। ତୃତୀୟ ସୋପାନରେ 'ଆମ ଚିନ୍ତନ....ଆମ କବିତା' ଶୀର୍ଷକ କବିତା ଆସର ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ଅତିଥି ଭାବେ ଟିଆରଏଲ କ୍ରୋସାକି କମ୍ପାନୀର ଅଧିକାରୀ ଡ. ସନ୍ତୋଷ ମିଶ୍ର, କ୍ଷୀରୋଦ କୁଅଁର, ଫଣିନ୍ଦ୍ର ସାହୁ, ରାମଚନ୍ଦ୍ର ମେହେର, ମିନତୀ ମହାପାତ୍ର, ଶ୍ରୀକର ଭୋଇ, ସୁରେଶ ପ୍ରଧାନ, ଡା. ଦିଲୀପ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । । କାର୍ଯ୍ୟକ୍ରମ ଆୟୋଜନରେ ଜେନାମଣି ସେଠ, ଶ୍ରୀକର ଭୋଇ, ଡ.ଦିଲୀପ ନାଏକ, ସୁରେଶ ପ୍ରଧାନ, ଠାକୁର ପ୍ରଧାନ, ସରୋଜ ମିର୍ଦ୍ଧା, ଥବିର କାଲୋ, ସରସ୍ୱତୀ ପ୍ରଧାନ, ଆଶିଷ ମହାନ୍ତି, ବିରାଟରାଜା ପ୍ରଧାନ, ସଞ୍ଜୟ ମହାରଣା, ମାଳତୀ ଭଇଁଶାଳ, ଡ.ଶ୍ୟାମସୁନ୍ଦର ପାଣ୍ଡେ, ରଞ୍ଜିତା ବିଶ୍ୱାଳ, ମମତା ମାଇତୀ, ମନୋଜ ମେହେର, ସୁଶାନ୍ତ ମହାରଣା, ସୌଭାଗ୍ୟ ରଞ୍ଜନ ସାହୁ, ଲବ ପ୍ରଧାନ, ସୋନିଆଁ ବେହେରା, ବିନୟ ପ୍ରଧାନ, ଭବେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ଗଙ୍ଗାଧର ମେହେର ଜୟନ୍ତୀ

### ● ବିକାଶ ଡିଗ୍ରୀ ମହାବିଦ୍ୟାଳୟ

ବରଗଡ଼,୧୩।୮ (ସମିସ): ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଡିଗ୍ରୀ ମହାବିଦ୍ୟାଳୟ ଦ୍ୱାରା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୩ତମ ଜୟନ୍ତୀ ପାଳନ କରାଯାଇଛି । ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଇଂରାଜୀ ପ୍ରାଧ୍ୟାପକ ତଥା ସାହିତ୍ୟ ବିଶାରଦ ଡ.ଉମେଶଚନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ମିଶ୍ର ଉତ୍ସବର ସଭାପତିତ୍ୱ କରିଥିଲେ। ବିକାଶ ଛାତ୍ରକଲ୍ୟାଣ ଡିନ୍ ଆର୍‌ଏସ୍‌ଭି କ୍ରିଷ୍ଣା ମଞ୍ଚାସୀନ ଥିବାବେଳେ ଅଧ୍ୟାପକ ସୁରଜ ପଣ୍ଡା, ସୁଦାମ ମିଶ୍ର ଏବଂ ସମସ୍ତ ବିଭାଗୀୟ କୋଅର୍ଡିନେଟର ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ଏହି ଉପଲକ୍ଷେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ କୁମାରୀ ଯାଜ୍ଞସେନୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ସାହିତ୍ୟ ପ୍ରେମୀ ଯୋଗ ଦେଇଥିଲେ। ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ମୁଖ୍ୟବକ୍ତା ଡ.ଉମେଶଚନ୍ଦ୍ର ମହାପାତ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥୁଲା । ଅଧ୍ୟାପିକା ସ୍ୱାଗତିକା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ● ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟ

ସେହିପରି ବରଗଡ଼ ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ପ୍ରାର୍ଥନା ସଭାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଗଙ୍ଗାଧର ସାହିତ୍ୟ ଉପରେ ନିଜର ମତାମତ ଦେଇଥିଲେ । ଉପାଧ୍ୟକ୍ଷ ଡ.ମନୋଜ ତ୍ରିପାଠୀ ଗଙ୍ଗାଧର ସାହିତ୍ୟ ଓ ଇଂରାଜୀ କବି ଊଡସ୍ ୱର୍ଥଙ୍କ ମଧ୍ୟରେ ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ସିବିଏସ୍‌ଇ ଏ ପ୍ରଦୀପ ସାହୁ ଓ ସମସ୍ତ ସିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।



### ● ଜେନିଥ ଲାୟନ୍ସ ଗୁରୁକୁଳ

ପଦ୍ମପୁର: ପଦ୍ମପୁରର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଜେନିଥ ଲାୟନ୍ସ ଗୁରୁକୁଳରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି । ଉତ୍ସବରେ ମୁଖ୍ୟ ଅତିଥି ତଥା ବକ୍ତା ଭାବେ ଅଧ୍ୟାପକ ସୁଶାନ୍ତ ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ମନୋଜ ପଣ୍ଡା ତାଙ୍କର ଅଭିଭାଷଣରେ ସ୍ୱଭାବ କବି ଗଙ୍ଗାଧର ସମସ୍ତ ଭାଷାର କବିମାନଙ୍କଠୁ ଅତି ଉଚ୍ଚରେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସନ୍ତୋଷ ବେହେରା ସଂଯୋଜନା କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ରଞ୍ଜିତ କୋଚାରି ଧନ୍ୟବାଦ ଅର୍ପଣ କରିଥିଲେ।

### ● ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ପଦ୍ମପୁର: ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମହାସମାରୋହରେ ପାଳନ କରାଯାଇଛି । ଅଧ୍ୟକ୍ଷା ପଦ୍ମିନୀ ଦାସଙ୍କ ପୌରହିତ୍ୟରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମେଲଛାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ.ପ୍ରଦୀପ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଏବଂ ପଦ୍ମପୁର ମେହେର ସ୍ମୃତି ପରିଷଦ ସମ୍ପାଦକ ଶେଷଦେବ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ । ପ୍ରଧାପିକା ମମତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ସଂଯୋଜନା କରିଥିଲେ। ଅଧ୍ୟାପିକା ଅମିତା ପତି ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଆଭାମୟୀ ଶତପଥୀ, ଉର୍ମିଳା ପଣ୍ଡା, ପ୍ରମୋଦ ବିଶି, ଦିଲ୍ଲୀପ ବେହେରା, ଯୁବରାଜ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ମେହେର ସାହିତ୍ୟ କୃତୀ ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ● ବରପାଲି ଶିକ୍ଷାନୁଷ୍ଠାନ

ବରପାଲି: ବରପାଲି ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମହସମାରୋହରେ ପାଳିତ ହୋଇଯାଇଛି। ବରପାଲି ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରଛାତ୍ରୀ ଗଙ୍ଗାଧରଙ୍କ ରଚିତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ଡ.ବିଶ୍ୱନାଥ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ସୁଶୀଳ ଶତପଥୀ ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟବକ୍ତା ଭାବେ ଏବଂ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ଉମାଶଙ୍କର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର ବିଜିତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡ.ନୀଲମ ଦେବତା, ଗଣେଶ ମିଶ୍ର, ଅଧ୍ୟାପିକା ଦେବାଙ୍ଗିନୀ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ମହାବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଯୁକ୍ତିନିର କୃତୀ ଛାତ୍ରୀ ମାନସୀ ବେହେରାଙ୍କୁ ଅର୍ଥ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଅଧ୍ୟାପକ ଉତ୍ତର ଗଡତିଆ ସଭାକୁ ସଂଯୋଜନା କରିଥିବା ବେଳେ ଡ.ସମ୍ବିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଧିରୋଜ ତ୍ରିପାଠୀ, ଅରୁଣ ବାରିକ, ଅଲେଖ ମହାନନ୍ଦ, ଗୌରଚନ୍ଦ୍ର ପଧାନ, ଅଶୋକ ପଧାନ, ଭଗବାନ ମହାନନ୍ଦ, ବିଜୟ ମିଶ୍ର, ବିଭୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସେହିପରି ଜଗବନ୍ଧୁ ଦାଶ ମାଧ୍ୟାମିକ ଉଚ୍ଚ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଦୀପ ମେହେରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଖେଳ ଶିକ୍ଷୟିତ୍ରୀ ବନ୍ଦିତା ପଧାନ ସଂଯୋଜନା କରିଥିଲେ। କବି ଗଙ୍ଗାଧର ମେହେରଙ୍କ ଜୀବନୀ ଓ କାବ୍ୟ କବିତାକୁ ପାଥେୟ କରି କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଅତିଥି ମାନଙ୍କ ଦ୍ୱାରା ବିଜୟୀ ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ପ୍ରଧାନ ଯୋଗ ଦେଇଥିଲେ। ଅଧ୍ୟାପକ ସୁଧାଂଶୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଅନ୍ତର୍ଯ୍ୟାମି ପଣ୍ଡା, ନିବେଦିତା ବେହେରା, ସୁରେନ୍ଦ୍ର ଦିପ, ରବିନ୍ଦ୍ର ସାହୁ, ପ୍ରକାଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଆନନ୍ଦ ବେହେରା ଓ କାଲୁ କୁମ୍ଭାର ସହଯୋଗ କରିଥିଲେ ।

କଦଲିପାଲି ଜେଡି ସ୍ନାତକ ମହିଳା ମହାବିଦ୍ୟାଳୟରେ ମଧ ସ୍ୱଭାବ କବିଙ୍କ ଜନ୍ମ ଜୟନ୍ତୀ ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଆ ବିଭାଗ ମୁଖ୍ୟ ଯତୀନ୍ଦ୍ର ସାହୁଙ୍କ ସଂଯୋଜନାରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ମେହେର ସମ୍ମାନିତ ଅତିଥି ଭାବେ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଆଦର୍ଶ ଶିକ୍ଷକ ଗୋପାଳ ପ୍ରଧାନ ଯୋଗ ଦେଇଥିଲେ। ସହକର୍ମୀ ଶଶାଙ୍କ ଶେଖର ପଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷା ବିଭାଗର ଅଧ୍ୟାପିକା ମନୀଷା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ପ୍ରାଚୀର ପତ୍ରିକା ତପସ୍ୱିନୀ ନବ୍ୟ ଭାବେ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ନେପାଲ ବିଶ୍ୱାଳ, ସାର୍ଥକ ପାଣିଗ୍ରାହୀ ଅଧ୍ୟାପିକା ଜ୍ୟୋତି ସାହୁ, ପୁନମ ସାହୁ, ସସ୍ମିତା ମେହେର, ଶୋଭାବତୀ ଥପା, ପରିଣୀତା ପଧାନ, ଯାଜ୍ଞସେନୀ ପଟେଲ ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ପ୍ରମୁଖ ସହଯୋଗ କରିଥିଲେ।



### ● ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ

ଦହିତା: ଦହିତା ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ସଭାପତିତ୍ୱରେ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ମକରଧ୍ୱଜ ବଗାର ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷୟିତ୍ରୀ ନନ୍ଦିନୀ ମିଶ୍ର ଯୋଗ ଦେଇ ଗଙ୍ଗାଧର ମେହେରଙ୍କ କୃତୀ ବିଷୟରେ ଆଲୋଚନା କରିଥିଲେ। ଶିକ୍ଷକ କ୍ଷୀରୋଦ୍ର ନାଥ ସାହୁ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ କିଶୋର କୁମ୍ଭାର, ପୁରନ୍ଦର ଭୋଇ, ଦୀପକ ସିଂ ବରିହା, ତ୍ରିଲୋକେଶ ବରିହା, ତୁଷାର ରଞ୍ଜନ ପାଣିଗ୍ରାହୀ, ଶିକ୍ଷୟିତ୍ରୀ ଅଞ୍ଜଳି ବେହେରା, ସୋନାଲିକା ଶବର, ପୂଜା ସାହୁ, ମନୀଷା ବେଶ୍ରା ସହଯୋଗ କରିଥିଲେ । ଶେଷରେ ଶିକ୍ଷକ କ୍ଷୀରୋଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ● ମାଣ୍ଡୋସିଲ ଡିଗ୍ରୀ ମହାବିଦ୍ୟାଳୟ

ପାଇକମାଳ: ପାଇକମାଳ ବ୍ଲକ୍ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିନୟରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ଜମଲା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସ୍ୱାଧୀନ ଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଓଡ଼ିଆ ଅଧ୍ୟାପକ ଡ.ଅମରେଶ ଠାକୁର ଗଙ୍ଗାଧରଙ୍କ ତପସ୍ୱିନୀ ଓ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଗୀତାଞ୍ଜଳିର ତୁଳନାତ୍ମକ ଆଲୋଚନା କରିଥିଲେ। ସଭାକୁ ଶିକ୍ଷା ବିଭାଗ ଅଧ୍ୟାପକ ପୁଷ୍ପକାନ୍ତ ସାହୁ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ରୋହିତ ପ୍ରଧାନ, ଗୁରୁ ଚରଣ ବଣ୍ଡା, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ଧନ୍ୟବାଦ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ପ୍ରତିଯୋଗୀଙ୍କ ସହିତ ଯୁଦ୍ଧ ଯେପରି ଅପରିହାର୍ଯ୍ୟ, ପ୍ରତିବେଶୀଙ୍କ ସହିତ ବନ୍ଧୁତା ସେପରି ଜରୁରୀ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ମେଲେରିଆ କମ୍ପନ

ରୋଗ ସଂକ୍ରମଣକୁ ଏକ ନିୟନ୍ତ୍ରିତ ସ୍ଥିତିରେ ରଖିବାକୁ ହେଲେ ନିବାରଣ ବା ନିରାକରଣକୁ ଅଧିକ ପ୍ରାଧାନ୍ୟ ଦେବା ଜରୁରୀ। ମେଲେରିଆ ଓ କଲେରା (ହଇଜା) ଭଳି ବ୍ୟାଧିକୁ ନିୟନ୍ତ୍ରଣ କରାଯାଇପାରିଛି କେବଳ ପାନୀୟ ଉପଯୋଗୀ ବିଶୁଦ୍ଧ ଜଳଯୋଗାଣ ଓ ପରିବେଶଗତ ସନ୍ତୁଳନ ରକ୍ଷା ମାଧ୍ୟମରେ। ଏକ୍ଷେତ୍ରରେ ଆମ ରାଜ୍ୟ କିନ୍ତୁ ଏକ ବ୍ୟତିକ୍ରମ। ନିକଟରେ ଯାଜପୁର ଜିଲ୍ଲାରେ ଦୂଷିତ ପାନୀୟ ଜଳ ଯୋଗୁଁ ଝାଡ଼ାବାନ୍ତି ସହ ହଇଜା ସଂକ୍ରମିତ ହୋଇଥିଲା। ନିକଟରେ ହସ୍ତଗତ ହୋଇଥିବା ଏକ ରିପୋର୍ଟରୁ ପ୍ରକାଶ ଯେ ଆମ ରାଜ୍ୟରେ ମେଲେରିଆ ରୋଗୀଙ୍କ ସଂଖ୍ୟା ଦେଶରେ ସର୍ବାଧିକ। ଜୁନ ଶେଷସୁଦ୍ଧା ୬ ମାସ ମଧ୍ୟରେ ମେଲେରିଆ ରୋଗୀଙ୍କ ସଂଖ୍ୟା ୩୬,୩୮୮ ଅତିକ୍ରମ କରିଛି। ଏହି ରୋଗ ସଂକ୍ରମଣର ବାହକ ହେଲେ ମଶା। ବର୍ଷା ଋତୁରେ ମଶାଙ୍କ ବଂଶବୃଦ୍ଧି ଘଟିଥାଏ। ଏବେ ଯେଉଁ ପରିସଂଖ୍ୟାନ ସାମ୍ନାକୁ ଆସିଛି ଆସନ୍ତା ଦୁଇତିନିମାସ ମଧ୍ୟରେ ତାହା କେତେ ବୃଦ୍ଧି ପାଇବ ଆକଳନ କରିବା କଷ୍ଟକର।

ଜାତୀୟ ସଞ୍ଚାରଧର୍ମୀ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନ୍‌ସିଭିବିଡିସି) ରିପୋର୍ଟରୁ ପ୍ରକାଶ ଯେ କିଛି ବର୍ଷ ତଳେ ମେଲେରିଆ ରୋଗ ସଂକ୍ରମଣ ହ୍ରାସ କ୍ଷେତ୍ରରେ ଓଡ଼ିଶା ଉଦାହରଣ ସୃଷ୍ଟି କଲା ଭଳି ରାଜ୍ୟ ହୋଇଥିବା ବେଳେ ହଠାତ୍ ଏହି ପରିବର୍ତ୍ତନ ଉଦ୍‌ବେଗର କାରଣ ହୋଇଛି। ଏଥିଲାଗି କେନ୍ଦ୍ରର ଅସହଯୋଗ ଦର୍ଶାଇ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇଦେଲେ ଯେ ପରିସ୍ଥିତି ସୁଧୁରିଯିବ ଏକଥା ନୁହେଁ। ରାଜ୍ୟର ଯେଉଁ ଅଞ୍ଚଳ ବା ଜିଲ୍ଲାରେ ମେଲେରିଆ ସଂକ୍ରମଣ ବୃଦ୍ଧି ପାଇଛି ସେଠାକାର ଜନସାଧାରଣଙ୍କ ମଧ୍ୟରେ ସଚେତନତା ଅଭାବ ମୁଖ୍ୟ କାରଣ। ପରିବର୍ତ୍ତିତ ଜୀବନ ଧାରାରେ ମଶାଙ୍କ ପ୍ରାଦୁର୍ଭାବ ହ୍ରାସ ପାଇଁ ପ୍ରତିଷେଧକ ବ୍ୟବସ୍ଥା ବା ସଚେତନତା କ୍ରମେ ଗୁରୁତ୍ୱ ହରାଇଥିବାରୁ ମେଲେରିଆ ବଢ଼ିଚାଲିଛି। ସେହିଭଳି ମଶା ନିରାକରଣ ପାଇଁ ଔଷଧଯୁକ୍ତ ମଶାରି ବ୍ୟବହାର କ୍ରମେ ଗୁରୁତ୍ୱ ହରାଇଛି। କେନ୍ଦ୍ରସରକାରଙ୍କ ପକ୍ଷରୁ ଔଷଧଯୁକ୍ତି ମଶାରି (ଏଲଏଲଆଇଏନ) ଯୋଗଣ କ୍ରମାଗତ ଭାବେ ବନ୍ଦ ରହୁଛି। ଏକ୍ଷେତ୍ରରେ ରାଜ୍ୟ ସ୍ୱାସ୍ଥ୍ୟବିଭାଗ ଚାହିଁଥିଲେ ନିଜସ୍ୱ ସୂତ୍ର ଓ ସମ୍ବଳରୁ ଔଷଧଯୁକ୍ତ ମଶାରି ସଂଗ୍ରହ କରି ବଣ୍ଟନ କରିପାରିଥା'ନ୍ତେ। ଏଥିଲାଗି ଯେ ଏକ ବଡ଼ଧରଣର ବ୍ୟୟଭାର ରାଜ୍ୟ ସରକାରଙ୍କୁ ବହନ କରିବାକୁ ପଡ଼ି ଥା'ନ୍ତା, ଏକଥା ନୁହେଁ। ବରଂ ଏହାକୁ ସଚେତନା ଓ ଦୂରଦୃଷ୍ଟିର ଅଭାବ କୁହାଯାଇପାରେ। ଅବଶ୍ୟ ବିଭାଗୀୟ ନିର୍ଦ୍ଦେଶକ ଦର୍ଶାଇଛନ୍ତି ଯେ ଗତବର୍ଷ କେନ୍ଦ୍ରୀୟ ଯୋଗାଣରେ ବିଳମ୍ବ ଘଟିବାରୁ ରାଜ୍ୟସରକାର ୫୬ ଲକ୍ଷ ଔଷଧଯୁକ୍ତ ମଶାରି କ୍ରୟ କରିଥିଲେ। ଗତ ନଭେମ୍ବର ଓ ଡିସେମ୍ବର ମାସରେ ରାଜ୍ୟର ୧୦ଟି ଜିଲ୍ଲାରେ ଏହି ମଶାରି ବଣ୍ଟନ କରାଯାଇଛି। ଛାତ୍ରଛାତ୍ରୀ ଆବାସସ୍ଥଳ ସକାଶେ ଆଉ ୩ ଲକ୍ଷ ଔଷଧଯୁକ୍ତ ମଶାରି ସଂଗ୍ରହ କରାଯାଇଛି।

ଓଡ଼ିଶା ପଛକୁ ଯେଉଁ ରାଜ୍ୟରେ ମେଲେରିଆ ପ୍ରାଦୁର୍ଭାବ ବୃଦ୍ଧିପାଉଥିବାର ପରିଲକ୍ଷିତ ହେଉଛି ସେଗୁଡ଼ିକ ହେଲା – ଝାଡ଼ଖଣ୍ଡ (୧୪,୭୮୧), ଛତିଶଗଡ଼(୧୪,୭୧୩), ମହାରାଷ୍ଟ୍ର (୬,୮୧୭), ପଶ୍ଚିମବଙ୍ଗ(୩,୭୬୨), ଉତ୍ତର ପ୍ରଦେଶ(୨,୮୫୧), ମିରୋରାମ (୪,୯୯୯) ଓ ତ୍ରିପୁରା (୩,୪୫୬)। ସଂପୃକ୍ତ ରାଜ୍ୟଗୁଡ଼ିକର ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ ବିଚାର କଲେ ମନେହୁଏ ଅନଗ୍ରସରତା ଓ ସଚେତନତାର ଅଭାବ ହିଁ ମେଲେରିଆ ସଂକ୍ରମଣର ମୁଖ୍ୟ କାରଣ। ଆମ ରାଜ୍ୟ ଏବେ ମଧ୍ୟ ଝାଡ଼ଖଣ୍ଡ, ଛତିଶଗଡ଼, ମିଜୋରାମ ଓ ତ୍ରିପୁରା ଭଳି ରାଜ୍ୟଠାରୁ ଏ କ୍ଷେତ୍ରରେ ପଛରେ ପଡ଼ିଛି। ଋତୁକାଳୀନ ବର୍ଷାଜଳ ଦିନ ଦିନ ଧରି ଜମି ରହିବା, ଅଳିଆ ଓ ଅବର୍ଜନା ପଡ଼ି ରହୁଥିବାରୁ ଅସମ୍ଭବ ଭାବେ ମଶାବଂଶ ବୃଦ୍ଧିପାଉଛି। ମେଲେରିଆ ଓ ଡେଙ୍ଗୁ ରୋଗ ବ୍ୟାପିବା ପଛରେ ଏହାର ଭୂମିକା ରହୁଥିଲେ ମଧ୍ୟ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ କରିବା ପଛରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ନିଷ୍ଠାର ଅଭାବ ସାଙ୍ଗକୁ ନାଗରିକମାନଙ୍କର ମଧ୍ୟ ସେଭଳି ସଚେତନା ଥିବା ଭଳି ମନେ ହେଉନାହିଁ। କିନ୍ତୁ ଏକଥା ସତ ଯେ ବର୍ଦ୍ଧିତ ମେଲେରିଆ ପ୍ରାଦୁର୍ଭାବ ପାଇଁ ଆମ ରାଜ୍ୟ ଏକ ନିନ୍ଦିତ ସ୍ଥିତିରେ ରହିଛି।

ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ହିଁ ସବୁଠାରୁ ଅଧିକ ମେଲେରିଆ ପ୍ରବଣ ଅଞ୍ଚଳ ରୂପେ ପରିଗଣିତ ହେଉଛି। କଳାହାଣ୍ଡି ଜିଲ୍ଲାରେ ସର୍ବାଧିକ ୮,୦୨୯ ମେଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ାରେ ୭୦୮୧, କନ୍ଧମାଳରେ ୪୩୮୧, ମାଲକାନଗିରିରେ ୪,୨୪୩, କୋରାପୁଟରେ ୩୮୯୬ ଓ ମୟୂରଭଞ୍ଜରେ ରୋଗୀସଂଖ୍ୟା ୩,୪୨୧। ଆମେ ଏଠାରେ ଯେଉଁ ୬ଟି ଜିଲ୍ଲା କଥା ଉଲ୍ଲେଖ କରୁଛୁ ତାହା ମୁଖ୍ୟତଃ ଆଦିବାସୀ ଓ ଜନଜାତି ଅଞ୍ଚଳ ରୂପେ ପରିଗଣିତ। ସେମାନଙ୍କ ମଧ୍ୟରେ ଅପେକ୍ଷାକୃତ ରୋଗ ସଚେତନତା କମ। ମେଲେରିଆ କେନ୍ଦ୍ର କର୍ମଚାରୀଙ୍କ ପକ୍ଷରୁ ନିୟମିତ ସଚେନତା ସୃଷ୍ଟି ସାଙ୍ଗକୁ ରକ୍ତ ପରୀକ୍ଷା କରି ଔଷଧ ବଣ୍ଟନ କରିବାର ଆବଶ୍ୟକତା ରହିଛି। ଅଥଚ ମେଲେରିଆ କେନ୍ଦ୍ର କର୍ମଚାରୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି। ସତେଯେପରି ଏହି ରୋଗ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ସରକାରଙ୍କର ନୁହେଁ। ଏହି ବିଭାଗରେ ଖାଲି ପଡ଼ିଥିବା ପଦ ପୂରଣ ହେଉନାହିଁ। ଏମିତିରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସବୁ ସ୍ତରରେ ପଦ ପଦବୀ ଖାଲି ପଡ଼ିଛି। ପାରାମେଡିକାଲ କର୍ମଚାରୀ ଅଭାବ ମଧ୍ୟ ପରିଲକ୍ଷିତ ହେଉଛି। କେବଳ ମେଡିକାଲ କଲେଜ ଖୋଲି ନିଅଣ୍ଟିଆ ପରିସ୍ଥିତିର ମୁକାବିଲା କରାଯାଇ ପାରିବ ଏକଥା ନୁହେଁ। ରାଜ୍ୟର ତିନିଟି ପ୍ରମୁଖ ମେଡିକାଲ କଲେଜ, ଯାହା ଉପରେ ରାଜ୍ୟବାସୀଙ୍କ ଭରସା ଓ ବିଶ୍ୱାସ ରହିଛି ସେଠାରେ ମଧ୍ୟ ଠିକଣା ଭାବେ ଚିକିତ୍ସା ସୁବିଧା ମିଳୁନି। ନୂଆ ମେଡିକାଲ କଲେଜକୁ ସକ୍ରିୟ କରିବା ସକାଶେ ପୁରୁଣାରୁ ନୂଆକୁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ସ୍ଥାନାନ୍ତର କରାଯାଥିବାରୁ ଦୁଇ ବ୍ୟବସ୍ଥା ଏକାବେଳେ ଭୁଶୁଡ଼ି ପଡ଼ିଛି।

ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ କ୍ରମେ ନିର୍ଭରଶୀଳତା ହ୍ରାସ ପାଇଥିବାର ପରିଲକ୍ଷିତ ହେଉଛି। ସରକାରୀ ସ୍ୱାସ୍ଥ୍ୟବୀମା ସୁବିଧା ପାଇଥିବା ଉପଭୋକ୍ତାଙ୍କୁ ଲୁଟିବା ସକାଶେ ଅପେକ୍ଷା କରି ବସିଛନ୍ତି କର୍ପୋରେଟ ହସପିଟାଲ। ବିଭିନ୍ନ ସ୍ତରରେ ବୀମା ଅର୍ଥ ଲୁଟପାଟ ଚାଲିଛି। ପାଞ୍ଚ ପଇସାର ରୋଗ ପାଇଁ ଦଶ ପଇସାର ଚିକିତ୍ସା। ଆବଶ୍ୟକତାଠାରୁ ଅଧିକ ଅର୍ଥ ଦାବି କରାଯାଇଥିବାରୁ ବୀମା ସରହଦ ମଧ୍ୟରେ ତାହାକୁ ଭରଣା କରଯାଇପାରୁନି। ତେଣୁ ଦିନକୁ ଦିନ ଜନ ଯନ୍ତ୍ରଣା ଓ ଜଞ୍ଜାଳ ବଢ଼ିବାର ଲାଗିଛି। ଯେଉଁ ନିମ୍ନ-ମଧ୍ୟବିତ୍ତ ବର୍ଗ ଲୋକ ସରକାରୀ ସୁବିଧାରୁ ବଞ୍ଚିତ, ସେମାନଙ୍କୁ ଆହା କହିବାକୁ କେହି ନାହିଁ। ଜିଲ୍ଲା ଜିଲ୍ଲାରେ ମେଡିକାଲ କଲେଜର ସୁଦୃଶ୍ୟ କୋଠା ଦେଖି ରାଜ୍ୟବାସୀଙ୍କ ପେଟ ପୂରିଯାଇଛି ସିନା ଚିକତ୍ସା ଓ ନିଦାନ ବ୍ୟବସ୍ଥା ଯେଉଁ ତିମିରେକୁ ସେଇ ତିମିରେ ରହିଯାଇଛି। ●

## ସମାଜ-ବିରୋଧୀ ବ୍ୟକ୍ତିତ୍ୱ

ପ୍ରଫେସର ଫକୀର ମୋହନ ସାହୁ

ଆମର ସମସାମୟିକ ଜୀବନରେ ଯେଉଁ ବିଷବଳୟ କ୍ରମପ୍ରସାରିତ ହେବାରେ ଲାଗିଛି, ସେହି ଜୀବନମଞ୍ଚର ମୁଖ୍ୟ ଖଳନାୟକ ହେଉଛି ସମାଜ-ବିରୋଧୀ ବ୍ୟକ୍ତିତ୍ୱ। ପ୍ରତିଦିନ ସକାଳବେଳାର ମୁହଁରେ ଚା'ର ତୃପ୍ତିକର ଆସ୍ୱାଦନର ଅନୁଭବ ପୂର୍ବରୁ ନାରୀ ନିର୍ଯାତନା ଏବଂ ମଣିଷ ଚରିତ୍ରର ନଗ୍ନ ଦୃଶ୍ୟାବଳୀ ମନପ୍ରାଣକୁ ବିଷାକ୍ତ କରିଦେଉଛି। ଓଡ଼ିଶା ପରି ପରମ୍ପରାପ୍ରିୟ ରାଜ୍ୟରେ ମଧ୍ୟ ନାରକୀୟ କାର୍ଯ୍ୟକଳାପର ମାତ୍ରା ବଢ଼ି ଚାଲିଛି।



ସବୁସମୟରେ ମନୋବିଜ୍ଞାନୀ ଏବଂ ମନୋଚିକିତ୍ସକମାନେ ମାନସିକ ବିପର୍ଯ୍ୟୟର ଏ ଦିଗଟି ପ୍ରତି ସଚେତନ ଥିଲେ। ଅତୀତରେ ଏ ଦିଗରେ ବିଶେଷ ଚର୍ଚ୍ଚା ହୋଇଛି ଏବଂ ପ୍ରତିକାର ବ୍ୟବସ୍ଥାର ପରାମର୍ଶ ମଧ୍ୟ ଦିଆଯାଇଛି। କିନ୍ତୁ ଏବେ ଅଧୋଗତିର ମାତ୍ରା ଏତେ ଅଧିକ ଯେ ପ୍ରତିକାର ବ୍ୟବସ୍ଥା ଆଶାନୁରୂପ ଭାବରେ ସଫଳ ହେଉନାହିଁ। ମାନସିକ ବିପର୍ଯ୍ୟୟର ଯେଉଁ ମାର୍ଗଦର୍ଶକ ପୁସ୍ତିକା ରହିଛି, ତାହାର ସୂଚନା ଅନୁଯାୟୀ ସମାଜବିରୋଧୀ ବ୍ୟକ୍ତିତ୍ୱର ମୁଖ୍ୟ ଲକ୍ଷଣ ହେଉଛି ଅନ୍ୟର ଅଧିକାର ପ୍ରତି ଅସମ୍ମାନ ଏବଂ ଅନ୍ୟର ଅଧିକାରକୁ ବିପର୍ଯ୍ୟସ୍ତ କରିବା। ଏହି ମାନସିକତା ନେଇ ସେମାନେ ଦାୟିତ୍ୱହୀନ, ଆକ୍ରମଣାତ୍ମକ ଓ ଛଳନାପୂର୍ଣ୍ଣ ବ୍ୟବହାର କରନ୍ତି ଏବଂ ଅନ୍ୟକୁ କ୍ଷତିଗ୍ରସ୍ତ କରନ୍ତି। ଅନେକ ସମୟରେ ଏଥିପାଇଁ ସେମାନଙ୍କୁ ପୁଲିସ୍ ଓ ନ୍ୟାୟିକ ବ୍ୟବସ୍ଥାର ସମ୍ମୁଖୀନ ହେବାକୁ ହୁଏ। କିନ୍ତୁ ଶଠତା, ନାଟକୀୟତା ଓ ଛଳନା ମାଧ୍ୟମରେ ନିଜକୁ ରକ୍ଷା କରିବାର ଉଦ୍ୟମ କରନ୍ତି।

ମନୋବିଜ୍ଞାନୀ ଓ ମନୋଚିକିତ୍ସକମାନେ ସମାଜବିରୋଧୀ ବ୍ୟକ୍ତିତ୍ୱ ଚିହ୍ନଟ କରିବା ସମୟରେ କେତେଗୁଡ଼ିଏ ତାଲିକାଭୁକ୍ତ ଖରାପ ବ୍ୟବହାର ମଧ୍ୟରୁ ଅନ୍ତତଃ ତିନୋଟିର ଉପସ୍ଥିତି ଠାବ କରି ବିପର୍ଯ୍ୟୟର ଚିହ୍ନଟ କରନ୍ତି। ସେହି ଲକ୍ଷଣସମୂହ ହେଉଛି ସମାଜର ମାନଦଣ୍ଡକୁ ମାନିନେବାରେ ବିଫଳତା, ମିଥ୍ୟାଚାର, ମାତ୍ରାଧିକ ଆବେଗପ୍ରବଣତା, ଆକ୍ରମଣାତ୍ମକ ବ୍ୟବହାର, ନିଜର ଓ ଅନ୍ୟର ସୁରକ୍ଷା ପ୍ରତି ଅବହେଳା, ଶିକ୍ଷାର୍ଥୀ ହୋଇଥିଲେ ଶିକ୍ଷାନୁଷ୍ଠନରେ ଏବଂ କର୍ମଚାରୀ ହୋଇଥିଲେ କର୍ମସଂସ୍ଥାରେ ରୀତିମତ ଅବହେଳା, ଦୋଷକରି ଅନୁତାପ ନ କରିବା ଏବଂ କୌଣସି ପ୍ରକାର ସାମାଜିକ କଟକଣା କିମ୍ବା ଶାସ୍ତିବିଧାନକୁ ଭ୍ରୂକ୍ଷେପ ନ କରିବା।

ସମାଜବିରୋଧୀ ବ୍ୟକ୍ତିତ୍ୱ ସଂପର୍କରେ ଯେଉଁ ସମସ୍ତ ମନସ୍ତାତ୍ତ୍ୱିକ ଗବେଷଣା ହୋଇଛି, ତାହାର ଫଳସ୍ୱରୂପ ଏହି ବିପର୍ଯ୍ୟୟର ଦୁଇଟି ପୃଥକ୍ ଉପାଦାନକୁ ଚିହ୍ନଟ କରାଯାଇଛି। ପ୍ରଥମଟି ହେଉଛି ଆବେଗିକ ଓ ସାମାଜିକ ଦିଗ। ଏପରି ବିକୃତିସମ୍ପନ୍ନ ଲୋକମାନଙ୍କର କୌଣସି ଅପରାଧବୋଧ ନ ଥାଏ। ସମାନାନୁଭୂତି ଓ ସମ୍ବେଦନଶୀଳତା ପ୍ରାୟ ନ ଥାଏ। ବହୁ ସମାଜବିରୋଧୀ ବ୍ୟକ୍ତିଙ୍କର ବାଲ୍ୟକାଳୀନ ଇତିହାସରୁ ଦେଖାଯାଏ ଯେ କୌଣସି ଦୁଃଖଦ ଘଟଣା ସମୟରେ କାନ୍ଦିବା କିମ୍ବା ଦୁଃଖପ୍ରକାଶ କରିବାର ଉଦାହରଣ ବିରଳ। ନିଜର ଉପରଠାଉରିଆ ଆକର୍ଷଣଶୀଳତାର ସୁଯୋଗ ବ୍ୟବହାର କରି ଏମାନେ ଅନ୍ୟମାନଙ୍କୁ ପ୍ରତାରିତ କରନ୍ତି। ଦ୍ୱିତୀୟ ଉପାଦନଟି ବ୍ୟବହାରିକ ଦିଗ। ସମାଜବିରୋଧୀ କାର୍ଯ୍ୟ (ଯଥା- ଚୋରିକରିବା, ଜାତୀୟ ସମ୍ପତ୍ତି ନଷ୍ଟ କରିବା) କରିଥା'ନ୍ତି। ଦାୟିତ୍ୱହୀନ ଭାବରେ ଆତ୍ମନିୟନ୍ତ୍ରଣ ହରାଇବସନ୍ତି। ଅତିମାତ୍ରାରେ ପରନିର୍ଭରଶୀଳତା ଓ ଉତ୍ତେଜନାପ୍ରବଣ କାର୍ଯ୍ୟକଳାପ ପରିଦୃଷ୍ଟ ହୁଏ।

ସମାଜବିରୋଧୀ ବ୍ୟକ୍ତିତ୍ୱର କାରଣ ଅନୁସନ୍ଧାନ କରିବା ସମୟରେ ଗବେଷକମାନେ ଅଳ୍ପକିଛି ପରିମାଣର ବଂଶାନୁଗତର ପ୍ରମାଣ ପାଇଥିଲେ ମଧ୍ୟ ଯେଉଁ ମୂଳ ଉପାଦାନଟି ସର୍ବାଧିକ ଦୃଷ୍ଟି ଆକର୍ଷଣ କରିଛି, ତାହା ହେଉଛି ଭୟ ସମ୍ପର୍କିତ ସିଦ୍ଧାନ୍ତ। ଆମେ ସମସ୍ତେ ଜାଣୁ ଯେ, ଭୟ ଏକ ନକାରାତ୍ମକ ଆବେଗ। ସବୁ ସମୟରେ ଆମକୁ ନିର୍ଭୀକ ରହିବା ପାଇଁ ଉପଦେଶ ଦିଆଯାଏ। ଏହା ସତ ହେଲେ ମଧ୍ୟ କିଛି ପରିମାଣରେ ଭୟ ପ୍ରାଣୀଜୀବନରେ ସକାରାତ୍ମକ ଭୂମିକା ନିଏ। ମନୁଷ୍ୟ ଭୟପାଇ ହିଂସ୍ର ଜୀବଜନ୍ତୁଙ୍କ କବଳରୁ ରକ୍ଷା ପାଇବା ପାଇଁ ଉଦ୍‌ବର୍ତ୍ତନ ତା' ମଧ୍ୟରେ କିଛି ଭୟ ଦେଇଛି। ଫଳରେ ମନୁଷ୍ୟ ସୁରକ୍ଷା ଦିଗରେ ପଦକ୍ଷେପ ନେଇପାରୁଛି। ଠିକ୍ ସେହିପରି ଆମେ ଭୟ ପ୍ରଦର୍ଶନର ସହାୟତା ନେଇ ଲୋକମନରେ ବାଞ୍ଛନୀୟ ବ୍ୟବହାର ଗଠନ କରୁ। ତୁମେ ଅଧିକ ଧୂମପାନ କଲେ ହୃଦ୍‌ଘାତର ଶିକାର ହେବ - ଏପରି ଭୟ ଦେଖାଇ ବ୍ୟକ୍ତିକୁ ସୁସ୍ଥ ରଖିବାର ପ୍ରୟାସ କରୁ। ଜୀବନର ଆରମ୍ଭରୁ ପରିବାର ଓ ସମାଜରେ ଯେଉଁ ସାମାଜୀକରଣ ପ୍ରକ୍ରିୟା ଆରମ୍ଭ ହୁଏ, ତାହା ମଧ୍ୟ ଭୟ ଓ ଶାସ୍ତିବିଧାନର ନୀତିଉପରେ ପ୍ରତିଷ୍ଠିତ। ନିୟମକୁ ମାନିବା ପାଇଁ ପୁରସ୍କାର ସହିତ ନିୟମର ଅବମାନନାରେ ଶାସ୍ତିର ବ୍ୟବସ୍ଥା ଥାଏ।

ଗବେଷଣାରୁ ଦେଖାଯାଉଛି ଯେ ସମାଜବିରୋଧୀ ଶିଶୁ, କିଶୋର/କିଶୋରୀ ଏବଂ ଯୁବକଯୁବତୀ ମଧ୍ୟରେ ଏପରି ସକାରାତ୍ମକ ଭୟର ମାତ୍ରା କମ୍। ଏହାଫଳରେ ସେମାନଙ୍କର ବିବେକ (ଭଲମନ୍ଦର ଜ୍ଞାନ) ମନ୍ଥର ହୁଏ। ଅନୈତିକ କାର୍ଯ୍ୟ ନ କରିବା ପାଇଁ ଯେଉଁ ଅନ୍ତର୍ବୋଧ ଓ ସଂଯମ ଆବଶ୍ୟକ, ତାହାର ଅଭାବ ହୁଏ।

ସମାଜବିରୋଧୀ ବ୍ୟକ୍ତିତ୍ୱର ପ୍ରତିରୋଧ ପାଇଁ ମନୋଚିକିତ୍ସକମାନେ କେତେକ ଔଷଧପତ୍ରର ଉପଯୋଗ କରୁଥିଲେ ମଧ୍ୟ ସଫଳତା ସେପରି ପ୍ରଶଂସନୀୟ ନୁହେଁ। ଔଷଧ ମାଧ୍ୟମରେ ମୁଖ୍ୟତଃ ଅତିଚଞ୍ଚଳତା, ଆବେଗପ୍ରବଣତା ଏବଂ ଆକ୍ରମଣାତ୍ମକ ମନୋଭାବର ହ୍ରାସ କରିବାର ପ୍ରୟାସ କରାଯାଏ। ମନୋବିଜ୍ଞାନୀମାନେ ସେମାନଙ୍କ ତାଲିମ କାର୍ଯ୍ୟକ୍ରମରେ ଆତ୍ମସଂଯମ, ସମାନୁଭୂତି ବା ଏମ୍ପାଥି, ଅନ୍ୟର ଦୃଷ୍ଟିଭଙ୍ଗୀକୁ ବିଚାର କରିବାର ଉଦାରତା ଶିକ୍ଷା ଦିଅନ୍ତୁ। ସମାଜବିରୋଧୀ ମାନସିକତା କିପରି ନିଜର ଓ ଅନ୍ୟର କ୍ଷତିସାଧନ କରିବ, ତାହାର ବିଶଦ ବ୍ୟାଖ୍ୟା ଦିଅନ୍ତୁ। ସମାଜବିରୋଧୀ ବ୍ୟକ୍ତିତ୍ୱର ପ୍ରତିରୋଧ କ୍ଷେତ୍ରରେ ସମ୍ମିଳିତ ଭାବରେ ଏକାଧିକ ପନ୍ଥା ଏବଂ ଏକାଧିକ ବିଶେଷଜ୍ଞଙ୍କ ସହାୟତା ଉପଯୋଗୀ ମନେ ହୁଏ। ●

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

## ସମୃଦ୍ଧ ଓଡ଼ିଶାର ପ୍ରତୀକ: କୋଟପାଡ଼ ହସ୍ତତନ୍ତ

ରାଜେଶ ରାୟ

ଓଡ଼ିଶାର ଦକ୍ଷିଣ ରାଇଜରେ ଶୋଭା ପାଉଥିବା କୋରାପୁଟ ଜିଲ୍ଲା ପ୍ରାକୃତିକ ପରିବେଶକୁ ନେଇ ଯେତିକି ପ୍ରସିଦ୍ଧ, ସେତିକି ନିଜର ଐତିହ୍ୟ ଓ ପରମ୍ପରାକୁ ନେଇ ସମୃଦ୍ଧ। ଜିଲ୍ଲାର ବିଭିନ୍ନ କୋଣରେ ବସବାସ କରୁଥିବା ଆଦିମ ଆଦିବାସୀମାନଙ୍କ ପାଖରେ ଦେଖିବାକୁ ମିଳେ ନିଆରା ପରମ୍ପରା, ଯାହା ବିଶ୍ୱବିଦିତ। ଆଦିବାସୀମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ଉତ୍ପାଦରେ ଉଙ୍କିମାରେ ସେମାନଙ୍କ ସରଳ ଜୀବନଶୈଳୀ ଏବଂ ଅଭିନବ ସଂସ୍କୃତିର ପ୍ରତିଛବି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି କୋଟପାଡ଼ର ହସ୍ତତନ୍ତ।



କୋରାପୁଟ ଜିଲ୍ଲାର ଏକ ବ୍ଲକ ତଥା ବିଧାନସଭା କ୍ଷେତ୍ରର ନାମ ହେଉଛି କୋଟପାଡ଼। ଆଦିବାସୀ ହସ୍ତତନ୍ତର ଏକ ପ୍ରମୁଖ କେନ୍ଦ୍ରସ୍ଥଳୀ ଭାବେ କୋଟପାଡ଼ କେବଳ ଓଡ଼ିଶାରେ ନୁହେଁ, ବରଂ ଦେଶବିଦେଶରେ ବେଶ୍ ପରିଚିତ। କୋଟପାଡ଼ରେ ବସବାସ କରୁଥିବା ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ହସ୍ତତନ୍ତ ବୁଣାକାର ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ସେମାନେ ପ୍ରାକୃତିକ ଉପାୟରେ ଲାଲ୍, ମାଟିଆ, କଳା ଓ ଧଳା ରଙ୍ଗର କୋମଳ ସୂତାରୁ ଶାଢ଼ି ଓ ଓଢ଼ଣି ଆଦି ବୁଣିଥା'ନ୍ତି, ଯାହା ଓଡ଼ିଶା ଓ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ପ୍ରାକୃତିକ ଉପାୟରେ ଧଳା ସୂତାକୁ ରଙ୍ଗଦେଇ କଳା, ମାଟିଆ ଓ ଲାଲ୍ ଏହିପରି ତିନି ରଙ୍ଗର ସୂତା ପ୍ରସ୍ତୁତ କରିଥା'ନ୍ତି। ଏଥିପାଇଁ ସେମାନେ ପ୍ରାକୃତିକ ଜୈବିକ ପଦାର୍ଥ ଯଥା ଗୋବର, ଜଡ଼ାତେଲ, ପାଉଁଶ ଆଦି ବ୍ୟବହାର କରନ୍ତି। ସୂତାକୁ ରଙ୍ଗଦେବା ପ୍ରକ୍ରିୟାରେ କେବଳ ମିର୍ଗାନ୍ ସମ୍ପ୍ରଦାୟର ମହିଳାମାନେ ଭାଗ ନିଅନ୍ତି, ଯାହା ନାରୀ ସଶକ୍ତୀକରଣର ଛବିକୁ ଉପସ୍ଥାପନ କରେ ଏବଂ ପୁରୁଷମାନେ ବୁଣାକାର ଭାବେ କାର୍ଯ୍ୟ କରନ୍ତି। ଏଠାରେ ସୂତାକୁ ରଙ୍ଗ ଦେବା ପ୍ରକ୍ରିୟାଟି ଖୁବ୍ ଆକର୍ଷଣୀୟ। ପ୍ରଥମେ ଧଳା ସୂତାକୁ ଆଣି ୧୨ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖାଯାଏ। ପରେ ଆବଶ୍ୟକ ମୁତାବକ ଗୋବର ଓ ଜଡ଼ାତେଲର ମିଶ୍ରଣକୁ ଲେପ ଦିଆଯାଇ କାଠ ସାହାଯ୍ୟରେ ଶୁଖାଯାଏ (ଏଥିରେ ଗୋବର ବ୍ଲିଚିଂ ଏଜେଣ୍ଟ ପରି କାମକରେ)। ସୂତାଗୁଡ଼ିକ ମେହେନ୍ଦି ରଙ୍ଗ ପଡ଼ି ଆସିଲେ ତା'କୁ ନେଇ ପାଉଁଶ ପାଣିରେ ବୁଡ଼ାଇ ୧୫ ରୁ ୨୦ ଦିନ ଯାଏଁ ରଖାଯାଏ। ସୂତାକୁ ନାଲିରଙ୍ଗ ଦେବା ପାଇଁ ଆଲ୍ ନାମକ ଏକ ଗଛର ଛାଲିକୁ ପାଣିରେ ପକାଇ ସେଥିରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମେହେନ୍ଦି ରଙ୍ଗର ସୂତା ନେଇ ସିଝାଯାଏ। ମେରୁନ୍ ବା ମାଟିଆ ରଙ୍ଗ ପାଇଁ ମଧ୍ୟ ଆଲ୍ ଗଛର ଛାଲିକୁ ଅଳ୍ପ କିମ୍ବା ବହୁତ ପରିମାଣରେ ବ୍ୟବହାର କରାଯାଏ ଏବଂ ସୂତାକୁ କଳା ରଙ୍ଗ ଦେବା ପାଇଁ ହରିଡ଼ା, ହୀରାକଷି(ଏକ ଗଛର ମଞ୍ଜି) ଆଦିକୁ ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ବ୍ୟବହାର କରନ୍ତି। ସୂତାଗୁଡ଼ିକୁ ପ୍ରାକୃତିକ ଉପାୟରେ ରଙ୍ଗ କରାଯାଉଥିବାରୁ ତାହା ଶରୀର ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଏ ନାହିଁ।

କୋଟପାଡ଼ର ହସ୍ତତନ୍ତରେ ମିର୍ଗାନ ସମ୍ପ୍ରଦାୟର ଆଦିବାସୀମାନେ ମାଛ, ବେଙ୍ଗ, ହରିଣ, ଗଛ ଓ ମୟୂର ଆଦି ପ୍ରତିଛବିଗୁଡ଼ିକୁ ବୁଣିଥା'ନ୍ତି, ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ। ଏହି ହସ୍ତତନ୍ତରେ ଆଲ୍ ଗଛର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ, ଯାହାର ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ତେଣୁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଏବେ କୋଟପାଡ଼ର ଆଖପାଖ ଅଞ୍ଚଳରେ ଆଲ ଜଙ୍ଗଲ ସୃଷ୍ଟି କରାଯାଇଛି। କୋଟପାଡ଼ ହସ୍ତତନ୍ତର ବିଶେଷତ୍ୱ ହେଉଛି ତାହା ସଂପୂର୍ଣ୍ଣ ପ୍ରାକୃତିକ ଓ ଦୀର୍ଘସ୍ଥାୟୀ। ଏହି ହସ୍ତତନ୍ତରେ ମିର୍ଗାନ୍ ଆଦିବାସୀଙ୍କ ସରଳ ଓ ପ୍ରାକୃତିକ ଜୀବନଶୈଳୀ ଜୀବନ୍ତ ହୋଇଉଠେ। ଗୋଟିଏ ଶାଢ଼ି ସର୍ବନିମ୍ନ ୭ ହଜାର ଟଙ୍କାରୁ ଆରମ୍ଭକରି ୧୮ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ସେଇଥିପାଇଁ ଆଜି କୋଟପାଡ଼ର ହସ୍ତତନ୍ତ ବୟନଶିଳ୍ପ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପାରଦର୍ଶିତାକୁ ବହନ କରୁଛି।

ରାଜ୍ୟ ସରକାରଙ୍କ ହସ୍ତତନ୍ତ ବିଭାଗ ବୟନିକା ମାଧ୍ୟମରେ କୋଟପାଡ଼ ଆଦିବାସୀଙ୍କ ହସ୍ତତନ୍ତକୁ ଏବେ କିଣାଯାଉଛି। ସେଥିପାଇଁ ଏକ ବୁଣାକାର ସମିତି ଗଠନ କରାଯାଇଛି। ଏହାଦ୍ୱାରା ଆଦିବାସୀମାନେ ସେମାନଙ୍କ ଉତ୍ପାଦର ସଠିକ୍ ମୂଲ୍ୟ ପାଇ ପାରୁଛନ୍ତି। ଅନ୍ୟ ରାଜ୍ୟ ଓ ଦେଶରୁ ଆଗନ୍ତୁକମାନେ ଆସି କୋଟପାଡ଼ର ଆଦିବାସୀ ହସ୍ତତନ୍ତକୁ କିଣୁଛନ୍ତି। ଏବେ ମିର୍ଗାନ୍ ସମ୍ପ୍ରଦାୟର ଯୁବପିଢ଼ି ମଧ୍ୟ ଏହି କୌଳିକ ବୃତ୍ତିକୁ ଆଦରି ନେଲେଣି। ଯଦି ଏହି ହସ୍ତତନ୍ତର ସଠିକ୍ ସୁରକ୍ଷା, ପ୍ରଚାର ପ୍ରସାର ହୁଅନ୍ତା ଏବଂ ସରକାରଙ୍କ ତରଫରୁ ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀଙ୍କ ପାଇଁ ଯଦି କିଛି ସୁବିଧା ସୁଯୋଗ କରାଯା'ନ୍ତା ତେବେ ବୟନଶିଳ୍ପ କ୍ଷେତ୍ରରେ କୋଟପାଡ଼ ହସ୍ତତନ୍ତ ଓଡ଼ିଶାର ନାମକୁ ବିଶ୍ୱ ଦରବାରରେ ସମୃଦ୍ଧ କରିପାରନ୍ତା। ରାଜ୍ୟ ସରକାର ୨୦୩୬ ମସିହା ବେଳକୁ ପରିକଳ୍ପନା କରିଥିବା ସମୃଦ୍ଧ ଓଡ଼ିଶାର ଚିତ୍ର ଆଉଟିକେ ସ୍ପଷ୍ଟ ଦିଶନ୍ତା। ●

(ଅଧ୍ୟାପକ, ବିଦ୍ୱାନ୍ ମହାବିଦ୍ୟାଳୟ)
ଜୟପୁର, ମୋ: ୬୩୭୧୫୫୫୯୪୦

## ଗୋଦାବରୀର ପବିତ୍ର ପ୍ରବାହ: ଗୋଦାବରୀଶ ମିଶ୍ର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସୁପ୍ରସିଦ୍ଧ, ସୁପ୍ରଶସ୍ତ, ସୁବିଶାଳ ଗୋଦାବରୀ ନଦୀର ପବିତ୍ରତା, ଉଦାରତା, ଚିର ପ୍ରବହମାନତା ଯେ ମାନବୀୟ ବିଗ୍ରହରେ ହୋଇପାରେ ଆବିର୍ଭୂତ, ଏହି ଅନ୍ତଃସତ୍ୟ ପ୍ରଦର୍ଶିତ ହୋଇଯାଇଛି ଗୋଦାବରୀଶ ମିଶ୍ରଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ ସର୍ଜନାରେ। ସତ୍ୟବାଦୀ ବନବିଦ୍ୟାଳୟର ତ୍ୟାଗପୂତ ଆଦର୍ଶ ଶିକ୍ଷକ ଭାବରେ ସେ ସୃଷ୍ଟି କରିଥିଲେ ଯେଉଁ ଜାତୀୟତାର ଭାବସ୍ରୋତ, ତାହା କ୍ରମଶଃ ଅଧିକ ପ୍ରଭାବଶାଳୀ, ଚେତନାଦୀପ୍ତ ଓ ପ୍ରେରଣାପୂର୍ଣ୍ଣ ହୋଇ ସମଗ୍ର ଓଡ଼ିଶାର ଜନମାନସକୁ ପରିପ୍ଲାବିତ କରିଦେଇଛି ଅସାମାନ୍ୟ ଶକ୍ତି ବହନ କରି। ଜଣେ ସ୍ୱଦେଶାନୁରକ୍ତ ସାହିତ୍ୟ ସ୍ରଷ୍ଟା ଭାବେ କବିତା, ଗଳ୍ପ, ନାଟକ-ଯାହା ବି ସେ ଲେଖନ୍ତୁ ନା କାହିଁକି ସର୍ବତ୍ର ଜାତୀୟ-ଗୌରବ ସ୍ପନ୍ଦିତ ହୋଇ ଉଠିଲା ଗଭୀର ଉଚ୍ଛ୍ୱାସ ବହନ କରି। 'କିଶଳୟ', 'କୁସୁମ', 'ଗୀତାୟନ', 'କବିତାୟନ', 'ଗୀତିଗୁଚ୍ଛ', 'ଚୟନିକା' ଆଦି କବିତା ଗ୍ରନ୍ଥରେ ତାଙ୍କ ପ୍ରାଣାବେଗ କି ମର୍ମସ୍ପର୍ଶୀ! ମନ୍ମୟଧର୍ମୀ ସ୍ନିଗ୍ଧତା କି ସୁଷମାମଣ୍ଡିତ! ସେହିପରି ସେ ଲେଖନ୍ତି 'ଆଲେଖିକା'। ସେଥିରେ ଅତୀତ ଓଡ଼ିଶାର କାରୁଣ୍ୟ ବିଜଡ଼ିତ ଜୀବନ ସହ ଗୌରବମୟ ଅମଳିନ ବୀରତ୍ୱ ଓ ସାହସିକତା କିପରି ମର୍ମରିତ ହୋଇ ନ ଉଠିଛି! 'କାଳିଜାଇ' ଓ 'ଦୁଃଖୀଧନ' କବିତାର କରୁଣ ମୂର୍ଚ୍ଛନା ସାମାନ୍ୟ ସମ୍ବେଦନାସିକ୍ତ ପାଠକ ଅନ୍ତରରେ ଆଜି ବି ବାରମ୍ବାର ସୃଷ୍ଟି କରି ଆସୁ ଛି ଅସଂଖ୍ୟ ଅଶ୍ରୁକଣା।

'ଧୀରେ କରି ନାଆ ବୁହାରେ ନାଉରି, ଝିଅକୁ ମାଡୁଚି ଡର, ଗଡ଼େ ଗଡ଼ ଲୋକ ଚାହିଁ ବସିଥିବେ ଝିଅ ଯିବ ଶାଶୂ ଘର' କିମ୍ବା 'ବାପା ପଚାରନ୍ତି ଖୋଜି ନାଉରିରେ ଝିଅ ମୋର ଗଲା କାହିଁ?, ବୁଜି ଆଖି ଠିଆ ନାଉରି ନିଜେ ଲୋ ତୁଣ୍ଡ ତା ଫିଟଇ ନାହିଁ'। ଯେତେଦିନ ପର୍ଯ୍ୟନ୍ତ ଚିଲିକାର ନୀଳ ଜଳରାଶି ଲହରାୟିତ ସେ ପର୍ଯ୍ୟନ୍ତ ଏହି ପଦଗୁଡ଼ିକର ଗୁଞ୍ଜରଣ ଛାତି ଥରାଇ ଦେଉଥିବ ନିଶ୍ଚୟ।

ସେ ପାଶ୍ଚାତ୍ୟ ଶିକ୍ଷାରେ ଶିକ୍ଷିତ। ଅଥଚ ଗାଥା ବା ବାଲାଡ଼ ରଚନାର ପାଶ୍ଚାତ୍ୟ ପ୍ରଣାଳୀକୁ ସେ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ ନ କରିବାର କାରଣ ହେଉଛି ତାଙ୍କର ଏହି ଅନ୍ତଃଆହ୍ୱାନ। 'ମୁକୁନ୍ଦଦେବ', 'ପୁରୁଷୋତ୍ତମଦେବ' ନାଟକ ରଚନା ପଶ୍ଚାତରେ ମଧ୍ୟ ଏହି ଆତ୍ମିକ ସମ୍ବନ୍ଧର ପ୍ରଗାଢ଼ତା ହିଁ କ୍ରିୟାଶୀଳ। 'ପୁରୁଷୋତ୍ତମଦେବ' ନାଟକରେ ଯେଉଁ ଉଦ୍‌ବୋଧନ ସଂଗୀତ ସେ ସଂଯୁକ୍ତ କରିଛନ୍ତି ତାହା ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ସଂଗୀତ ଭାବରେ ପ୍ରତିଟି କାର୍ଯ୍ୟକ୍ରମ ଶୁଭାରମ୍ଭ ବେଳେ ସମ୍ମିଳିତ କଣ୍ଠରେ ଗାନ କରାଯାଏ - 'ତୁଙ୍ଗ ଶିଖରୀ-ଚୂଳ କୁଞ୍ଜ କାନନ-ମାଳ ପୁଣ୍ୟ ଜଳଧି-ଜଳ ଖେଳିଉଠୁ ସଘନେ / ପ୍ରାଚୀ ଗଗନ-ଶିରେ ଭାସି କନକ-ନୀରେ ଆସ ତପନ ଉଇଁ ଏ ଉତ୍କଳ ଭୁବନେ।' ଏ ସଂଗୀତର ଶବ୍ଦ-ସଂଯୋଜନା, ସାଙ୍ଗୀତିକ ମୂର୍ଚ୍ଛନା, ଉଦବୋଧନକ୍ଷମ ଭାବ ଓ ଭାଷାର ବୈଭବ ଯେକୌଣସି ତରୁଣପ୍ରାଣରେ ସୃଷ୍ଟି କରେ ସାମୁଦ୍ରିକ ଉତ୍ତାଳ ତରଙ୍ଗ।

କବିତା, ନାଟକ ରଚନାରେ ଗୋଦାବରୀଶ ଯେପରି ସୁନୀଳ ଆକାଶତଳେ ସୃଷ୍ଟି କରିପାରିଛନ୍ତି ଗୋଦାବରୀର ଆବେଗମୟ ଲହରୀ, ଠିକ ସେହିପରି ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ରଚନାରେ ପ୍ରସ୍ଫୁଟିତ କରିଦେଇଛନ୍ତି ଦୁର୍ଲଭ ମାନବିକତାର ମହାମନ୍ତ୍ର। 'ଘଟାନ୍ତର', 'ଅଭାଗିନୀ', 'ଅଠରଶହ ସତର', 'ନିର୍ବାସିତ' ଆଦି ଉପନ୍ୟାସରେ ବାହ୍ୟ ଶିଳ୍ପକଳାଠାରୁ ଅଧିକ ମହିମାନ୍ୱିତ ମାନବତାର ଅନ୍ତଃସ୍ୱର। ମାନବ-ସଂପ୍ରୀତି, ପ୍ରକୃତି ସହ ନିବିଡ଼ ଆତ୍ମୀୟତା ଓ ବିଶ୍ୱଚେତନା ତାଙ୍କ ସାହିତ୍ୟକୁ କରିଛି ଏପରି ରସୋଚ୍ଛଳ ଯେ, ବାସ୍ତବିକ ଗୋଦାବରୀର ସମ୍ପ୍ରସାରିତ ବକ୍ଷସ୍ଥଳ ସଦୃଶ ସେ ପରିଣତ ହୋଇଯାଇଛନ୍ତି ନିର୍ମଳ ଭାବସ୍ରୋତରେ। ଆତ୍ମଜୀବନୀ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକରେ ତାଙ୍କ ସଂଘର୍ଷମୟ ଅଥଚ ସଚ୍ଚୋଟ ଜୀବନଧାରା ସ୍ୱାଭାବିକ ଛନ୍ଦରେ ଗତିଶୀଳ। ଜୀବନୀମୂଳକ ପ୍ରବନ୍ଧ ରଚନା କରି ସେ ପ୍ରଦର୍ଶିତ କରିଛନ୍ତି ଆଲୋକର ପଥ। ତାଙ୍କ ରଚିତ 'ନେପୋଲିଅନ' ଓ 'ଦାସତ୍ୱ-ମୋଚନ' ଦୁଇଟି ଉଚ୍ଚକୋଟୀର ଜୀବନୀ ଗ୍ରନ୍ଥ। 'ଅସମ୍ଭବ' ଶବ୍ଦଟି ନେପୋଲିଅନଙ୍କ ଅଭିଧାନରେ ନଥିବା ପ୍ରସଙ୍ଗ ଚିରସ୍ମରଣୀୟ।

ବୁକର ଟାଲିଆ ଫେରୋ ୱାସିଂଟନଙ୍କ ଦାରିଦ୍ର୍ୟ ନିପୀଡ଼ିତ ଜୀବନ ଗୋଦାବରୀଶଙ୍କୁ ପ୍ରେରଣାପ୍ଲୁତ କରିଥିବା ଉପଲବ୍ଧି କରାଯାଇପାରେ ଏଥିରୁ। ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁଙ୍କ ସମ୍ପର୍କରେ ତାଙ୍କ ଆଲୋକପାତ ବହୁଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ। 'ସମ୍ବୋଧ ଗୀତିକା'ରେ ତାଙ୍କ ନଦୀ ପ୍ରତି ସ୍ୱତନ୍ତ୍ର ଆକର୍ଷଣ ହୃଦୟସ୍ପର୍ଶୀ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସାଧନାମଗ୍ନ ସାହିତ୍ୟଶିଳ୍ପୀର ଉତ୍ସର୍ଗୀକୃତ ପ୍ରାଣ ଥିଲା ଅନୁରୂପ ଭାବରେ ଅନନ୍ୟ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁରୀ-ଲାଲ୍‌ଗଡ଼ ଏକ୍ସପ୍ରେସ ସମ୍ପ୍ରସାରଣର ଶୁଭାରମ୍ଭ

## ମହୋଦଧି ସହ ଯୋଡ଼ିହେବ ମରୁଭୂମି



ପୁରୀ,୧୩।୮ (ସମିସ): ମହୋଦଧି ସହ ଯୋଡ଼ିହେବ ମରୁଭୂମି। ବଙ୍ଗୋପସାଗର ଅଞ୍ଚଳ ସହ ରାଜସ୍ଥାନର ଥର୍ ମରୁଭୂମି ଯୋଡ଼ିହେବ। ଏଭଳି ଏକ ଐତିହାସିକ ପଦକ୍ଷେପ ନେଇଛି ଭାରତୀୟ ରେଳବାଇ। ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ସାଂସ୍କୃତିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପୁରୀ-ଲାଲଗଡ଼-ପୁରୀ ଏକ୍ସପ୍ରେସ ରାଜସ୍ଥାନର ଶ୍ରୀଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଛି। ବୁଧବାର ଏହି ସମ୍ପ୍ରସାରିତ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ପୁରୀ ସାଂସଦ ସମ୍ବିତ ପାତ୍ର ଓ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ଏହି ଅବସରରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଉପସ୍ଥିତ ଥିଲେ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଯୋଗଦେଇ ଜାତୀୟ ସଂହତି ଏବଂ ଗତିଶୀଳତାକୁ ପ୍ରୋତ୍ସାହିତ କରିବାରେ ଏହି ସମ୍ପ୍ରସାରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପଦକ୍ଷେପ ବଙ୍ଗୋପସାଗର କୂଳରେ ଥିବା ପୁରୀକୁ ରାଜସ୍ଥାନର ଥର୍ ମରୁଭୂମି ନିକଟରେ ଥିବା ଶ୍ରୀଗଙ୍ଗାନଗର ସହିତ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ପଞ୍ଜାବ, ହରିଆଣା ଏବଂ ରାଜସ୍ଥାନରେ ବିସ୍ତୃତ ଏକକ ରେଳ କରିଡର ମାଧ୍ୟମରେ ସଂଯୋଗ କରୁଛି। ସାପ୍ତାହିକ ଏହି ଟ୍ରେନ୍‌ଟି ପ୍ରତି ବୁଧବାର ସକାଳ ୬ଟା ୩୫ରେ ପୁରୀ ଷ୍ଟେସନ୍ ଛାଡ଼ି ତା’ ପରଦିନ ରାତି ୮ଟା ୩୫ରେ ରାଜସ୍ଥାନର ଶ୍ରୀଗଙ୍ଗାନଗର ଷ୍ଟେସନ୍‌ରେ ପହଞ୍ଚିବ। ପୁରୀ ଏବଂ ଶ୍ରୀଗଙ୍ଗାନଗର ଷ୍ଟେସନ ମଧ୍ୟରେ ଏହି ଟ୍ରେନ୍ ମାତ୍ର ୯ଟି ଷ୍ଟପେଜ୍‌ରେ ରହିବ। ଦେଶ ଗଠନ ସହ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ। ଟ୍ରେନ୍ ଶୁଭାରମ୍ଭ ଅବସରରେ ପୁରୀ ସାଂସଦ ସମ୍ବିତ ପାତ୍ର କହିଛନ୍ତି, ୧୬୨ କୋଟି ଟଙ୍କା ବ୍ୟୟରେ ପୁରୀ ବିଶ୍ୱସ୍ତରୀୟ ରେଳ ଷ୍ଟେସନର ନବୀକରଣ କରାଯିବ। ରାଜ୍ୟସଭା ସାଂସଦ ତଥା ରେଲ୍‌ୱେ ଷ୍ଟାଣ୍ଡିଂ କମିଟି ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଶ୍ରୀମନ୍ଦିର ନିକଟରେ ରେଳବାଇ ତରଫରୁ ଏକ ଟିକଟ୍ କାଉଣ୍ଟର କରିବାକୁ ରେଳ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ପୂର୍ବାଞ୍ଚଳ ଏବଂ ଉତ୍ତର ପଶ୍ଚିମାଞ୍ଚଳ ମଧ୍ୟରେ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ମାଇଲଖୁଣ୍ଟ ପାଲଟିବା ସହ ଯାତ୍ରୀଙ୍କୁ ସୁଖଦ ଅନୁଭୂତି ଦେଇପାରିବ। ଏହି ଅବସରରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମେସ୍‌ରେ ଝୁଲିପଡ଼ିଲେ ଛାତ୍ରୀ

କେନ୍ଦୁଝର,୧୩।୮ (ସମିସ): କେନ୍ଦୁଝର ଧରଣୀଧର ବିଦ୍ୟାଳୟ ନିକଟସ୍ଥ ଏକ ଘରୋଇ ମେସ୍‌ରେ ଜଣେ ଛାତ୍ରୀ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଛାତ୍ରୀ ଜଣଙ୍କ ଧରଣୀଧର ବିଶ୍ୱ ବିଦ୍ୟାଳୟର ଆନ୍ଥ୍ରୋପୋଲୋଜି ବିଭାଗର ପ୍ରଥମ ବର୍ଷର ପିଜି ଛାତ୍ରୀ ବୋଲି ଜଣାପଡ଼ିଛି। ପୁଲିସ୍ ପହଞ୍ଚି ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରିଥିବା ବେଳେ, ତେବେ ସେ କେଉଁ ପରିସ୍ଥିତିରେ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି, ତାହା ଅଧିକ ତଦନ୍ତରୁ ଜଣାପଡ଼ିବ ବୋଲି ପୁଲିସ୍ କହିଛି। ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ଘର ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଞ୍ଚଳର। ସେ ମାସେ ହେବ ଏହି ଘରୋଇ ମେସରେ ରହୁଥିବା ମେସର ମାଲିକ ସୂଚନା ଦେଇଛନ୍ତି। ବୁଧବାର ୧୧ଟା ବେଳେ କ୍ଲାସ ଥିବାବେଳେ ସେ ଯାଇ ନଥିଲେ ଏବଂ ପରେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଘଟଣାସ୍ଥଳରେ କେନ୍ଦୁଝର ଏସ୍‌ପି, ଆଡିସନାଲ ଏସ୍‌ପିଙ୍କ ସହ ବରିଷ୍ଠ ପୁଲିସ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଅଙ୍ଗଦାନ କରି ଜୀବନ ବଞ୍ଚାଇବା ଶ୍ରେଷ୍ଠ ମହାନୀୟତା: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୮ (ସମିସ): ଅଙ୍ଗଦାନଠୁ ମହତ କାର୍ଯ୍ୟ କିଛି ନାହିଁ। ଅଙ୍ଗ ପ୍ରତିରୋପଣ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ଜୀବନରେ ଅଙ୍ଗଦାତାମାନେ ନୂତନ ଜୀବନ ଭରି ଦିଅନ୍ତି। ମୃତ୍ୟୁ ପରେ ଅଙ୍ଗଦାନ କରି ଜୀବନ ବଞ୍ଚାଇବା ଶ୍ରେଷ୍ଠ ମହାନୀୟତା ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।



■ ବିଶ୍ୱ ଅଙ୍ଗଦାନ ଦିବସ-୨୦୨୫ ପାଳିତ
■ ୨୪ ଜଣଙ୍କୁ ସୂରଜ ସମ୍ମାନ ପ୍ରଦାନ

‘ବିଶ୍ୱ ଅଙ୍ଗଦାନ ଦିବସ’ ଅବସରରେ ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ୨୪ଜଣ ମୃତକଙ୍କ ପରିବାର ସଦସ୍ୟଙ୍କୁ ‘ସୂରଜ ସମ୍ମାନ’ରେ ସମ୍ମାନିତ କରିବା ସହ ୫ ଲକ୍ଷ ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା।

ସୂଚନା ଅନୁସାରେ, ସ୍ୱର୍ଗତ ସୂରଜ ବେହେରାଙ୍କ ପିତାମାତା ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ମୃତ ପୁତ୍ରର ଅଙ୍ଗ ଦାନ କରି ରାଜ୍ୟରେ ସ୍ୱେଚ୍ଛାକୃତ ଅଙ୍ଗଦାନକୁ ପ୍ରୋତ୍ସାହିତ କରିଥିଲେ। ସେମାନଙ୍କ ପ୍ରେରଣାଦାୟକ ତଥା ମାନବିକ କାର୍ଯ୍ୟକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପୂର୍ବତନ ରାଜ୍ୟ ସରକାର ରାଜ୍ୟର ଅଙ୍ଗଦାତାମାନଙ୍କୁ ଏବଂ ଅଙ୍ଗଦାନକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନଗୁଡ଼ିକୁ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଏହି ‘ସୂରଜ ପୁରସ୍କାର’ ପ୍ରଦାନ କରାଯାଉଛି। ହୃତ୍‌ପିଣ୍ଡ, ବୃକକ ଏବଂ ଯକୃତ ମଧ୍ୟରୁ କୌଣସି ଗୋଟିଏ କିମ୍ବା ଅଧିକ ଅଙ୍ଗ ଦାନ କରିଥିବା ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ ସହ ମହତ୍ୱପୂର୍ଣ୍ଣ ଅଙ୍ଗ ଦାନ କରିଥିବା ମୃତକ ଏବଂ ସେମାନଙ୍କ ପରିବାରର ନିସ୍ୱାର୍ଥପର ଓ ବୀରତ୍ୱର ଅବଦାନକୁ ସମ୍ମାନ ଜଣାଇ ମୃତକମାନଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହିତ ସମ୍ପନ୍ନ କରାଯାଉଛି। ଏପର୍ଯ୍ୟନ୍ତ ରାଜ୍ୟରେ ୧୪ଟି ଚିକିତ୍ସାଳୟକୁ ଅଙ୍ଗ ପ୍ରତିରୋପଣ ନିମନ୍ତେ ପଞ୍ଜୀକୃତ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡ. ଅମରେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଅଙ୍ଗଦାତାମାନଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପଶାସନ ସଚିବ ଅରୁଣା ତ୍ରିପାଠୀ ସଂଯୋଜନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଂଘକୁ ସରକାରଙ୍କ...

ଆଲୋଚନା ମାଧ୍ୟମରେ ସମାଧାନ ସମ୍ଭବ। କ୍ୟାଡର ପୁନର୍ଗଠନ ଦାବି ଆମ ବିଭାଗର ନୁହେଁ। ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ପାଖକୁ ପଠାଯାଇଛି। ତଥାପି ଆମେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗ ଏସିଏସ୍ ଲେଖିଥିବା ଚିଠିରେ ମଧ୍ୟ ଅନୁରୂପ କଥା ଉଲ୍ଲେଖ ରହିଛି। ଅନଧିକୃତ ଭାବରେ ଅନୁପସ୍ଥିତ କର୍ମଚାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ସହ ସେମାନଙ୍କର ଦରମା ସ୍ଥଗିତ ରଖିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ଅନୁପସ୍ଥିତି ଅବଧିକୁ ସେବା ବିରତି ଭାବରେ ବିବେଚନା କରାଯିବ ଏବଂ ସମ୍ପୃକ୍ତ କର୍ମଚାରୀଙ୍କ ସେବା ପୁସ୍ତିକାରେ ମଧ୍ୟ ଏହା ରେକର୍ଡ କରାଯିବ। ଏହା ବ୍ୟତୀତ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ ସେବା ସର୍ତ୍ତାବଳୀ ଏବଂ ଆଚରଣର ଉଦ୍ଦେଶ୍ୟମୂଳକ ଏବଂ ଗମ୍ଭୀର ଉଲ୍ଲଂଘନ ପାଇଁ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅପରପକ୍ଷରେ ରାଜସ୍ୱ ବିଭାଗ ଓ ମନ୍ତ୍ରୀଙ୍କ ନାଲିଆଖିକୁ ସଂଘ ଡ଼ରିବ ନାହିଁ ବୋଲି ଘୋଷଣା କରିଛି। ସଂଘ ପକ୍ଷରୁ କୁହାଯାଇଛି ଯେ ଗଣତାନ୍ତ୍ରିକ ରାଷ୍ଟ୍ରରେ କେହି କାହାକୁ ଚେତାବନୀ ଦେଇପାରିବେ ନାହିଁ। ସରକାରଙ୍କର ଆମେ ପରିବାର ଲୋକ। ତେଣୁ ଆମକୁ ଡାକିକି ଆଲୋଚନା କରିବା ପରେବର୍ତ୍ତେ ଦରମା ବନ୍ଦ ଓ ନାଲି ଆଖି ଦେଖାଇବାକୁ ଯେଉଁ ଉଦ୍ୟମ ହୋଇଛି, ସେଥିରେ ସଂଘ ପଛକୁ ହଟିବ ନାହିଁ। ବାରମ୍ବାର ପ୍ରତିଶ୍ରୁତି ପରେ ମଧ୍ୟ ରାଜସ୍ୱ ଅମଲାଙ୍କ ନ୍ୟାଯ୍ୟ ଦାବି ପୂରଣ ହୋଇପାରୁ ନାହିଁ। ସେଥିପାଇଁ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛି। ଏହା ପୂର୍ବରୁ ସରକାରଙ୍କ ସହ ଆଲୋଚନା ହୋଇଥିଲା। ପ୍ରତିଶ୍ରୁତି ପୂରଣ ପାଇଁ ସମୟସୀମା ମଧ୍ୟ ଦିଆଯାଇଥିଲା। ଏହା ସତ୍ତ୍ୱେ ଦାବି ପୂରଣ ହେଉନାହିଁ। ଯେପର୍ଯ୍ୟନ୍ତ ସରକାର ସଂଘର ଦାବି ପୂରଣ କରି ନାହାନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ୭ ପ୍ରସ୍ତାବକୁ...

ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଉପରୋକ୍ତ ପ୍ରସ୍ତାବ ସମେତ ୬ଟି ବିଭାଗର ମୋଟ ୭ଟି ପ୍ରସ୍ତାବ ଉପରେ ମୋହର ମାରିଛି କ୍ୟାବିନେଟ୍।

କ୍ୟାବିନେଟ ବୈଠକ ସମାପ୍ତ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ପ୍ରସ୍ତାବିତ ମଡେଲ ମଣ୍ଡି ଗୁଡ଼ିକରେ ଧାନକ୍ରୟ କାର୍ଯ୍ୟକ୍ରମକୁ ସୁଗମ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସୁବିଧା ରହିବ। ରାଜ୍ୟର ସମସ୍ତ ଜିଲ୍ଲାରେ ମଡେଲ ମଣ୍ଡି ସ୍ଥାପନ ନେଇ ସର୍ଭେ ସରିବା ପରେ ପ୍ରଥମ ପର୍ଯ୍ୟାୟରେ ମୋଟ ୩୮ଟି ମଣ୍ଡି ସ୍ଥାପନ ହେବ। ଏଥିରେ ୧୪ଟି ବୃହତ୍, ୧୭ଟି ମଧ୍ୟମ ଓ ୭ଟି କ୍ଷୁଦ୍ର ମଣ୍ଡି ସାମିଲ ଅଛି। ଏହି ମଣ୍ଡିଗୁଡ଼ିକର ନିର୍ମାଣ କାର୍ଯ୍ୟ ଓଡ଼ିଶା ରାଜ୍ୟ ସେତୁ ଓ ନିର୍ମାଣ ନିଗମ ମାଧ୍ୟମରେ କରାଯିବ। ଏଥିପାଇଁ ସମବାୟ ବିଭାଗ ୩୦୦କୋଟି ଟଙ୍କାର ବ୍ୟୟ ଅଟକଳ କରିଛି। ଆରଏମସିଗୁଡ଼ିକର ନିଜସ୍ୱ ଅର୍ଥରୁ ୧୫୦କୋଟି ଓ ବାକି ରାଜ୍ୟ ସରକାର ୧୫୦କୋଟି ଟଙ୍କା ଦେବେ। ସେହିପରି ଓଡ଼ିଶାର ୧୧୦ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଏଲଇଡି ସାର୍ବଜନୀନ ଷ୍ଟ୍ରିଟ ଲାଇଟ ପ୍ରକଳ୍ପ କାର୍ଯ୍ୟନ୍ୱୟନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିପାଇଁ ମୋଟ ୩୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ତନ୍ମଧ୍ୟରୁ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ନିକଟରେ ଉପଲବ୍ଧ ଥିବା ୧୫୦ କୋଟି ଟଙ୍କା ବର୍ତ୍ତମାନ ଉପଯୋଗ କରାଯାଉଛି। ଅବଶିଷ୍ଟ ୨୦୦ କୋଟି ଟଙ୍କା ପାଇଁ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିରୁ ଉପଲବ୍ଧ ଥିବା ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ବ୍ୟବହାର ହେବ। ଅନୁରୂପ ଭାବରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ବିଶ୍ୱସ୍ତରୀୟ ବିମାନ ଚଳାଚଳ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ ଓଭରହାଲ(ଏମ୍ଆରଓ) ସୁବିଧା ପ୍ରତିଷ୍ଠାକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପରେ ଭାରତର ସବୁଠାରୁ ପୁରୁଣା ଓ ବଡ଼ ତୃତୀୟ-ପକ୍ଷ ଏମଆରଓ ପ୍ରଦାନକାରୀ ମେସର୍ସ ଏୟାର ୱାର୍କସ ଇଣ୍ଡିଆ (ଇଞ୍ଜିନିୟରିଂ) ପ୍ରାଇଭେଟ ଲିମିଟେଡକୁ ମୁଖ୍ୟ ନିବେଶକ ଭାବେ ଚୟନ କରାଯାଇଛି। ସେହିପରି ସମ୍ବଲପୁର, ହୀରାକୁଦ ଓ ବୁର୍ଲା ସହରରେ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ଏକ ବଡ଼ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ ଦେଇଛି। ୩୮୨.୪୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ମହାରାଷ୍ଟ୍ରର ଏମ୍/ଏସ ଇଗଲ ଇନଫ୍ରା ଇଣ୍ଡିଆ ଲିମିଟେଡ ଦ୍ୱାରା କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟ ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୨୦୨୭ ମସିହା ଅଗଷ୍ଟ ୩୧ ତାରିଖ ସୁଦ୍ଧା ଶେଷ ହେବ। ପୁନଶ୍ଚ ଓଡ଼ିଶା ନର୍ସିଂ ଶିକ୍ଷା ସେବା ନିୟମାବଳୀ, ୨୦୨୫ ତିଆରି ପାଇଁ ଉପସ୍ଥାପିତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହା ଗଠନ ହେବା ଦ୍ୱାରା ଏହି କ୍ୟାଡର ଅଧିନରେ ଖାଲି ପଡ଼ିଥିବା ମୂଳ ଟ୍ୟୁଟର ପଦବୀ ଗୁଡ଼ିକ ପୂରଣ କରାଯାଇପାରିବ ଏବଂ ଯୋଗ୍ୟ ଅଧ୍ୟାପକଙ୍କୁ ପରବର୍ତ୍ତୀ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଇପାରିବ। ଏହାଦ୍ୱାରା ଓଡ଼ିଶାରେ ନର୍ସିଂ ଶିକ୍ଷା ଦୃଢ଼ୀଭୂତ ହୋଇପାରିବ। ଏହାବ୍ୟତୀତ ଓଡ଼ିଶା ଅମଲା ସେବା ନିୟମାବଳୀ ୨୦୨୫କୁ କ୍ୟାବିନେଟ ଅନୁମୋଦନ ମିଳିଛି ଏହା କମର୍ସିଆଲ ଟ୍ୟାକ୍ସ ଓ ଜିଏସଟି ସଂଗଠନରେ ଜିଲ୍ଲା ମିନିଷ୍ଟେରିଆଲ କ୍ୟାଡର ପାଇଁ ସ୍ୱତନ୍ତ୍ର ନିଯୁକ୍ତି ନିୟମ ପ୍ରଣୟନ କରିବ। ଏହି କ୍ୟାଡରରେ ଜୁନିଅର ଆସିଷ୍ଟାଣ୍ଟଙ୍କଠାରୁ ଏଷ୍ଟାବଲିସମେଣ୍ଟ ଅଫିସର ପର୍ଯ୍ୟନ୍ତ ବିଭିନ୍ନ ପଦବୀ ରହିବ। ୮୦ ପ୍ରତିଶତ ଜୁନିଅର ଆସିଷ୍ଟାଣ୍ଟ ପଦବୀ ସିଧାସଳଖ ନିଯୁକ୍ତି ଦ୍ୱାରା ଓ ୨୦ ପ୍ରତିଶତ ଗ୍ରୁପ-ଡି କର୍ମଚାରୀଙ୍କଠାରୁ ପଦୋନ୍ନତି ମାଧ୍ୟମରେ ପୂରଣ ହେବ। ରାଜ୍ୟର ସଂଗ୍ରହାଳୟ ଗୁଡ଼ିକର ସୁପରିଚାଳନା ଓ ସମନ୍ୱୟ ପାଇଁ ରାଜ୍ୟରେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ ଗତ ୨୦୨୩ ମସିହା ଅକ୍ଟୋବର ୧୯ ତାରିଖରେ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ଏହି ନିର୍ଦ୍ଦେଶାଳୟର ପରିଚାଳନା ପାଇଁ କ୍ୟାଡର ନିୟମାବଳୀକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିରେ ମୋଟ ୪୦ଟି ପଦବୀ ରହିବ ବୋଲି ଜଣାପଡ଼ିଛି।

**SALE**

1 Number of TRACTOR – MAHINDRA 605 DI ARJUN NOVO-50 HP 4 WD/ 2023, Registration No.- OD-11-AB-8519, Model-2023, ENGINE NO – NMJ4WBE0028, CHASSIS NO -MBNWHBDWFMNJ01002, For Details, contact – 7978329379, 8280406596, SUNDARAM FINANCE LTD., 2ndFloor, Mishra Complex , INFRONT OF SATYASAI SCHOOL, BARIPADA, MAYURBHANJ, 757001, PH. NO-06792-253348

**AFFIDAVIT**

I, Dinesh Chandra Khimji Nanda S/o Khimji Dayabhai, Resident At Plot No-515, Ambika House, BJB Nagar, PS-Badagada, Bhubaneswar, Dist-Khordha PIN-751014, Odisha declare by this affidavit No.7138 dated 13.08.2025 that now onwards I shall be known as **DINESH KHIMJI** for all future purposes.

**FORM No.1**
**SUMMONS/NOTICES FOR SERVICE BY ADVERTISEMENT IN NEWSPAPER**
(Order - 5 Rule 20)
(Succession Case)
**IN THE HON’BLE COURT OF THE CIVIL JUDGE SENIOR DIVISION, KORAPUT**
**I.C case No.01/2025**

Application for grant of Succession Certificate
Indrani Namdeo & 2 others ... Petitioners
Vs
Relationship Mangeer, Retail Sales
ICICI Prudential Assy. Management Company Limited & others ... Opposite Parties

Notice:
To
1. Relationship Manager, Retail Sales, ICICI Prudential Asset Management Company Limited, At; Ground Floor, Dharma Nagar, lane 5Berhampur, Dist; Ganjam, Odisha, PIN: 760002
2. Manager, Retail sales, ICICI Prudential Asset Manager, Po/Ps: SemiligudaDist; Koraput
3. Rambhubati, aged about 62 Years,S/O; Bhingu Saanta,Vill; Gopabandu Nagar, PO/Ps; Semiliguda, Dist; Koraput,

General Public

WHEREAS the petitioners Indrani Namdeo & 2 others have filed the above petition before this Court for the grant of succession certificate regarding the assets left by the deceased, (Ramayan Prasad Namdeo, S/O; Chooteal Namdeo of Gopabandu Nagar, Semiliguda, Po/Ps; Semiliguda, Dist; Koraput) who died on 22.8.2020.

Notice is issued in the name of respondent(s) that in case anybody has any objection for grant of succession certificate, he/she can file objection to the same on or before 06.09.2025, failing which the petition will be decided in accordance with law.

Given under my hand and seal of the Court, this **08th day of Aug, 2025.**

**Civil Judge (Sr. Division),Koraput.**

eMail: se_nerwkjr@rediffmail.com O-586

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE: KEONJHAR**
*****
No. 3204/Date 12.08.2025

**1st Corrigendum Notice**

Under unavoidable circumstances, **the availability of tender online for bidding & opening of Technical Bids** of the tender invited vide eProcurement Notice No. 3001 Dtd: 22.07.2025 / Bid Identification No. **NCB-10 / RWCKJR / 2025-26** of Chief Construction Engineer, Rural Works Circle, Keonjhar is hereby rescheduled as below.

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-10 / RWCKJR / 2025-26 | Dt.30.07.25 at 11.00 A.M. | Dt.29.08.25 up to 5.00 P.M. | Dt.26.08.25 up to 5.00 P.M. | Dt.30.08.25 at 11.00 A.M. | Will be intimated later |

All other contents remain unchanged.
OIPR-25177/11/0084/2526

Chief Construction Engineer,
R.W. Circle, Keonjhar.

**PM SHRI SCHOOL JAWAHAR NAVODAYA VIDYALAYA, TARBHA, DIST: SONEPUR (ODISHA)**
(MINISTRY OF EDUCATION, DEPARTMENT OF SCHOOL EDUCATION & LITERACY, GOVT OF INDIA)
Dated: 13.08.2025

**WALK IN INTERVIEW**

PM SHRI SCHOOL Jawahar Navodaya Vidyalaya, Tarbha, Dist-Sonepur (Odisha) is inviting qualified and experienced teacher/person/expert purely on Part time/Contract basis for the session 2025-26 under PM Shri Scheme. Interested candidates can attend the Walk-in-Interview in the Vidyalaya on 21-08-2025 Thursday at 11.00 A.M. along with their educational qualification certificates/experience certificates and other relevant documents.

| Sl. No. | Teacher/ Coach/Expert & No. of posts | Essential Qualification/Certificate | Remuneration | For the session 2025-26 |
|---|---|---|---|---|
| 1. | Yoga Teacher 01(One) | M.P.Ed. with Yoga is compulsory subject in M.P.Ed. & B.P.Ed. OR M.A./M.Sc. in Yoga OR Graduate with 01 year Post Graduate Diploma/Certificate in Yoga OR Bachelor Degree in Yoga with 2 year work experience. (Upper Age limit upto 50 years) | Rs.34125/- per month. | 08 months. |
| 2. | Yoga Trainer (Preference will be given to female) 01(One) | Graduate with PG Diploma in Yoga or M.P.Ed with Yoga Specialization from recognized University. Priority will be given on the basis of experience. | Per month Rs. **12500/-** (for 08 month) | 03 Session Per Week |
| 3. | Sports Teacher/ Coach (Football & Handball) 02(Two) | Bachelor Degree in Physical Education or equivalent from recognized University/Institution. Priority will be given on the basis of experience. | Per month Rs. **20000/-** (for 05 month) | 04 Session in a week X 04 weeks = 16 session in a month, Rs. 1250 per session |
| 4. | Music Expert 01(One) | Skilled in instruments like Guitar, Tabla, Keyboard Congo, Flute, Octopad etc., Certificate/Diploma/Degree in Music with professional experience etc. Priority will be given on the basis of experience. | Per month Rs. **20000/-** (for 05 month) | 06 Session Per Week |
| 5. | Dance Expert 01(One) | Certificate/Diploma/Degree in Classical/Folk/Modern Dance/Local/Traditional with performance experience etc. specialized in Odishi/ Kathak Dance/Bharat Nattiyam/Kuchipudi. Priority will be given on the basis of experience. | Per month Rs. **20000/-** (for 05 month) | 06 Session per Week |
| 6. | Self Defense Trainer (Female) 01(One) | Expert in Judo/Karate (Relevant Degree/Certificate from recognized institute) Priority will be given on the basis of experience. | Per month Rs. **12500/-** (for 08 month) | 04 Times in a month |
| 7. | Atal Tinkering Lab. Facilitator 01(One) | M.Sc. in Physics with Specialization in Electronics/ Robotics/ IT or MCA in related trade | Per week Rs.2500/- | 03 days in a week. |

The candidate should attend the walk-in-interview on the above scheduled date and time alongwith the self attested Xerox copies of certificates and a pass port size photograph. The attending of walk-in-interview does not confirm any candidate for selection or appointment. No T.A./D.A. will be given to the candidate by the Vidyalaya for attending the said interview. The undersigned reserve the rights to cancel part or whole of the Walk-in-Interview. Willing candidates can submit their Bio-data, certificates/documents by hand OR through Email ID: **jnvsonepur.rect@gmail.com**

**Sd/- PRINCIPAL, PM SHRI SCHOOL JNV SONEPUR (ODISHA)**

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 12.08.2025, I Basanti Behera resident at Qr.No- Type-II/A, Census Campus Colony, Bhoinagar,Bhubaneswar Khurdha, PIN-751022 , declare that I have changed the name of my Son from Badal Behera to Badal Naik . Henceforth, He shall be known as **BADAL NAIK** for all future purposes.
BASANTI BEHERA

**AFFIDAVIT**

By virtue of an affidavit sworn before Executive Magistrate, Pipili, AF.NO-2975, dated 12-08-2025 I, **Dhadu Swain,** permanent resident of Village At- Maligaon, PO- Sadangoi, PS- Delang, Dist- Puri, State- Odisha, PIN- 752015, declare that I have changed my name from **DHADIA SWAIN** (Old name) to **DHADU SWAIN** (New name), Henceforth, I shall be known as **DHADU SWAIN** for all purposes.
Sd-( Dhadu Swain )

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 12.08.2025, I Krushna Das resident At-Khurtia Sahi, Po-Balisahi, Dist-Puri, Odisha, PIN-752001 declare that I have changed my name from Krushnachandra Das to Krushna Das. Henceforth, He shall be known as **KRUSHNA DAS** for all future purposes.
KRUSHNA DAS

**AFFIDAVIT**

By virtue of an affidavit sworn before Executive Magistrate, Nandapur, Dist.- Koraput, I Kamalu Krishani, S/o- Late Dhan Krishani, resident of Vill./Po.- Kularsing, Ps.- Padwa, Dist.- Koraput, Odisha, Pin- 764038 state that, I have changed my name from **Kamala Lochan Kirsani** to **Kamalu Krishani**. Henceforth I shall be known as **Kamalu Krishani** for all future purposes.

**AFFIDAVIT**

By virtue of an affidavit sworn before Notary Public, Bargarh vide No. 504 dated 12.08.2025 I Sankalp Sarangi, S/o- Sanjib Kumar Sarangi resident of Ward No.9, Bandutikira, Bargar, Po./Ps./Dist.- Bargarh state that, in my voter I. Card my name has been mentioned as Sankalp Sarangi but in my Aadhar Card my name has been mentioned as Sankalpa Sarangi. Both the names **Sankalp Sarangi** and **Sankalpa Sarangi** is of same and one person.

**AFFIDAVIT**

By virtue of an affidavit sworn before Executive Magistrate, Jatni, AF.NO-07, dated 12-08-2025 I, **Abdul Rauf Khan,** S/o Abdul Ishaque Khan, permanent resident of At- Raja Bazar, Fakada Basti (Part) PO- Jatni, PS- Jatni, Dist- Khordha, State- Odisha, PIN- 752050, declare that I have changed my name from **RAUF KHAN** (Old name) to **ABDUL RAUF KHAN** (New name), Henceforth, I shall be known as **ABDUL RAUF KHAN** for all purposes.
Sd-( ABDUL RAUF KHAN )

**AFFIDAVIT**

I, Kajipopy Khatun, D/O- Kazi Sorabuddin, residence of Vill: Barbil, Ward No- 07, PO/PS: Barbil, Dist: Keonjhar, Pin- 758035, Odisha, India, declare by this affidavit No- 02 dated 07.08.2025 that now onwards I shall be known as **Popy Mondal** for all future purposes.

**AFFIDAVIT**

I, **Ashis Kumar Sahu**, S/o Gouranga Chandra Sahu, resident of HIG-1/77, BDA Colony, Kapilaprasad, Bhubaneswar - 751002 by affidavit No- 503, dtd-12/08/2025 state that my father's name is recorded as Gouranga Chandra Sahu in PAN, but in my HSC Certificate it is reflected as Gouranga Charan Sahu. **Gouranga Chandra Sahu** & **Gouranga Charan Sahu** refer to one and same person. The correct legal name of my father is **Gouranga Chandra Sahu** for all purposes.
Sd- ( Ashis Kumar Sahu )

**AFFIDAVIT**

I, Prasana Kumar Rout, S/o- Bhikari Charan Rout, resident of At-Duburi, Po- Duburi, Dist-Jajpur, PIN- 755026, Odisha declared by this affidavit No. 882, dtd-05/06/2024 that now onwards I shall be known as **PRASANNA KUMAR ROUT** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-12/08/2025. I, **Arjuna Pradhani** (Applicant name), S/O- Purnananda Pradhani, Permanent resident of At-Tentulipada, P.O. Katarkela, P.S. Titilagarh, Dist- Balangir, (Odisha), PIN- 767033, now residing at the same place affirm that I have changed my minor daughter's name from **Pihoo Pradhani** (old name) to **Pihu Pradhani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Pihu Pradhani** (new name).
**Arjuna Pradhani**

**AFFIDAVIT**

I, Shantanu Sarkar, aged about 38 years, S/o- Sudhansu Sekhar Behera, resident of At- DDL-1145, Phase-2, Housing Board Colony, Dumduma, Ps- Khandagiri, Bhubaneswar, Dist- Khurda, Odisha, Pin- 751019 declare by this affidavit No. 1616, dtd-13/08/2025, that now onwards I shall be known as **SANTANU SARAKAR** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on Dt. 30/072025. I **Sushil Kumar Sahu,** S/o- Gouranga Charan Sahu, resident of Village- Gangarampur, Po- Jaria, P.S/Tahasil- Pattamundai, Dist-Kendrapada, Odisha. My Name has been mentioned **Sushil Sahoo** instead of **Susil Kumar Sahu** in postal savings account No- 010010882445 of Jaria Post Office branch. I declare that my self **Susil Kumar Sahu** and **Sushil Sahoo** is one and same person for all purposes.
**Sushil Kumar Sahu**

**AFFIDAVIT**

I, Sidhee Mangaraj, aged about 31 years, W/o- Sumit Kumar Mangaraj, resident of At- Kudiary, Dolamandap Sahi, Street No- 30Q, Ward No- 23, Ps- Jatni, Dist- Khurda, Odisha, Pin- 752050 declare by this affidavit No. 1606, dtd. 12/08/2025, that now onwards I shall be known as **SIDHEE** for all future purposes.

**AFFIDAVIT**

I, Susama Panda, aged about 41 years, W/o- Muna Panda, resident of At- Bajarakbati Road, Professor pada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN- 753003, Odisha declare by this affidavit No. 1617, dtd-13/08/2025, that now onwards I shall be known as **SUSHAMA PANDA** for all future purposes.

**AFFIDAVIT**

I, Shaikh Rahim Bakhas, S/o- Late Shaikh Ibrar Bakhas, resident of At/Po-Gop, Ps- Gop, Dist- Puri, PIN- 752110, Odisha declared by this affidavit No-2921, dtd-19/07/2025 that now onwards I shall be known as **SK RAHIM BAKHAS** for all future purposes.

**AFFIDAVIT**

I, Suryamani Barik, H/o- Puspa Nayak, resident of At- L-345, Phase-4, HB Colony, Dumduma, Bhubaneswar, Dist- Khurda, PIN- 751019, Odisha declared by this affidavit No. 640, dtd-11/08/2025 that now onwards I shall be known as **SURYAMANI BARICK** for all future purposes.

## ଫିରିଙ୍ଗିମାଲ ନାବାଳିକା ଆତ୍ମଦାହ ମାମଲା

# ପୀଡ଼ିତାଙ୍କ ପରିବାର ପାଇଁ କ୍ଷତିପୂରଣ ସହ ତଦନ୍ତ ଦାବି କଲା ବିଜେଡି

ବରଗଡ଼, ୧୩।୮ (ସମିସ)



ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଫିରିଙ୍ଗିମାଲ ଗାଁରେ ଘଟି ଯାଇଥିବା ନାବାଳିକାର ଆତ୍ମଦାହ ଓ ମୃତ୍ୟୁ ଘଟଣାରେ ବରଗଡ଼ ବିଜେଡି ଗଭୀର ଦୁଃଖ ପ୍ରକାଶ କରିଛି। ଏହାସହ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଫିରିଙ୍ଗିମାଲ୍ ଗସ୍ତ କରି ପୀଡିତାଙ୍କ ପରିବାର ବର୍ଗଙ୍କୁ ଭେଟି ଗ୍ରାମବାସୀଙ୍କୁ ଘଟଣା ସମ୍ବନ୍ଧରେ ପଚାରି ବୁଝିଛନ୍ତି। ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ହରିଶଙ୍କର ବେହେରା, ଉମା ଚରଣ ରାଉତ, ଅନୁପ ଶତପଥୀ, ବଳରାମ ସାହୁ, ଗଣେଶ ସାହୁ ପ୍ରମୁଖଙ୍କୁ ନେଇ ବିଜେଡି ପ୍ରତିନିଧି ମଣ୍ଡଳୀ ବିଭିନ୍ନ ଦାବି ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ବରଗଡ଼ ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଏସପି ଶିବ ପ୍ରସାଦ ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଛି। ୧୩ ବର୍ଷର ନାବାଳିକାକୁ ପେଟ୍ରୋଲ ଢାଳି ଆତ୍ମଦାହ ପାଇଁ କିଏ ପ୍ରବର୍ତ୍ତାଇଲା, ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଦେବା ପାଇଁ ସରକାର ନିଷେଧ କରିଥିବା ବେଳେ ଦୋକାନୀ କାହା ପ୍ରରୋଚନାରେ ଓ କାହିଁକି ପେଟ୍ରୋଲ ଯୋଗାଇଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣା ପରେ ଜିଲ୍ଲା ପ୍ରଶାସନ, ଡିବ୍ଲ୍ୟୁଓ, ଡବ୍ଲ୍ୟୁଇଓ କାହିଁକି ଚୁପ୍ ରହିଛନ୍ତି ବୋଲି ଦାବିରେ ଦର୍ଶା ଯାଇଛି। ସାପ ଲହର ସେବାଶ୍ରମ ସ୍କୁଲର କର୍ମଚାରୀଙ୍କୁ କାହିଁକି ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତ ପରିସର ଭୁକ୍ତ କରାଯାଇ ନାହିଁ, ପୀଡିତାଙ୍କ ଅନ୍ତିମ ବୟାନ ଟୁକେଲ (ଝିଅ)ଟେ କହିଲା ବୋଲି ଉଲ୍ଲେଖ କରୁଥିବା ଭିଡିଓ ଅନୁସାରେ ସେ ଟୁକେଲ (ଝିଅ )କିଏ? ପୁଲିସ ଆଇଜି ହିମାଂଶୁ ଲାଲ କାହା ଚାପରେ ଘରୋଇ ଟିଭି ଚାନେଲରେ ଘରୋଇ କଳହରୁ ଆତ୍ମହତ୍ୟା ବୋଲି କିପରି ସଫେଇ ଦେଲେ? ପୁଲିସ ଅଧିକାରୀ ଘଟଣାକୁ ବାଟବଣା କରି ଅପରାଧୀକୁ ଘଣ୍ଟ ଘୋଡାଇବାକୁ ଉଦ୍ୟମ କରୁ ନାହାନ୍ତି ତ? ଏହି ସବୁ ଘଟଣା ଗୁଡିକର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୀଡିତା ପରିବାରକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ କ୍ଷତି ପୂରଣ ପ୍ରଦାନ କରାଯାଉ ବୋଲି ବିଜେଡି ପକ୍ଷରୁ ଦାବି ହୋଇଛି। ୫୦ ହଜାର ଟଙ୍କା ସହାୟତା ଦେଇ ପରିବାର ପ୍ରତି ଅବିଚାର କରାଯାଇଛି। ତା ସହ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଦାଦନ ଖଟିବାକୁ ଯାଇଥିବା ବାପା ଘରକୁ ଫେରି ପାରି ନାହାନ୍ତି। ସେ ବିଷୟରେ ବି ପ୍ରଶାସନ ପକ୍ଷରୁ ସହଯୋଗ କରାଯାଉ ବୋଲି ଦାବି ହୋଇଛି।

**ପରିବାରକୁ ୫୦ ଲକ୍ଷ ସହାୟତା ଦାବି**

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ପାଇକମାଳ, ୧୩।୮ (ସମିସ): ପାଇକମାଳ ଥାନା ପାଇକମାଳ କିଙ୍ଗ୍‌ସ ଢାବା ନିକଟରେ ବିଳମ୍ବିତ ରାତ୍ରିରେ ଏକ ବାଇକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ପାଇକମାଳ ବ୍ଲକ କଲ୍ଲାମାଲ ଗାଁର ଅନ୍ତ ସାହୁ (୬୧) ବୋଲି ଜଣାପଡ଼ିଛି। ଅନ୍ତ ସାହୁ ବରତୁଣ୍ଡା ବଜାରକୁ ବଳଦ ବିକ୍ରି କରିବା ପାଇଁ ଯାଇ ନିଜ ଘରକୁ ଫେରୁଥିଲେ। କିଙ୍ଗ୍‌ସ ଢାବା ନିକଟରେ ପାଇକମାଳ ପଟରୁ ବାଇକରେ ଆସୁଥିବା ପୁରେନା ଗାଁର ମହେନ୍ଦ୍ର ଧରୁଆ (୨୭) ଅନ୍ତକୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲେ। ଘଟଣା ସ୍ଥଳରେ ଅନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ପାଇକମାଳ ପୁଲିସ ଘଟଣା ସ୍ଥଳକୁ ଆସି ଶବକୁ ବ୍ୟବଚ୍ଛେଦ ନିମନ୍ତେ ପଦ୍ମପୁର ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ମହେନ୍ଦ୍ରକୁ ପୁରେନା ଗାଁରୁ ଗିରଫ କରିଥିଲା। ଏନେଇ ପାଇକମାଳ ଥାନା ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। ଅଭିଯୁକ୍ତ ମହେନ୍ଦ୍ରକୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ବୋଲି ପାଇକମାଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ସାମାନ୍ୟ ବର୍ଷାରେ ବରଗଡ଼ର ହାଲ୍ ବେହାଲ

● ଦୋକାନ ଭିତରକୁ ପଶିଲା ପାଣି

ବରଗଡ଼, ୧୩।୮ (ସମିସ): ବରଗଡ଼ ସହର ଦିନେ ସ୍ୱଚ୍ଛତାକୁ ନେଇ ସାରା ରାଜ୍ୟରେ ଦ୍ୱିତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲା। ହେଲେ ଅଳ୍ପ ଦିନ ଭିତରେ ସହରର ସମ୍ପୂର୍ଣ୍ଣ ଚିତ୍ର ବଦଳି ଯାଇଛି। ପୌର ପରିଷଦ, ନବ ନିର୍ବାଚିତ ବିଧାୟକଙ୍କ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ପଡୁନି। ସହରର ଭଟଲି ଛକ ଠୁଁ ଲମ୍ବା ବିଲ୍ଡିଂ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପାଇଁ ଦୋକାନ ଘର ସମ୍ମୁଖ ଭଙ୍ଗା ଯାଇଛି। ମାତ୍ର ଭାଙ୍ଗିଲା ପରେ ପ୍ରଶାସନ ଆଉ ସଫା କରୁନାହିଁ। ଯଦ୍ୱାରା ଆଜି ସାମାନ୍ୟ ବର୍ଷାରେ ଦୋକାନ ଗୁଡ଼ିକ ଭିତରକୁ ପାଣି ପଶିଛି। ଦୋକାନୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭିଏସଏସ ନଗର ଛକ ଠୁଁ ଘୁଲିପାଲି ରାସ୍ତା ହେଉଛି ସହରର ଏକ ବ୍ୟସ୍ତ ବହୁଳ ରାସ୍ତା। ଏହି ରାସ୍ତା ଜାତୀୟ ରାଜପଥକୁ ସଂଯୋଗ କରୁଛି। ଆଜି ସନ୍ଧ୍ୟାରେ ସାମାନ୍ୟ ବର୍ଷାରେ ଏହି ରାସ୍ତା ଉପରେ ଆଣ୍ଠୁଏ ପାଣି ଜମିଥିଲା। ସବୁ ଗଳିରୁ ନର୍ଦ୍ଦମା ପାଣି ଆସି ରାସ୍ତା ଉପରେ ଜମା ହୋଇଥିଲା। ଲୋକେ ରାସ୍ତାରେ ଆଣ୍ଠୁଏ ପାଣି ଭିତରେ ଯିବା ଆସିବା କରୁଥିବା ଦେଖା ଦେଇଥିଲା। ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଏ ବିଷୟରେ ଅବଗତ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇ ପାରିନି ବୋଲି ଭିଏସଏସ ନଗର ବ୍ରାହ୍ମଣ ସମାଜ ସଭାପତି ଚଞ୍ଚଳ ମିଶ୍ର କହିଛନ୍ତି। ଆଗାମୀ ଦିନରେ ଏ ସମସ୍ୟାର ସମାଧାନ କରା ନ ଗଲେ ପଡ଼ାବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଝାରବନ୍ଧରେ ସାମୂହିକ ଔଷଧ ସେବନ ଅଭିଯାନ

ବରଗଡ଼, ୧୩।୮ (ସମିସ): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଅନୁସାରେ ଫାଇଲେରିଆ ନିରାକରଣ ପାଇଁ ଔଷଧ ସେବନ ଅଭିଯାନ ଚାଲିଛି। ଏହି ପରିପ୍ରେକ୍ଷୀରେ ଝାରବନ୍ଧ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଯଶୋବନ୍ତ ମେହେରଙ୍କ ତତ୍ତ୍ୱାବଧାନରେ ସମଗ୍ର ବ୍ଲକରେ ଫାଇଲେରିଆ ନିରାକରଣ ଅଭିଯାନ ଅଧୀନରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଗକୁ ୮୩, ୦୦୦ ଲୋକଙ୍କୁ ଔଷଧ ସେବନ କରାଇବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ପିଏଚଇଓ ଅରୁଣ ଭୋଇ ଏବଂ ବିପିଏମ ପ୍ରଶାନ୍ତ ପ୍ରଧାନଙ୍କ ସଂଯୋଜନାରେ ଝାରବନ୍ଧ ବ୍ଲକର ୧୪ଟି ପଞ୍ଚାୟତର ଗାଁ, ସ୍କୁଲ, କଲେଜ ଏବଂ ବିଭିନ୍ନ ଅନୁଷ୍ଠାନରେ ଏହା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଫାଇଲେରିଆ ରୋଗର ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଉପରେ ଭିବିଡିଟିଏସ ସାନୁଜ୍ ଦାସ ଗୁରୁତ୍ୱାରୋପ କରିଥିଲେ। ଝାରବନ୍ଧ ବିଡିଓ ପ୍ରଥମେ ଔଷଧ ସେବନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଶା ଦିଦି ଏବଂ ଆଙ୍ଗନବାଡି କର୍ମୀଙ୍କ ସହାୟତାରେ ସ୍କୁଲ, କଲେଜ, ଅଫିସ୍ ଏବଂ ଘରକୁ ଘର ବୁଲି ଔଷଧ ସେବନ କରାଇବା କାର୍ଯ୍ୟକ୍ରମ ଜାରି ରହିଛି। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମେହେର ସମସ୍ତ ଜନସାଧାରଣଙ୍କୁ ଔଷଧ ସେବନ କରି ଅଞ୍ଚଳକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଅନୁରୋଧ କରିଛନ୍ତି।

● ପିଲାଙ୍କ ମାନସିକ ସ୍ଥିତି ପରଖିବାକୁ ନିଆରା ପଦକ୍ଷେପ

## ଜୀବନ କୌଶଳ ଶିକ୍ଷା ପାଇବେ ଛାତ୍ରଛାତ୍ରୀ

ବରଗଡ଼, ୧୩।୮ (ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁଙ୍କ ନେତୃତ୍ୱରେ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟ ମାନଙ୍କରେ ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଆମ୍ବାସାଡର ମାନଙ୍କ ଦ୍ୱାରା ଉଚ୍ଚ ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମାନସିକ ସୁସ୍ଥତା ସମ୍ପର୍କିତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ଅନେକ ଜାଗାରେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବକ ଯୁବତୀଙ୍କ ମଧ୍ୟରେ ଆତ୍ମହତ୍ୟା ତଥା ଆତ୍ମଦାହ ପ୍ରବୃତ୍ତି ଜାତ ହେବା ସଙ୍ଗେ ସଙ୍ଗେ ଅନେକ ମୂଲ୍ୟବାନ ଜୀବନ ଚାଲିଯାଇଛି। ଏଣୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନର କଥା ଜାଣିବା ପାଇଁ ଶିକ୍ଷକ ମାନେ ଚେଷ୍ଟା କରିଥିଲେ। ଏହି କ୍ରମରେ ସିଆରସିସି ଶ୍ରୀ ସାହୁ ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କ ସହ ଭାବ ବିନିମୟ କରିଥିଲେ। ପିଲାମାନଙ୍କ ମଧ୍ୟରେ ମାନସିକ ଅବସାଦ, ଛାନିଆ ଭାବ, ସ୍କିଜୋଫ୍ରେନିଆ, ମାନିଆ ଆଦି ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହା ପରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କିତ ଆଲୋଚନା ଏବଂ ହେଲ୍ପଲାଇନ ନମ୍ବର ସମ୍ବନ୍ଧରେ ପିଲାମାନଙ୍କୁ ଜଣାଇଥିଲେ। ଯେଉଁ ପିଲାମାନଙ୍କ ଏଭଳି କିଛି ଲକ୍ଷଣ ଦେଖାଯାଉଛି ସେମାନଙ୍କୁ ଉଚିତ ମାର୍ଗଦର୍ଶନ କରିବା ପାଇଁ ପ୍ରଧାନଶିକ୍ଷକ ମାନଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ବୈତାଳି ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ପଧାନ ସହଯୋଗ କରିଥିଲେ। ବୈତାଳି କ୍ଲଷ୍ଟରରେ ଶ୍ରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଅନେକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଯାହାମଧ୍ୟରେ ପୋକ୍ସୋ ମତାମତ ବାକ୍ସ ଅନ୍ୟତମ। ଏହାଛଡା ବିଦ୍ୟାଳୟକୁ ସୁରକ୍ଷିତ ରଖିବା ପାଇଁ ୪ ଟି ବିଦ୍ୟାଳୟରେ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇଛି।

## ଚାଷୀଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ୪ ବିଧାୟକଙ୍କ ଆଲୋଚନା



ବରଗଡ଼, ୧୩।୮ (ସମିସ): ବରଗଡ଼ ଜିଲ୍ଲାର ସମସ୍ତ ବିଜେପି ବିଧାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭେଟି ଜିଲ୍ଲାର ଚାଷୀ ପଞ୍ଜୀକରଣ ତଥା ଚାଷୀଙ୍କର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ ଜିଲ୍ଲାର ଗୋଟିଏ ମଧ ଯୋଗ୍ୟ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହେବେ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ସହ ଚାଷୀ ଭାଇ ମାନଙ୍କୁ ଦଲାଲ ମୁକ୍ତ ମଣ୍ଡି କରିବା ପାଇଁ ସ୍ପଷ୍ଟ ଆଭିମୁଖ୍ୟ ରଖିଛନ୍ତି। ବୈଠକରେ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶ୍ୱାସତ ମିଶ୍ର ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ମନୋଜ ସାହୁ ମଧ ଉପସ୍ଥିତ ଥିଲେ।

## ସୁଭଦ୍ରା ଯୋଜନାରୁ ୨୬୬୫ ହିତାଧିକାରୀ ବଞ୍ଚିତ

ବରଗଡ଼, ୧୩।୮ (ସମିସ): ରାଜ୍ୟରେ ଡବଲ ଇଞ୍ଜିନ ସରକାର ମହିଳା ମାନଙ୍କ ପାଇଁ ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି। ରାକ୍ଷୀ ପୂର୍ଣ୍ଣିମା ଦିନ ତୃତୀୟ କିସ୍ତି ସୁଭଦ୍ରା ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆସିଛି। ହେଲେ ପାଞ୍ଚ ଏକରରୁ ଊର୍ଦ୍ଧ୍ୱ ଜମି ଦର୍ଶାଇ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରୁ ବାଦ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକରେ ଆଦିବାସୀ ଓ ପଛୁଆ ବର୍ଗର ବହୁତ ପରିବାର ଅଛନ୍ତି। ବ୍ଲକରେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ମୋଟ ୨୨, ୭୧୨ ଜଣ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ୧୮, ୯୫୩ ଜଣ ସୁଭଦ୍ରା ଟଙ୍କା ପାଇଛନ୍ତି। ସେହିଭଳି ୨୯୦୭ଟି ଆବେଦନ ରଦ୍ଦ ହୋଇଛି। ରଦ୍ଦ ଆବେଦନ ମଧ୍ୟରୁ ୨୬୫୭ଟି ଆବେଦନ ୫ ଏକରରୁ ଅଧିକ ଜମି ଥିବା ଦର୍ଶାଯାଇଛି। ବାକି ଯାନବାହନ, ଚାକିରିଆଙ୍କ ଆବେଦନ ବୋଲି କୁହାଯାଇଛି। ସୁଭଦ୍ରା ଯୋଜନାରେ ଯୋଗ୍ୟ ହିତାଧିକାରୀ ବୋଲି ଦର୍ଶାଇଥିବା ଆବେଦନକାରୀଙ୍କ ମଧ୍ୟରୁ ୫ ଏକରରୁ କମ ଜମି ଥିବା ରିପୋର୍ଟ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆସିଛି। ହେଲେ ସରକାରଙ୍କ ଠାରୁ କୌଣସି ଆଦେଶ ଆସୁ ନ ଥିବାରୁ ଜମି ସମ୍ବନ୍ଧୀୟ ଆବେଦନର ବିଚାର ହୋଇ ପାରୁନାହିଁ। ଏକ ଜିମାଳୀ ଜମିପଟ୍ଟା ୮ ଏକର ଜମି ଥିଲେ ମଧ୍ୟ ଏହି ଜମିପଟ୍ଟାରେ ଥିବା ଏକାଧିକ ହିତାଧିକାରୀ ମାନଙ୍କୁ ୫ ଏକରରୁ ଅଧିକ ଜମିର ମାଲିକ ବୋଲି କୁହାଯାଉଛି। କେମିତି ଏମିତି ଭୁଲ ତଥ୍ୟ ଅପଲୋଡ ହେଲା ତାହା ତଦନ୍ତ ସାପେକ୍ଷ। ଅନେକ ଯୋଗ୍ୟ ହିତାଧିକାରୀ ଭୁଲ ଜମି ତଥ୍ୟ ଯୋଗୁଁ ସୁଭଦ୍ରା ଯୋଜନାରୁ ବଞ୍ଚିତ ରହିଛନ୍ତି। ଫଳରେ ଝାରବନ୍ଧ ବ୍ଲକରେ ମହିଳାଙ୍କ ମଧ୍ୟରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ୫ ଏକରରୁ କମ ଜମି ଥିବା ହିତାଧିକାରୀଙ୍କୁ ଅଧିକ ଜମି ଥିବା ଦର୍ଶାଇ ସୁଭଦ୍ରା ଯୋଜନାରୁ ବାଦ ଦିଆଯାଇଛି। ସେହି ହିତାଧିକାରୀ ମାନେ ସରକାରୀ ହିସାବରେ ସେମାନଙ୍କ ଅଧିକ ଥିବା ଜମିକୁ ଚିହ୍ନଟ କରି ପଟ୍ଟା ପ୍ରଦାନ କରିବା ପାଇଁ ଆବେଦନ କରିବାକୁ ସଜବାଜ ହେଉଛନ୍ତି। ୫ ଏକରରୁ କମ ଜମି ଥିବା ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ସୁଭଦ୍ରା ଟଙ୍କା ପ୍ରଦାନ କରିବା ପାଇଁ ସରକାର ପଦକ୍ଷେପ ନେବାକୁ ମହିଳାମାନେ ଦାବି କରିଛନ୍ତି।

**ଜମି ଭୁଲ ତଥ୍ୟରୁ ବାଦ୍ ପଡୁଛନ୍ତି**

**ହର୍ ଘର୍ ତ୍ରିରଙ୍ଗା ପଦଯାତ୍ରା**

# ଜାତୀୟ ପତାକାର ମାନ ରଖିବା ନାଗରିକଙ୍କ କର୍ତ୍ତବ୍ୟ







ବରଗଡ଼, ୧୩।୮ (ସମିସ)

ଝାରବନ୍ଧ ବ୍ଲକର କୁମୀର ଠାରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ନେତା ଗୋବର୍ଦ୍ଧନ ଭୁଏ, ବିଜେପି ନେତା ହରିହର ସାହୁ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ସାଗର ସାହୁ, ପଦ୍ମନ ରଣା, ପ୍ରଦ୍ୟୁମ୍ନ ସାହୁ, ଜୟନ୍ତ ଦୁଧେକା, ଫୁଲବାବୁ କୁମ୍ଭାର ପ୍ରମୁଖ ସାମିଲ ଥିଲେ। କୁମୀର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗାଁର ଜନସାଧାରଣ ମଧ୍ୟ ସାମିଲ ହୋଇଥିଲେ। ସେହିପରି ଡଭା ଠାରେ ମଧ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୋବର୍ଦ୍ଧନ ଭୁଏ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ଚିନ୍ତାମଣି ରାଉତ, ଛୋଟ ଅନକି ସମିତି ସଭ୍ୟ ସତ୍ୟମ ପ୍ରଧାନ, ଡଭା କଲେଜର ଅଧ୍ୟାପକ ଦିଲ୍ଲୀପ ସାହୁ, ରଜତ ପ୍ରଧାନ, ପିଇଟି ଦୟାସାଗର ନାୟକ, ସଞ୍ଜୀବ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ। ଉଭୟ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ବେଳେ ଗାଁ ପରିକ୍ରମା କରି ଭାରତ ମାତାର ଜୟ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା।

**ବରଗଡ଼:** ‘ଆଜାଦୀ କା ଅମୃତ ମହୋତ୍ସବ’ ତଥା ‘ଘରେ ଘରେ ତ୍ରିରଙ୍ଗା’ ଅଭିଯାନର ପ୍ରସାର ପ୍ରଚାର ପାଇଁ, ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଗାନ୍ଧୀଛକ ଠାରୁ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଏବଂ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର୍ ହୁସେନ, ଜିଲ୍ଲା ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକ, ଏଇ ମିଶନ ସ୍କୁଲ ଚେୟାରମ୍ୟାନ ଯଶବୀର ସିଂ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ପୁଲିସ ଓ ଅବକାରୀ ବିଭାଗର କର୍ମଚାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ନେଇ ଦେଶାତ୍ମବୋଧକ ନାରା ଏବଂ ଗୀତ ଗାଇ ଶୋଭାଯାତ୍ରା କରିଥିଲେ। ପ୍ରତ୍ୟେକ ନାଗରିକଙ୍କୁ ଏହି ପବିତ୍ର ତ୍ରିରଙ୍ଗା ପ୍ରତି ସମ୍ମାନ ଓ ସୁରକ୍ଷାର ଭାବନା ରଖି ଏହି ଅଭିଯାନରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଗୋୟଲ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଥିଲେ।

**ପାଇକମାଳ:** ପାଇକମାଳ ମଣ୍ଡଳ ବିଜେପି ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଛି। ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରୁ ପଦଯାତ୍ରା ବାହାରି ପାଇକମାଳ ମୁଖ୍ୟ ଛକ ନିକଟରେ ପହଞ୍ଚିଥିଲା। ପଦଯାତ୍ରାରେ ବିଡିଓ ପ୍ରଫୁଲ୍ଲ ଓଦୁ ଅତିଥି ଭାବେ ଯୋଗ ଦେଇଥିଲେ। ୮୦୦ ଶହ ଛାତ୍ରଛାତ୍ରୀ, ସିଆରପିଏଫ୍, ଲାୟନ୍ସ କ୍ଲବ୍‌ର ସଦସ୍ୟ ଓ ପ୍ରଶାସନ କର୍ମକର୍ତ୍ତା ମଧ୍ୟ ଯୋଗ ଦେଇଥିଲେ। ପଦଯାତ୍ରାରେ ୧୦୦ ମିଟର ଜାତୀୟ ପତାକାକୁ ନିଆଯାଇଥିଲା। ଛାତ୍ରଛାତ୍ରୀ ଘରେ ଘରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତ୍ରିରଙ୍ଗାର ମାନ ରଖିବା ଦେଶର ନାଗରିକଙ୍କ କର୍ତ୍ତବ୍ୟ ବୋଲି ବିଡିଓ ଶ୍ରୀ ଓଦୁ ବାର୍ତ୍ତା ଦେଇଥିଲେ। ମୁଖ୍ୟ ଛକରେ ଯମୁନା କନ୍ଧୁଣୀ ହାଇସ୍କୁଲର ଛାତ୍ରୀମାନେ ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ। ତ୍ରିରଙ୍ଗା ପଦଯାତ୍ରାରେ ପାଇକମାଳ ଜିଲ୍ଲା ପରିଷଦ ସଦସ୍ୟ ତଥା ଜମିଦାର ସୁରେନ୍ଦ୍ର ପ୍ରତାପ ସିଂ ବରିହା, ବିଜେପି ନେତା ଗୋବର୍ଦ୍ଧନ ଅଗ୍ରୱାଲ, କୈଳାସ ଦିଶ୍ରୀ, ସୁଶାନ୍ତ ନାଗ, ଆଶୁତୋଷ ସାହୁ, ରୋଷନ ପାଣିଗ୍ରାହୀ, ମହେଶ ଅଗ୍ରୱାଲ, ଟିନୁ ପୁରୋହିତ, ଯୋଗେନ୍ଦ୍ର ଭୋଇ, ବିକି ଅଗ୍ରୱାଲ, ସଞ୍ଜୟ ବେହେରା, ଅକ୍ଷୟ ସାହୁ, ଯତିନ ସାହୁ, ପିତବାସ ସାହୁ, ଇନ୍ଦ୍ରଜିତ ଭୋଇ, ଦିବ୍ୟ ହଂସ, ପର୍ଶୁରାମ ନାଏକଙ୍କ ସମେତ ଜନସାଧାରଣ ସାମିଲ ହୋଇଥିଲେ।

**ପଦ୍ମପୁର:** ଅଞ୍ଚଳ ମହାବିଦ୍ୟାଳୟ ଦ୍ୱାରା ପଦ୍ମପୁର ସହରରେ ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କ ମାର୍ଗଦର୍ଶନ ଏବଂ ନେତୃତ୍ୱରେ ବିଭିନ୍ନ ସମ୍ପ୍ରଦାୟ ଏବଂ ଅଞ୍ଚଳର ନାଗରିକମାନଙ୍କ ମଧ୍ୟରେ ଜାତୀୟ ଗର୍ବ ଏବଂ ଏକତାର ଭାବନା ସୃଷ୍ଟି କରିବା, ଦେଶପ୍ରେମ, ଜାତୀୟ ସଂହତି ଏବଂ ତ୍ରିରଙ୍ଗା ପ୍ରତି ସମ୍ମାନର ବାର୍ତ୍ତା ଉପରେ ଗୁରୁତ୍ୱାରୋପ କରିବା ଲକ୍ଷ୍ୟ ନେଇ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। କଲେଜ ପକ୍ଷରୁ ୧୦୦ ମିଟର ଲମ୍ବର ଏକ ଜାତୀୟ ପତାକା ସହିତ ୨୦୦ ଟି ତ୍ରିରଙ୍ଗା ପତାକା ମଧ ତିଆରି କରାଯାଇଥିଲା ଏବଂ ପଦ୍ମପୁରର ଟାଉନ ହଲରୁ ଆରମ୍ଭ କରାଯାଇ ସହର ବ୍ୟାପି ଏହି ଯାତ୍ରା ହୋଇଥିଲା। ପ୍ରାଧ୍ୟାପକ ତାରା ପ୍ରସାଦ ଶତପଥୀ, ପ୍ରଭାତ ମହାପାତ୍ର, ପ୍ରମୋଦ ତ୍ରିପାଠୀ, ନବକୃଷ୍ଣ ମିଶ୍ର, ସନ୍ତୋଷ ମିଶ୍ର, ପ୍ରମୋଦ ପାଣିଗ୍ରାହୀ, ଡ.ତୁଷାରକାନ୍ତ ସାହୁ, ଡ.ସୁବୋଧ ତ୍ରିପାଠୀ, ଝୁନୁ ପରିଡ଼ା, ଶର୍ମିଳା ପଣ୍ଡା, ଶର୍ମିଳା ପଣ୍ଡା, ସଞ୍ଜୟ ଟିଗା, ବାଲଗୋପାଳ ମେହେର, ବୁନି ସାହୁ ଏବଂ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ପ୍ରାଧ୍ୟାପକ ପ୍ରଧ୍ୟାପିକା ଏବଂ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



**ଗାଇସିଲେଟ:** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ କଟାବାହାଲରେ ଜିଲ୍ଲା ଜଳ ଓ ପରିମଳ ମିଶନ ଜିଲ୍ଲା ପରିଷଦ ଆନୁକୂଲ୍ୟରେ ଗାଇସିଲେଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭିଷ୍ମଦେବ ମାଝୀଙ୍କ ନେତୃତ୍ୱରେ ଘରେ ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଅର୍ପିତା ପଣ୍ଡା ଓ ସମସ୍ତ ୱାର୍ଡ ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କ ସହିତ ବିଡିଓ ଘରେ ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବା ସହ ନିଜ ଗାଁକୁ ସଫାସୁତୁରା ରଖିବା ପାଇଁ ଅନୁରୋଧ କରିଥିଲେ। ବିଭିନ୍ନ ସ୍ଥାନରେ ସଫେଇ ସହିତ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିପିସି ଆରଏଚ ଅଭୟ ପ୍ରଧାନ, ବ୍ଲକ ରିସୋର୍ସ୍ କୋର୍ଡିନେଟର ଖିତିଶ ଚନ୍ଦ୍ର ପଟେଲ, ମାଷ୍ଟର ଟ୍ରେନର ତରିଣୀ ସେନ ମହଲା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ତିକେଶ୍ୱର ବେହେରା, ରୀନା ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ। ପରେ ବିଡିଓ ଅଧିକାରୀ ମାନଙ୍କ ସହ କୁଲିଆରୀ ଗାଁରେ ପହଞ୍ଚିଥିଲେ। ଆରମ୍ଭ ହୋଇ ନଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅଧପନ୍ତରିଆ କାମ ଘର ଘର ବୁଲି ଦେଖିବା ସହ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ବିଦ୍ୟାଳୟକୁ ଯାଇ ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା ସହ ମଧ୍ୟାହ୍ନ ଭୋଜନ ତଦାରଖ କରିଥିଲେ।

ଲୁହାପଙ୍କ ପଞ୍ଚାୟତରେ ଜନଶୁଣାଣି

# ବର୍ଜ୍ୟବସ୍ତୁ ପ୍ରକଳ୍ପ ସ୍ଥାପନକୁ ତୀବ୍ର ବିରୋଧ

ରେଢ଼ାଖୋଲ,୧୩।୮ (ସମିସ):







ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଲୁହାପଙ୍କ ପଞ୍ଚାୟତ ବୁଢିପାଣି ଗ୍ରାମ ନିକଟରେ ପ୍ରସ୍ତାବିତ ଜୈବ ଚିକିତ୍ସା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ସର୍ବସାଧାରଣ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି।ଜନଶୁଣାଣିରେ ମେସର୍ସ ନିଉଅନ୍ ଗ୍ରୀନଟେକ୍ ଏଲଏଲପି ଦ୍ୱାରା ଜୈବ ଚିକିତ୍ସା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର (ବାୟୋ ମେଡିକାଲ ୱେଷ୍ଟ ପ୍ରୋଜେକ୍ଟ) କୁ ଅଞ୍ଚଳବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଏଥିନେଇ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କ ନିକଟକୁ ପ୍ରକଳ୍ପ ବନ୍ଦ ସମ୍ବନ୍ଧରେ ଲିଖିତ ଅଭିଯୋଗ ଅଞ୍ଚଳବାସୀ କରିଛନ୍ତି। ଜନଅଭିଯୋଗ ଶୁଣାଣିରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦ ଯୋଗ ଦେଇଥିଲେ। ପ୍ରକଳ୍ପ ସ୍ଥାପନ ଦ୍ୱାରା ପରିବେଶ ଉପରେ ଗୁରୁତ୍ୱ ଦେଇ ପ୍ରକଳ୍ପଟି ଜୈବ ଚିକିତ୍ସା ବର୍ଜ୍ୟବସ୍ତୁ ପ୍ରବନ୍ଧକ ନିୟମ ୨୦୧୬ ଅନୁଯାୟୀ ଆଧୁନିକୀକରଣ ପ୍ରକ୍ରିୟା ଓ ନିଷ୍କାସନ ପ୍ରଯୁକ୍ତି ବ୍ୟବହାର କରାଯିବ ବୋଲି ପ୍ରତିକ୍ରିୟା ଦେବା ସହ ଏହା ଜନସାଧାରଣଙ୍କ କୌଣସି କ୍ଷତି କରିବ ନାହିଁ ବୋଲି କହିଥିଲେ। ଜନଶୁଣାଣିରେ ଲୁହାପଙ୍କ ପଞ୍ଚାୟତର ବୁଢୀପାଣି, ହେମାମୁରା ଆଦି ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ।

## ନାରୀ ସୁରକ୍ଷା ଏବଂ ଯୌନ ଉତ୍ପୀଡନ ସଚେତନତା

କୁଚିଣ୍ଡା,୧୩।୮ (ସମିସ):ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହାହ ପ୍ରବୃତ୍ତିକୁ ରୋକିବା,ନାରୀ ଓ ଶିଶୁ ସୁରକ୍ଷା ଏବଂ ଯୌନ ଉତ୍ପୀଡନ ନିରୋଧ ବିଷୟରେ ସଚେତନତା କାର୍ଯ୍ୟକ୍ରମ ବାମରା ଟିଏଫ ମହାବିଦ୍ୟାଳରେ ଗୋବିନ୍ଦପୁର ପୁଲିସ ପକ୍ଷରୁ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବାମରା ଟିଏଫ ମହାବିଦ୍ୟାଳର ଛାତ୍ରଛାତ୍ରୀ,ଅଧ୍ୟାପକ , ଅଭିଭାବକ, ସମାଜସେବୀ ଓ ପୁଲିସ ଅଂଶଗ୍ରହଣ କରିଥିଲେ।କୁଚିଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ କୁମାର ଦାସ ଆତ୍ମହାହ ଭଳି କାର୍ଯ୍ୟର କୁପରିଣାମ, ମାନସିକ ଚାପ ପରିଚାଳନା, ଏବଂ ପରିବାର-ସମାଜର ସହଯୋଗର ଆବଶ୍ୟକତା ବିଷୟରେ ସଚେତନ କରିଥିଲେ। ନାରୀ ଓ ଶିଶୁଙ୍କ ସୁରକ୍ଷା ପାଇଁ ଆଇନ, ହେଲ୍ପଲାଇନ ନମ୍ବର, ସରକାରୀ ଯୋଜନା, ସହାୟତା କେନ୍ଦ୍ର ଓ ପୋଲିସ ସହାୟତା ବ୍ୟବସ୍ଥା ବିଷୟରେ ବିସ୍ତୃତ ସୂଚନା ଦିଆଗଲା। ଏଥିରେ ଶିକ୍ଷା ସଂସ୍ଥାନ ଓ କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ ନିଷେଧ କାନୁନ (ପୋସ ଆଇନ) ବିଷୟରେ ବିଶେଷ ଆଲୋଚନା ହେଲା। କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରାହୀମାନେ ନିଜ-ନିଜ ପରିବେଶରେ ସଚେତନତା କରିବା , ଅସୁବିଧାରେ ପଡ଼ିଥିବା ବ୍ୟକ୍ତିଙ୍କୁ ସହାୟତା କରିବା ଓ ସୁରକ୍ଷିତ ସମାଜ ଗଠନରେ ଯୋଗଦାନ କରିବା ପାଇଁ ଶପଥ ନେଲେ।

## ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ନିଶା ମୁକ୍ତ ଭାରତ ଅଭିଯାନ

ଜମନକିରା,୧୩।୮ (ସମିସ): ଆମ ଦେଶରେ ନିଶା ସେବନ ବିଶେଷ ଭାବରେ ଯୁବଙ୍କ ମଧ୍ୟରେ ବଢୁଛି। ଏନେଇ ଜମନକିରା ବ୍ଲକ୍ ପ୍ରଶାସନ ପକ୍ଷରୁ ଜମନକିରା ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ପାଇଁ ସଚେତନ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭା ରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ବେହେରା ସଭାପତିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ରବୀନ୍ଦ୍ର ସେଠୀ ବିଡ଼ିଓ ଜମନକିରା, ମୁଖ୍ୟବକ୍ତା ଭାବରେ ଦେବକୀ ନାଏକ ଏବିଇଓ ଜମନକିରା, ସମ୍ମାନିତ ଅତିଥି ଭାବରେ ଯଜ୍ଞସିନି ନାଏକ ସରପଞ୍ଚ ଜମନକିରା, ରୁସଭ ମାଝୀ ଯୋଗ ଦେଇଥିଲେ। ଲୁକେଶ କୁମାର ବାଘ ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ନିଶାମୁକ୍ତ ଅଭିଯାନ ପାଇଁ ବକ୍ତୃତା,ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା ହୋଇଥିଲା। ବକ୍ତୃତାରେ ପ୍ରଥମ ହୋଇ ଥିଲେ ମମତା ରଣା, ସୋଲିନା ପ୍ରଧାନ, ଲିପସା ରାଣୀ ରଣବିଡ଼ା, ଚିତ୍ରାଙ୍କନରେ ପ୍ରଥମ ଗଣନାଥ ଝାଙ୍କର, ମହମ୍ମୋଡ ଫରହ୍, ଆକାଶ ପଧାନ,ରଚନା ରେ ପ୍ରଥମ ହୋଇ ଥିଲେ ସଲିନା ପଧାନ, ବନ୍ଦନା ସା, ହରିପ୍ରିୟା ଦେବନାଥ ,ରଞ୍ଜିତା ମାଝୀ, ଜ୍ୟୋତିମୟୀ ବିଶ୍ୱାଳ, ମନ୍ଦାକିନୀ ପତି, ନିହାରିକା ସାମଲ, ଶୋଭା ରାଣୀ ବାଘ, ଦୀପକ କିସ ାନ, ସୁବାଶିଷ ବେହେରା, ଏ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମେ ସମସ୍ତେ ଶପଥ ପାଠ କରି ଥିଲେ।

## ଜୟ ତାରା ମା' ଏସ୍ଏଚ୍‌ଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୧୩।୮ (ସମିସ):ସମ୍ବଲପୁର ମହାନିଗର ନିଗମର ଅତିରିକ୍ତ ଆୟୁକ୍ତଙ୍କ ନାମରେ ସଙ୍ଗୀନ ଅଭିଯୋଗ। ବିଭିନ୍ନ ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚ୍‌ଜି) କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଏପରି ବାଧ୍ୟ ହୋଇ ଏସଏଚ୍‌ଜି ଗ୍ରୁପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ ବୁର୍ଲା ବାସନ୍ତୀ କଲୋନୀ ସ୍ଥିତ ଜୟ ତାରା ମା'ଏସଏଚ୍‌ଜିକୁ ଏସଏମସିର ଅତିରିକ୍ତ ଆୟୁକ୍ତ ସରୋଜିନୀ ପ୍ରସନ୍ନ କୁଲ୍ଲୁ ବାରମ୍ବାର ହଇରାଣ କରୁଥିବା ଗ୍ରୁପର ସଭାପତି ଜିଲ୍ଲାପାଳଙ୍କ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ,ଅତିରିକ୍ତ କମିଶନର ସଦସ୍ୟା ମାନଙ୍କୁ ଅଯଥାରେ ଚାପ, ଧମକ ସହ ଅନାବଶ୍ୟକ ଆଚରଣ କରୁଛନ୍ତି। ମୌଖିକ ଅପବ୍ୟବହାର କରୁଥିବାରୁ କାର୍ଯ୍ୟକ୍ଷେତ୍ରରେ ବାଧା ସୃଷ୍ଟି ହେଉଛି। ସ୍ୱଚ୍ଛ ସାଥୀଙ୍କ ଦରମା ବିଷୟରେ ବାରମ୍ବାର ପଚାରିଲେ ମଧ୍ୟ ଶ୍ରୀମତି କୁଲ୍ଲୁ କୌଣସି ପଦକ୍ଷେପ ଗ୍ରହଣ କରନ୍ତି ନାହିଁ। ଖୁସି ଯୋଜନା ବିଷୟରେ ପଚାରିଲେ, ସେ ଯୋଜନା ବିଷୟରେ ଜାଣିନାହିଁବୋଲି ଉତ୍ତର ରଖୁଛନ୍ତି। ତେଣୁ ଏ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରୁପର ସଭାପତି ଲିନୁ ପରିଡ଼ା, ସମ୍ପାଦକ ବାସନ୍ତି ସେହ୍ରିଆ। ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି। ଅତିରିକ୍ତ କମିଶନରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ବୁର୍ଲା ରୋଟାରୀ କ୍ଲବ୍‌ର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୧୩।୮ (ସମିସ): ଭିସୁଟ୍‌ର ଇ-ଲର୍ଣ୍ଣିଂ ସେଣ୍ଟରରେ ବୁର୍ଲା ରୋଟାୟରୀ କ୍ଲବ୍‌ର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬ ବର୍ଷ ପାଇଁ ରୋଟାରୀ କ୍ଲବ୍‌ର ନୂତନ ପଦାଧିକାରୀଙ୍କୁ ଚୟନ କରାଯାଇଛି। ସୁମନ୍ତ ନାୟକ ସଭାପତି ହୋଇଥିବା ବେଳେ ଦିନେଶ ନାୟକ ସମ୍ପାଦକ ମନୋନୀତ ହୋଇଛନ୍ତି। ଦେବଦତ୍ତ ମିଶ୍ରଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭିସୁଟ କୁଳପତି ପ୍ରଫେସର ଦିପକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରୋଟାରୀ କ୍ଲବର ସମାଜ ସେବାକୁ ପ୍ରଶଂସା କରିଥିଲେ। ଜିଲ୍ଲା ଗଭର୍ଣ୍ଣର ଅମିତ ଜୟସ୍ୱାଲ ରୋଟାରୀର ବିଶ୍ୱ ମାନବିକ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ସହାୟକ ଜିଲ୍ଲା ଗଭର୍ଣ୍ଣର ରଞ୍ଜିତ ସିଂହ ହୁରା ରୋଟାରୀର କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦାୟୀ କ୍ଲବ ସଭାପତି ସଞ୍ଜୟ ପଟ୍ଟନାୟକ ତାଙ୍କ କାର୍ଯ୍ୟକାଳ ବିଷୟରେ ଅଭିଜ୍ଞତା କହିଥିଲେ। ବିଦାୟୀ ସମ୍ପାଦକ ଏସ୍‌ବି ବିଶ୍ୱାଳ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ନୂତନ ସଭାପତି ସୁମନ୍ତ ନାୟକ ସଦସ୍ୟମାନଙ୍କୁ ସେବା ମାଧ୍ୟମରେ ସମାଜ ସହିତ ସମ୍ପର୍କକୁ ଆହୁରି ଗଭୀର କରିବାକୁ ଉତ୍ସାହିତ କରିଥିଲେ। ସମ୍ପାଦକ ଦିନେଶ ନାୟକ ୨୦୧୫-୨୬ ପାଇଁ କାର୍ଯ୍ୟ ଯୋଜନା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଏବଂ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଡି କପାନି, ଆର୍‌କେ ଯାଯୋଡିଆ, ବିଏମ୍ ମିଶ୍ର, ଏସ୍‌ପି ପାଢ଼ୀ, ବି ବେହୁରିଆ, ଏସ୍‌ସି ପଣ୍ଡା, ଏକେ ବେହେରା, ଏସ୍‌କେ ସ୍ୱାଇଁ, ଏମ୍‌ଆର ମହାନନ୍ଦ, ଡି ମହାଲିକ, ଶର୍ମିଳା ଗଡ଼ନାୟକ, ମୀରା ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଏସ୍‌ଏସ କାବୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ବୁର୍ଲା ଡିଏଭି ସ୍କୁଲରେ ସଂସ୍କୃତ ଦିବସ




ସମ୍ବଲପୁର,୧୩।୮ (ସମିସ): ବୁର୍ଲା ଡିଏଭି ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ସଂସ୍କୃତ ଶିକ୍ଷକ ସୁଶାନ୍ତ କୁମାର ସାହୁ ସଂସ୍କୃତ ଭାଷାର ମହତ୍ତ୍ୱ ଏବଂ ଏହି ଦିବସ ପାଳନର ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଓଡ଼ିଶୀ ନୃତ୍ୟ, ସଙ୍ଗୀତ ତଥା ଭାଷା ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉତ୍ସବରେ ଭାରତ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କ ଜନ୍ମଜୟନ୍ତୀ ଅବସରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ମହାକାଶ ସମ୍ବନ୍ଧିତ କୁଇଜ୍, ବକ୍ତୃତା ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ସଂସ୍କୃତ ବିଭାଗ ତଥା ବିଦ୍ୟାଳୟ ଉତ୍ସବ କମିଟି ପରିଚାଳନା କରିଥିଲେ। ବିଦ୍ୟାଳୟର ବିଦ୍ୟାର୍ଥୀ ଅନୋଖୀ ସାହୁ ଓ ମଣିକର୍ଣ୍ଣିକା ସ୍ୱାଇଁ ସଂଯୋଜନା କରିଥିଲେ। ଶେଷରେ ସଂସ୍କୃତ ଶିକ୍ଷକ ଡଃ ଶାନ୍ତନୁ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବସୁନ୍ଧରା ଯୋଜନାରେ ୬୩୩ପଟ୍ଟା ବଣ୍ଟନ



ରେଢ଼ାଖୋଲ,୧୩।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢାଖୋଲ ସହରର କଦମ୍ବ ପଡିଆରେ ମଙ୍ଗଳବାର ଦିନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ସରକାର ଗରିବ ଅସହାୟ ଭୂମିହୀନ ପରିବାର ଲୋକଙ୍କୁ ଜମି ପଟ୍ଟା ସଂକ୍ରାନ୍ତୀୟ ସମାଧାନ କରିବା ସହିତ ପ୍ରତ୍ୟେକ ଗରିବ ପରିବାରଙ୍କୁ ଜମିପଟ୍ଟା ଯୋଗାଇ ଦେବାକୁ ଅଙ୍ଗୀକାର ବଦ୍ଧ ବୋଲି କହିଥିଲେ।କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ୍ ବନ୍ଦର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଧାଂଶୁ କୁମାର୍ ଭୋଇ, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହାନ୍ତ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ରେଢ଼ାଖୋଲ ବ୍ଲକ୍ ଅଧ୍ୟକ୍ଷ ପ୍ରଦିପ ପ୍ରଧାନ, ନାକଟିଦେଉଳ ବ୍ଲକ୍ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ରେଢ଼ାଖୋଲ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ନାକଟିଦେଉଳ ତହସିଲଦାର ଅମରେନ୍ଦ୍ର ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ବସୁନ୍ଧରା ଯୋଜନାରେ ରେଢ଼ାଖୋଲ ବ୍ଲକ୍‌ରେ ୧୯୪ ଜଣ ହିତାଧିକାରୀ, ନାକଟିଦେଉଳ ବ୍ଲକ୍‌ର ୭୪ ଜଣ, ଜଙ୍ଗଲ ଜମି ପଟ୍ଟାରେ ରେଢ଼ାଖୋଲ ବ୍ଲକ୍‌ର ୧୯୨ ଜଣ, ନାକଟିଦେଉଳ ବ୍ଲକ୍‌ର ୪୧ ଜଣ ଏବଂ ସ୍କୁଲ ଓ କଲେଜମାନଙ୍କୁ ପଟ୍ଟା ହସ୍ତାନ୍ତରରେ ରେଢ଼ାଖୋଲ ବ୍ଲକ୍‌ରେ ୯୨, ନାକଟିଦେଉଳରେ ୩୯ ଜଣ ହିତାଧିକାରୀ ସମେତ ମୋଟ୍ ୬୩୩ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା। ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ଓ ଅନ୍ୟାନ୍ୟ ସହାୟତା ରାଶି ଏବଂ ଭିନ୍ନକ୍ଷମ ଉପକରଣ ବଣ୍ଟା ଯାଇଥିଲା। ସେହିପରି ୪ ଜଣ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର୍ ଏବଂ ୪ ଜଣଙ୍କୁ ଭିନ୍ନକ୍ଷମ ଇଣ୍ଟରକାଷ୍ଟ ମ୍ୟାରେଜ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ସ୍କୁଲକୁ ଜମି ଦାନ ପାଇଁ ଦନେଇ ତାଣ୍ଡିଆ ଓ ପ୍ରକୃତି ପ୍ରେମୀ ଶିବରାମ ସାହୁଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## ଭୀମଭୋଇ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ରେଢାଖୋଲ,୧୩।୮ (ସମିସ):ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟରେ ବୁଧବାର ସଂସ୍କୃତ ସପ୍ତାହର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଉତ୍ସବରେ ସଂସ୍କୃତ ବିଭାଗର ଅଧ୍ୟକ୍ଷ ଡ଼ ଭୋଜରାଜ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢୀ ନିଜର ବକ୍ତବ୍ୟରେ ସଂସ୍କୃତ ହେଉଛି ପୃଥିବୀର ସର୍ବ ପୁରାତନ ଭାଷା, ବିଶ୍ୱର ସବୁ ଭାଷାର ଜନନୀ, ଭାରତର ଆତ୍ମାକୁ ଆବିଷ୍କାର କରିବାକୁ ହେଲେ ଆମକୁ ସଂସ୍କୃତ ଅଧ୍ୟୟନ କରିବାକୁ ହେବ।

ମହାବିଦ୍ୟାଳୟର ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ସଂସ୍କୃତ ଭାଷାର ମହାନ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସାଂପ୍ରତିକ ବିକ୍ଷୁବ୍ଧ ବିଶ୍ୱରେ, ଜୀବନର ମହନୀୟତାକୁ ଉପଲବ୍ଧ କରିବା ପାଇଁ ବେଦ, ଉପନିଷଦ,ସମସ୍ତ ପୁରାଣ ସାହିତ୍ୟର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ବକ୍ତା ପ୍ରାଧ୍ୟାପକ ଡ.ମନୋରଞ୍ଜନ ମହନ୍ତ ଏବଂ ପ୍ରାଧ୍ୟାପିକା ସୁପ୍ରିୟା କୁମାରୀ ମଲ୍ଲିକ ସଂସ୍କୃତି ସମ୍ପନ୍ନ ହେବା ପାଇଁ ସଂସ୍କୃତର ଅପରିହାର୍ଯ୍ୟ ରହିବା ଦରକାର। ସଂସ୍କୃତ ବିଭାଗ ଅଧ୍ୟାପକ ସରୋଜ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

ଆଦିବାସୀଙ୍କୁ ଅବହେଳା

## ଜଙ୍ଗଲ ଜମି ପଟ୍ଟା ଥାଇ ଧାନ ବିକ୍ରିକରି ପାରୁନାହାନ୍ତି

କୁଚିଣ୍ଡା,୧୩।୮ (ସମିସ):

ସାରା ଦେଶରେ ଆଦିବାସୀଙ୍କ ଜଙ୍ଗଲ ,ଜମି ଓ ଜଳ ଉପରେ ପୂର୍ଣ୍ଣ ଅଧିକାର ପ୍ରଦାନ କରଯାଇଛି। ଆଦିବାସୀ ବହୁଳ କୁଚିଣ୍ଡା ନିର୍ବାଚନମଣ୍ଡଳୀ ବି ଆଦିବାସୀଙ୍କ ପାଇଁ ସ୍ଥାନ ସଂରକ୍ଷଣ ରଖାଯାଇ ଏଠାର ଜନପ୍ରତିନିଧି ପ୍ରାୟତଃ ଆଦିବାସୀ ସମ୍ପ୍ରଦାୟରୁ ବିଭିନ୍ନ ପଦପଦବୀ ରହି ଆସୁଛନ୍ତି। ଏଠାକାର ଆଦିବାସୀଙ୍କୁ ମଧ୍ୟ ୩ ପିଢ଼ିରୁ ଊର୍ଦ୍ଧ୍ୱ ବସବାସ କରୁଥିବା ବ୍ୟକ୍ତିଙ୍କୁ ଦଖଲ କରୁଥିବା ଜଙ୍ଗଲ ଜମିରେ ଆଇଟିଡିଏ ପକ୍ଷରୁ ଜଙ୍ଗଲ ଜମିରେ ପଟ୍ଟା ପ୍ରଦାନ କରିଛନ୍ତି। ହେଲେ ଏହି ପଟ୍ଟା ଆଦିବାସୀଙ୍କ କୌଣସି କାମରେ ଆସୁନଥିବା ବହୁ ଆଦିବାସୀ ଅଭିଯୋଗ କରନ୍ତି। ଏମାନଙ୍କ ପାଇଁ ଜାତି ପ୍ରମାଣପତ୍ର କିମ୍ବା ଧାନ ବିକ୍ରି କରିବା ପାଇଁ ଚାଷୀ ପଞ୍ଜୀକରଣ କରି ଚାଷୀ କାର୍ଡ ହୋଇନପାବାରୁ ଚାଷୀ ବହୁ କଷ୍ଟ ଉପାର୍ଜିତ ଧାନ କୁ ଦଲାଲ ହାତରେ ଶାଗ ମାଛ ଦରରେ ବିକ୍ରି କରି ସର୍ବଶାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ଦଲାଲମାନେ କମ୍ ଦରରେ ଧାନ କିଣି ଅଧିକ ଯଙ୍କାରେ ବିକ୍ରିକରି ମାଲେମଲା ହେଉଛି। ଜଙ୍ଗଲ ଜମିରେ ଉପାର୍ଜିତ ଧାନ ବିକ୍ରି କରିବାକୁ ଚାଷୀ କିପରି ପଞ୍ଜିକୃତ ହୋଇ ଚାଷୀ ପରିଚୟ କାର୍ଡ ପାଇ ପାରିବେ ସେ ନେଇ ବହୁ ନିର୍ବାଚିତ ପ୍ରତିନିଧିଙ୍କୁ ଜଣାଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଜଣେ ଚାଷୀ ସଫଳ ହୋଇନାହାନ୍ତି। ଅଞ୍ଚଳରେ ଜଙ୍ଗଲ ଜମିରେ ପଟ୍ଟା ପାଇଥିବା ବ୍ୟକ୍ତି ପ୍ରକାର ଆନ୍ଦୋଳନପନ୍ଥାକୁ ଆପଣାଇବା ପାଇଁ ଯୋଜନା ଚଳାଇଛନ୍ତି। କୁଚିଣ୍ଡା ଆଇଟିଡିଏ କିମ୍ବା ତହସିଲଦାର ଜଙ୍ଗଲ ଜମି ବିଭାଗ ଘଟଣାକୁ ଗୁରୁତର ସହ ବିଚାରକୁ ନେଇ ଜଙ୍ଗଲ ଜମିରେ ପାଇଥିବା ପଟ୍ଟାରେ ଚାଷୀ ପଞ୍ଜୀକରଣ କରି ଚାଷୀକାର୍ଡ ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ଦୈନିକ ପରିବା ବଜାରର ସୁବ୍ୟବସ୍ଥା ନେଇ ଆଲୋଚନା



ପଦ୍ମପୁର,୧୩।୮ (ସମିସ): ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ପଦ୍ମପୁର ବଣିକ ସଂଘ, ନାଗରିକ କମିଟି, ଦୂର୍ଗାପୂଜା କମିଟିର, ସଦସ୍ୟ ମାନଙ୍କୁ ନେଇ ବୈଠକ ବସିଛି। ବୈଠକରେ ପଦ୍ମପୁର ଦୈନିକ ବଜାର ଏବଂ ସାପ୍ତାହିକ ବଜାରର ସୁବ୍ୟବସ୍ଥା ନିମନ୍ତେ ଆଲୋଚନା କରାଯାଇଥିଲା। ମାଛ, ମାଂସ ଆଦି ଆମିଷ ଦୋକାନ ମାନ ଆର୍‌ଏମ୍‌ସି ବଜାରକୁ ସ୍ଥାନାନ୍ତରିତ କରି କେବଳ ପନିପରିବା ବଜାରକୁ ଯଥା ସ୍ଥାନରେ ରଖିବା ପାଇଁ ପ୍ରସ୍ତାବ ନିଆଗଲା। ତତ୍ ସଙ୍ଗେ ଭେଉଁରିଆ ଛକ ଠାରେ ଉପଯୁକ୍ତ ସ୍ଥାନ ଦେଖି ବାରଭାଇ ବେଣ୍ଟକାରଙ୍କ ପ୍ରତିମୂର୍ତ୍ତି ଯଥାଶୀଘ୍ର ସ୍ଥାପନ କରିବା ତଥା ସ୍ୱର୍ଗତ ରଣଜିତ ସିଂ ବରିହାଙ୍କ ପ୍ରତିମୂର୍ତ୍ତି ଥିବା ସ୍ଥାନର ଯତ୍ନ ନେଇ ସଫା ସୁତୁରା ରଖିବା ପାଇଁ ପ୍ରସ୍ତାବ ଦିଆଗଲା। ବୈଠକରେ ପରିଷଦ ଅଧିକାରୀ ରାମଚନ୍ଦ୍ର ମାଝୀ, ଅଜିତ ଶତପଥୀ, ପ୍ରତାପ ମିଶ୍ର, ଅଦିତ୍ୟ ରଥ, ଯୁଗଳ କିଶୋର ସାହୁ, ସନ୍ତୋଷ ମହାନ୍ତି, ନନ୍ଦ କିଶୋର ଅଗ୍ରୱାଲ, ଯୋଗେସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଦେରପାଲି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଗାଇସିଲେଟ,୧୩।୮ (ସମିସ): ଗାଇସିଲେଟ ବ୍ଲକ୍ ଅଧୀନ ଗୁଦେରପାଲି ଯୁକ୍ତ ଦୁଇ କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରୀତିଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି କିଶୋର ପାତ୍ର ମୁଖ୍ୟ ଅତିଥି ଏବଂ ସମ୍ପାଦକ କିଶୋର ଚନ୍ଦ୍ର ଦେବତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କମିଟିର ସଦସ୍ୟ ଶୈଳବାଳା ଦେବତା, ମୁକେଶ ମୁରାରୀ କେଡିଆ, ମନୋହର ନାଏକ ମଞ୍ଚାସୀନ ଥିଲେ। ଏହି ଅବସରରେ କାନ୍ଥ ପତ୍ରିକା 'ସୀମା'ର ମଧ୍ୟ ଉନ୍ମୋଚନ କରାଯାଇଥିଲା। ଅଧ୍ୟାପକ ନରେନ୍ଦ୍ର ଦେହେରୀ, ଅଧ୍ୟାପିକା ଲୋପାମୁଦ୍ରା ପ୍ରଧାନ, ହେତୁ ପାତ୍ର, ଲିଙ୍ଗ ହାତୀ, ଜୟଦେବ ବିଶ୍ୱାଳ ସାହାଯ୍ୟ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଅର୍ଚ୍ଚନା ଦାଶ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରିଥିଲେ। ଅଧ୍ୟାପକ ମୁକେଶ ସାହୁ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଚମ୍ପେଶ୍ୱର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ଝାଡ଼େଶ୍ୱର ମନ୍ଦିରର ନୂତନ ପରିଚାଳନା କମିଟି

ବରଗଡ଼,୧୩।୮ (ସମିସ): ଶ୍ରୀ ଶ୍ରୀ ଝାଡ଼େଶ୍ୱର ବାବା ମନ୍ଦିର ରେଙ୍ଗାଲ ପାଲି (ସରସରା) ର ନୂତନ ମନ୍ଦିର ପରିଚାଳନା କମିଟି ଗଠନ ପାଇଁ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୀର୍ତ୍ତି ଚନ୍ଦ୍ର ଭୋଇ ସଭାପତିତ୍ୱ କରିଥିଲେ। ସର୍ବ ସମ୍ମତି କ୍ରମେ ସୁକାନ୍ତ ଭୋଇଙ୍କୁ ସଭାପତି, ତୋଷବନ୍ତ ପଣ୍ଡା ଉପ ସଭାପତି, ସମ୍ପାଦକ ପରେଶ୍ ବିଶି, ସହସମ୍ପାଦକ ବ୍ରଜ କିଶୋର ମିଶ୍ର, କୋଷାଧ୍ୟକ୍ଷ ବିରେନ୍ଦ୍ର ନାଥ କୁମ୍ଭାର ଓ ମିଡିଆ ସଂଯୋଜକ ଭାବେ କିଶନଲାଲ ଗୋଥୁଆଲଙ୍କୁ ମନୋନୀତ କରାଗଲା। ବୈଠକରେ ତୋସବନ୍ତ ଦାସ, ଗଣେଶ ରାମ ଅଗ୍ରୱାଲ, ମୁକୁନ୍ଦ ରଥ, ସଦାଶିବ ସାହୁ, ଧର୍ମରାଜ୍ ଭୋଇ, ଯାଦବ ଭୋଇ, ସୁଶିଲ ଭୋଇ, ରୋହିତ ଭୋଇ, ସମୀର ପଣ୍ଡା, ମଣ୍ଟୁ ମହାପାତ୍ର, କ୍ଷିରୋଦ୍ର ସାହୁ, ଜୟ ପ୍ରକାଶ ପ୍ରଧାନ, ନିରଞ୍ଜନ ମଲ୍ଲିକ ଓ ପଞ୍ଚୁଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରତିଯୋଗିତା

ବରଗଡ଼,୧୩।୮ (ସମିସ): ବ୍ଲକ୍‌ସ୍ତରୀୟ ୭୯ତମ ସ୍ୱାଧିନତା ଦିବସ ୨୦୨୫ ମହାସମାରୋହରେ ପାଳନ କରିବା ପାଇଁ ଝାରବନ୍ଧ ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଝାରବନ୍ଧ ଠାରେ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମହାସମାରୋହରେ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ହେବା ପାଇଁ ବ୍ଲକ୍ ପ୍ରଶାସନ ତରଫରୁ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ଚାଲିଛି। ଅନ୍ୟ ପଟେ ଝାରବନ୍ଧ ବିଇଓ ଶୁଭମ ପତିଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଗୁଡିକ ଏବିଇଓ ଦୟାନିଧି କୈବର୍ତ୍ତ, ବିଶିକେଶନ ଶତପଥୀ ସୂଚାରୁ ରୂପେ ସମ୍ପାଦନ କରୁଛନ୍ତି। ପ୍ରତିଯୋଗିତା ସ୍କୁଲ ଓ କଲେଜ ଗୁଡିକର ଛାତ୍ରଛାତ୍ରୀଙ୍କୁ ନେଇ, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ଲିଖନ, ତର୍କ, କୁଇଜ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ପ୍ରଥମ ଶ୍ରେଣୀରୁ ଆରମ୍ଭ କରି ସ୍ନାତକ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଝାରବନ୍ଧର ସମସ୍ତ ସିଆରସିସି, ବ୍ଲକ୍ କର୍ମଚାରୀ, ପାଳନ କମିଟିର ସଦସ୍ୟ ତଥା ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ଥିଲେ।

## ତାଳପଦର ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ କମିଟି

ବିଜେପୁର,୧୩।୮ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅଧୀନ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତାଳପଦରରେ ଆଭ୍ୟନ୍ତରୀଣ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ମିଶ୍ରଙ୍କ ପୌରୋହିତ୍ୟର ଅନୁଷ୍ଠିତ ବୈଠକରେ ବିଜେପୁର ଥାନା ଅଧିକାରୀ ସୁଶାନ୍ତ ମହାନ୍ତି, ସମ୍ମାନିତ ଅତିଥି ଏଏସଆଇ ସୋଭାଗିନି ମାଝୀ, ଆଇନଜୀବୀ ପ୍ରଶାନ୍ତ ପ୍ରଧାନ, ଆଇସିସି ଚେୟାରମ୍ୟାନ ଅଧ୍ୟାପିକା ଶୁଭଶ୍ରୀ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟାୟର ପ୍ରତିବାଦ, କାର୍ଯ୍ୟାଳୟରେ ଯୌନ ନିର୍ଯାତନା, ନାରୀ ସୁରକ୍ଷା ଆଇନ ଆଦିର ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କ ଅବଗତି ନିମନ୍ତେ ଆଲୋକପାତ କରାଯାଇଥିଲା। ଅଧ୍ୟାପକ ଉପେନ୍ଦ୍ର ସାହୁ ସ୍ୱାଗତ ଭାଷଣ, ଅଧ୍ୟାପକ ଅକ୍ଷୟ ପ୍ରଧାନ ସଭା ସଞ୍ଚାଳନ ଓ ଶେଷରେ ଅଧ୍ୟାପକ ଉମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଚିକିତ୍ସାଳୟ ପହଞ୍ଚାଇଲା ସଂକଳ୍ପ ପରିବାର

ବରଗଡ,୧୩।୮ (ସମିସ): ବରଗଡ଼ ଭେଡେନ ରାସ୍ତାରେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ରାସ୍ତା କଡ଼ରେ ପଡିଥିବା ଅଚିହ୍ନା ବ୍ୟକ୍ତିଙ୍କୁ ଚିକିତ୍ସାଳୟରେ ପହଁଞ୍ଚାଇଲେ ସଂକଳ୍ପ ପରିବାରର ସଦସ୍ୟ ସାମାଜିକ କର୍ମୀ ବିକାଶ ଅଗ୍ରୱାଲ ଓ ଅସିତ ଖମାରି। ଭେଡେନରୁ ବରଗଡ଼ ରାସ୍ତା ଜାଣ୍ଡୋଲ ପାଖରେ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଜଣେ ବ୍ୟକ୍ତି ରାସ୍ତା କଡରେ ଗୁରୁତର ଅବସ୍ଥାରେ ପଡି ରହିଥିଲେ। ଘଟଣାସ୍ଥଳରେ ଅନେକ ଲୋକ ରୁଣ୍ଡ ହୋଇ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ସୁଦ୍ଧା ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ କରିଥିଲା। ସେହି ସମୟରେ ସଂକଳ୍ପ ପରିବାରର ସଦସ୍ୟ ବିକାଶ ଓ ଅସିତ ନିଜର ବ୍ୟକ୍ତିଗତ କାମରେ ଭେଡେନରୁ ଘରକୁ ଫେରୁଥିଲେ। ଆମ୍ବୁଲାନ୍ସ ପାଇଁ ଅପେକ୍ଷା ନକର ଦୁର୍ଘଟଣାରେ ଗୁରୁତର ହୋଇ ପଡି ରହିଥିବା ବ୍ୟକ୍ତିଙ୍କୁ ଗାଡିରେ ବସାଇ ଭେଡେନ ସରକାରୀ ଚିକିତ୍ସାଳୟରେ ପହଞ୍ଚାଇ ଥିଲେ। ପରେ ଆହତ ବ୍ୟକ୍ତିଙ୍କ ମୋବାଇଲ ଫୋନ ସାହାଯ୍ୟରେ ସେମାନଙ୍କ ଘର ଲୋକଙ୍କ ସହ ଯୋଗାଯୋଗ କରି ଘରକୁ ଫେରିଥିଲେ। ଆହତ ବ୍ୟକ୍ତି ଜଣକ ଭେଡେନ ତଳିପଡା ନିବାସୀ ସାଧୁଚରଣ ମେହେର ହୋଇଥିବା ସୂଚନା ମିଳିଥିଲା।

## ବରିଷ୍ଠଙ୍କୁ ହତାଦର ବିରୋଧରେ ସଚେତନତା କାର୍ଯ୍ୟକ୍ରମ

ବରଗଡ଼,୧୩।୮ (ସମିସ): ଅତାବିରା ଡିଗ୍ରୀ ମହାବିଦ୍ୟାଳୟରେ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ, ଅତାବିରା ବରିଷ୍ଠ ନାଗରିକ ସଂଘ ଓ ଅତାବିରା ଡିଗ୍ରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବରିଷ୍ଠ ମାନଙ୍କୁ ହତାଦର ବିରୋଧରେ ସଭାପତି ପ୍ରମୋଦ ଝାଙ୍କରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସଂଗଠନ ସମ୍ପାଦକ କେଦାର ମିଶ୍ର ବରିଷ୍ଠ ମାନଙ୍କୁ କିପରି ଭାବେ ସମ୍ମାନ ଦିଆଯିବ ବୁଝାଇଥିଲେ। ସମ୍ପାଦକ ଗୋବିନ୍ଦ ଦାଶ ପିପିପି ମାଧ୍ୟମରେ ଛାତ୍ରଛାତ୍ରୀ ବରିଷ୍ଠ ମାନଙ୍କୁ କିପରି ବ୍ୟବହାର ଦେଖାଇବେ ସେ ବିଷୟରେ ବୁଝାଇଥିଲେ। ଅତାବିରା ବରିଷ୍ଠ ନାଗରିକ ସଂଘ ସଭାପତି ଭରତ ପ୍ରଧାନ ଓ ପୂର୍ବତନ ସଭାପତି ବେଣୁଧର ମିଶ୍ର ମଞ୍ଚାସୀନ ଥିବା ବେଳେ ଗୌର ଚନ୍ଦ୍ର କର, ଭାରତ ଭୂଷଣ ଦାଶ, କୈଳାସ ପ୍ରଧାନ, ପ୍ରସନ୍ନ ପ୍ରଧାନ, ତୁଳସୀ ଚରଣ ଦାଶ, ସୁବୋଧ ବାରିକ, ବିରେନ୍ଦ୍ର ମିଶ୍ର, ପାଏନ ବୁଡି ପ୍ରଧାନ, ନବୀନ ଦାଶ, ଲେସ ପ୍ରଧାନ, ମଙ୍ଗଲୁ ବିଶ୍ୱାଳ, ରଘୁ ବିଶ୍ୱାଳ ଏବଂ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନଙ୍କ ମଧ୍ୟରେ ଅରୁଣ ତ୍ରିପାଠୀ, ଅସ୍ମିତା ଛତ୍ରିଆ, କ୍ରିଷ୍ଣାଞ୍ଜଳି ସାହୁ, ସଂଘମିତ୍ରା ଜେନା, ଅପର୍ଣ୍ଣା ସାହୁ, ଗିରିଜା ବରିହା ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ସୂର୍ଯ୍ୟ ନାରାୟଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



# ଆସନ୍ତା ମାସ ଆମେରିକା ଯିବେ ମୋଦୀ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ଯୋଗୁଁ ଆମେରିକା ଏବଂ ଭାରତ ମଧ୍ୟରେ ସମ୍ପର୍କ ବିଗିଡ଼ିବାରେ ଲାଗିଛି। ସେ ଭାରତ ଉପରେ ୫୦ ପ୍ରତିଶତ ଜବାବୀ ଶୁଳ୍କ ଲଗାଇଛନ୍ତି। ବାଣିଜ୍ୟ ଚୁକ୍ତିକୁ ନେଇ ଭାରତ ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଏପରି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମାସ ଶେଷ ସପ୍ତାହରେ ଆମେରିକା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ସେ ମିଳିତ ଜାତିସଂଘ ମହାସଭା (ୟୁଏନଜିଏ)ର ବାର୍ଷିକ ବୈଠକରେ ସାମିଲ ହୋଇପାରନ୍ତି। ରିପୋର୍ଟ ଅନୁଯାୟୀ ଆମେରିକା ରାଷ୍ଟ୍ରପତିଙ୍କ ସହ ସାକ୍ଷାତ କରି ବ୍ୟବସାୟ ଏବଂ ଶୁଳ୍କ ସମ୍ବନ୍ଧିତ ବିବାଦର ସମାଧାନ ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ। ଏହି ଅବସରରେ ଉଭୟ ନେତା ବାଣିଜ୍ୟ ଚୁକ୍ତିର ଘୋଷଣା ମଧ୍ୟ କରିପାରନ୍ତି। ମୋଦୀ ସେପ୍ଟେମ୍ବର ୨୬ରେ ୟୁଏନଜିଏକୁ ସମ୍ବୋଧନ କରିବେ। ଏହି ସମୟରେ ସେ ଟ୍ରମ୍ପ ଏବଂ ଅନ୍ୟ ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିପାରନ୍ତି। ୟୁକ୍ରେନ ରାଷ୍ଟ୍ରପତି ଭୋଲ୍ଡାମିର ଜେଲେଁସ୍କି ମଧ୍ୟ ୟୁଏନଜିଏରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଦେଖା କରିପାରନ୍ତି ବୋଲି କହିଛନ୍ତି। ଏହା ପୂର୍ବରୁ ମୋଦୀ ଗତ ଫେବୃଆରୀରେ ଆମେରିକା ଗସ୍ତରେ ଯାଇ ହ୍ୱାଇଟହାଉସରେ ଟ୍ରମ୍ପଙ୍କୁ ଭେଟିଥିଲେ। ଏଠାରେ ଶୁଳ୍କକୁ ନେଇ ମୋଦୀଙ୍କୁ ଟ୍ରମ୍ପ ପ୍ରଶଂସା କରି ଉତ୍ତମ ମୂଳଚାଲ କରୁଥିବା ବ୍ୟକ୍ତି ବୋଲି କହିଥିଲେ। ସେ ଭଲ କାମ କରୁଥିବା ଉଲ୍ଲେଖ କରିଥିଲେ।

# ଭାରତ ଆସିବେ ଚୀନ୍ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୮(ଏଜେନ୍ସି): ଭାରତ ଓ ଚୀନ୍ ମଧ୍ୟରେ କୂଟନୈତିକ ସମ୍ପର୍କରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେଉଛି। ଆସନ୍ତା ସପ୍ତାହରେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଭାରତ ଆସିବେ। ୱାଙ୍ଗ ଆସନ୍ତା ୧୮ ତାରିଖରେ ଭାରତ ଆସି ଜାତୀୟ ନିରାପତ୍ତା ଉପଦେଷ୍ଟା (ଏନ୍ଏସ୍ଏ) ଅଜିତ ଡୋଭାଲଙ୍କୁ ଭେଟିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚୀନ୍ ଗସ୍ତ ପୂର୍ବରୁ ୱାଙ୍ଗ ଭାରତ ଆସିବାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ୨୦୨୦ରେ ଗଲୱାନ ଘାଟିରେ ଦୁଇ ଦେଶର ସୈନିକଙ୍କ ସଂଘର୍ଷ ଫଳରେ ସମ୍ପର୍କର ଅବନତୀ ହୋଇଥିଲା। ଦୁଇ ଦେଶ ମଧ୍ୟରେ ସୀମା ବିବାଦ ଓ କୂଟନୈତିକ ସମ୍ପର୍କରେ ଉନ୍ନତ ପାଇଁ ୱାଙ୍ଗ ଓ ଡୋଭାଲ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଗତମାସରେ ମଧ୍ୟ ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ୍ ଗସ୍ତ କରି ଏସ୍‌ସିଓ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେଇଥିଲେ। ଏହାପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଚୀନ୍ ଗସ୍ତ କରି ଏସ୍‌ସିଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେଇଥିଲେ। ସେହିପରି ମୋଦୀ ଅଗଷ୍ଟ ୩୧ରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଯିବେ।

# ବିଦେଶୀ ଅପରାଧୀଙ୍କୁ ବିଦା କରିବ ବ୍ରିଟେନ

ଲଣ୍ଡନ, ୧୩।୮(ଏଜେନ୍ସି): ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର ଦେଶରେ ଥିବା ବିଦେଶୀ ଅପରାଧୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେଇଛନ୍ତି। ଦେଶରୁ ସବୁ ବିଦେଶୀ ଅପରାଧୀଙ୍କୁ ଡିପୋର୍ଟ ଅର୍ଥାତ ଦେଶରୁ ବାହାର କରିବାକୁ ସେ ନିଷ୍ପତ୍ତି ନେଇଛନ୍ତି। ସେ ଏହିକ୍ରମରେ 'ପ୍ରଥମେ ଡିପୋର୍ଟ, ପୁଣି ଅପିଲ୍' ନୀତିର ଘୋଷଣା କରିଛନ୍ତି। ଅର୍ଥାତ ବ୍ରିଟେନରେ ଅପରାଧ କରୁଥିବା ବ୍ୟକ୍ତିଙ୍କୁ ପ୍ରଥମେ ଦେଶରୁ ବାହାର କରାଯାଇ ତାଙ୍କ ଦେଶକୁ ପଠାଯିବ। ପୂର୍ବରୁ ଏଥିପାଇଁ ପ୍ରଥମେ ଅପିଲ କରିବାକୁ ପଡୁଥିଲା। କିନ୍ତୁ ଏବେ ଏହାର ସୁଯୋଗ ମିଳିବ ନାହିଁ। ଏବେ ନିଜ ଦେଶକୁ ଯାଇ ସମ୍ପୃକ୍ତ ଅପରାଧୀ ଅପିଲ୍ କରିବେ। ଏ ସଂକ୍ରାନ୍ତରେ ଜାରି ହୋଇଥିବା ନୂଆ ସୂଚୀରେ ଭାରତ, କାନାଡା ଓ ଅଷ୍ଟ୍ରେଲିଆ ଭଳି ଦେଶକୁ ସାମିଲ କରାଯାଇଛି। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ପାକିସ୍ତାନକୁ ସାମିଲ କରାଯାଇ ନାହିଁ। କିଛି ଦିନତଳେ କୁଖ୍ୟାତ ଗ୍ରୁମିଂ ଗ୍ୟାଙ୍ଗ୍ ମାମଲାରେ ପାକିସ୍ତାନର କେତେଜଣ ନାଗରିକଙ୍କୁ ଗିରଫ କରାଯାଇଥିଲା। ଜାରି ହୋଇଥିବା ନୂଆ ଆଇନ୍‌ର ଦୁର୍ବ୍ୟବହାର କରିବୁ ନାହିଁ ବୋଲି ବ୍ରିଟେନ ଗୃହମନ୍ତ୍ରୀ ୟେଭେଟ୍ କୁପର କହିଛନ୍ତି। କିନ୍ତୁ ଅପିଲକୁ ବାହନା କରି ଅପରାଧୀମାନେ ବ୍ରିଟେନରେ ଆଉ ରହିପାରିବେ ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ବ୍ରିଟେନ ଜେଲ୍‌ରେ ଏବେ ୧୦୦ ପ୍ରତିଶତରୁ ଅଧିକ ଅପରାଧୀ ରହୁଛନ୍ତି। ବ୍ରିଟେନର ଜେଲ୍‌ରେ ଏବେ ୩୨୦ ଭାରତୀୟ ଅପରାଧୀ ରହୁଥିବା ବେଳେ ୩୧୭ ପାକିସ୍ତାନୀ ରହୁଛନ୍ତି। ପୂର୍ବରୁ ଏହି ତାଲିକାରେ ନାଇଜେରିଆ, ଇସ୍ତୋନିଆ, ଫିନ୍‌ଲ୍ୟାଣ୍ଡ, ଅଲବାନିଆ, ବେଲିଜ, ମରିସସ୍, ତାଞ୍ଜାନିଆ ଓ କୋସୋଭୋ ଭଳି ଦେଶ ସାମିଲ ରହିଥିଲେ।

# ଟ୍ରକ୍‌କୁ ଧକ୍କା ଦେଲା ପିକ୍-ଅପ୍; ୧୧ ମୃତ

ଜୟପୁର, ୧୩।୮ (ଏଜେନ୍ସି): ରାଜସ୍ଥାନ ଦୌସା ସୈନ୍ଥଲ ଥାନା ଅନ୍ତର୍ଗତ ବାପି ଗ୍ରାମ ନିକଟସ୍ଥ ଏନଏଚ-୧୪୮ ରେ ବୁଧବାର ବଡି ଭୋରରେ ବଡ଼ ଦୁର୍ଘଟଣା ଘଟିଛି। ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ପିକ୍-ଅପ୍ ଧକ୍କା ଦେଇଛି। ଏଥିରେ ୭ ଶିଶୁଙ୍କ ସହିତ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ୪ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଜୟପୁରର ସବାଇ ମାନସିଂହ ହସ୍ପିଟାଲରେ ଏମାନଙ୍କର ଚିକିତ୍ସା ଚାଲିଛି। ସମସ୍ତେ ଉତ୍ତର ପ୍ରଦେଶ ଏଟା ଏବଂ ଫିରୋଦାବାଦର ବାସିନ୍ଦା ଥିଲେ। ଜିଲ୍ଲାଧିକାରୀ ପ୍ରେମରଞ୍ଜନ ସିଂହଙ୍କ ସୂଚନା ଅନୁଯାୟୀ ଏଟାର ଅସରୌଲି ଗ୍ରାମରୁ ଦୁଇଟି ପିକ୍-ଅପ୍ ଭ୍ୟାନରେ ୪୫ ଶ୍ରଦ୍ଧାଳୁ ଖଟୁଶ୍ୟାମଙ୍କ ଦର୍ଶନ କରିବାକୁ ଯାଇଥିଲେ। ତେବେ ଦର୍ଶନ ସାରି ଫେରିବା ସମୟରେ ଶିଶୁ ଏବଂ ମହିଳାଙ୍କୁ ନେଇ ଆସୁଥିବା ପିକ-ଅପ୍‌ଟି ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ମୋଟ ୨୨ ଜଣ ଶ୍ରଦ୍ଧାଳୁ ଥିଲେ। ସୂଚନାଯୋଗ୍ୟ ଯେ ଦେଶରେ ସଡ଼କ ଦୁର୍ଘଟଣାରେ ରାଜସ୍ଥାନ ୬ ନମ୍ବର ସ୍ଥାନରେ ରହିଛି। ୨୦୨୨ର ତଥ୍ୟ ଅନୁଯାୟୀ ସଡ଼କ ଦୁର୍ଘଟଣାରେ ପ୍ରତି ବର୍ଷ ରାଜସ୍ଥାନରେ ୧୧ ହଜାର ଲୋକଙ୍କ ଜୀବନ ଯାଉଛି।

# ଟ୍ରମ୍ପଙ୍କୁ ଭେନଜୁଏଲା ରାଷ୍ଟ୍ରପତିଙ୍କ ଚାଲେଞ୍ଜ



## ଅପେକ୍ଷା କରିଛି; ଗିରଫ କରି ଦେଖାଅ

### ରାଷ୍ଟ୍ରପତି ମାଦୁରୋଙ୍କ ଉପରେ ୪୨୦ କୋଟି ପୁରସ୍କାର

### ୨ଟି ଜେଟ୍ ସମେତ ୭୦୦ ନିୟୁତ ଡଲାରର ସମ୍ପତ୍ତି ଜବତ

### ଦଖଲ ଦେଲେ ଆମେରିକା ସାମ୍ରାଜ୍ୟର ପତନ ହେବ: ମାଦୁରୋ

### ଭେନଜୁଏଲାକୁ ସମର୍ଥନ ଦେଲେ କଲମ୍ବିଆ ରାଷ୍ଟ୍ରପତି

କାରାକସ୍, ୧୩।୮ (ଏଜେନ୍ସି): ମନଇଚ୍ଛା ଧମକ ଦେଇ ସାରା ବିଶ୍ୱରେ ଆତଙ୍କର ବାତାବରଣ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଆହ୍ୱାନ ମିଳିଛି। ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଟ୍ରମ୍ପଙ୍କୁ ଭେନଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। 'ଯଦି ପାରିବ ମୋତେ ଗିରଫ କରି ଦେଖାଅ। ଏଥିପାଇଁ ରାଷ୍ଟ୍ରପତି ଭବନ ମିରାଫ୍ଲୋରେସରେ ଅପେକ୍ଷା କରି ରହିଛି। କାପୁରୁଷମାନେ ଏହି କାର୍ଯ୍ୟରେ ଜମାରୁ ବିଳମ୍ବ କରନାହିଁ ବୋଲି ମାଦୁରୋ କହିଛନ୍ତି।


ସୂଚନା ଅନୁଯାୟୀ ଆମେରିକା ଗତ ୭ ତାରିଖରେ ମାଦୁରୋଙ୍କୁ ଗିରଫ କରିବା ଲାଗି ୨.୫ କୋଟି ଡଲାର ଅର୍ଥାତ୍ ପ୍ରାୟ ୪୨୦ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ଏହାବ୍ୟତୀତ ତାଙ୍କ ସହ ଜଡ଼ିତ ୭୦୦ ନିୟୁତ ଡଲାର (ପ୍ରାୟ ୬୧୨୭ କୋଟି ଟଙ୍କା)ରୁ ଅଧିକ ସମ୍ପତ୍ତି ମଧ୍ୟ ଜବତ କରାଯାଇଛି। ଏଥିରେ ଦୁଇଟି ଘରୋଇ ବିମାନ ସାମିଲ ରହିଛି। ଆମେରିକା ମାଦୁରୋଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବିଗିଡିବାରେ ଲାଗିଛି। ଟ୍ରମ୍ପ ପ୍ରଶାସନ ଅଭିଯୋଗ କରିଛି ଯେ ମାଦୁରୋ ନିଶା ଚାଲାଣ କରୁଛନ୍ତି ଏବଂ ନିଶା କାରବାର କରୁଥିବା ଗୋଷ୍ଠୀ ସହ ମିଶି ଆମେରିକାକୁ ଫେଣ୍ଟାନାଇଲ ମିଶ୍ରିତ କୋକେନ ପଠାଉଛନ୍ତି। ଏବେ ମାଦୁରୋଙ୍କ ପାଖରେ ୭ ଟନ୍ କୋକେନ ରହିଛି। ସେ ଏହାକୁ ଆମେରିକା ପଠାଇବାକୁ ପ୍ରସ୍ତୁତି କରୁଛନ୍ତି।

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମାଦୁରୋ। ଦେଶର ଘରୋଇ ମାମଲାରେ ହସ୍ତକ୍ଷେପ ନକରିବାକୁ ଟ୍ରମ୍ପଙ୍କୁ ଚେତାବନୀ ଦେଇଛନ୍ତି। ଆମେରିକା ନେତା ଏଭଳି ପ୍ରୟାସ କଲେ ଦୃଢ଼ ଜବାବ ଦିଆଯିବ। ଏହାଦ୍ୱାରା ଆମେରିକା ସାମ୍ରାଜ୍ୟର ବି ଅନ୍ତ ହୋଇପାରେ। ଭେନଜୁଏଲା ସେନାମୁଖ୍ୟ ଡୋମିଙ୍ଗୋ ହର୍ଣ୍ଣାଣ୍ଡିଜ ଲାରେଜ ମଧ୍ୟ ମାଦୁରୋଙ୍କୁ ସମର୍ଥନ ଦେଇଛନ୍ତି। ସେନା ତାଙ୍କ ସହ ଅଛି ବୋଲି କହିଛନ୍ତି। ହଲିଉଡ ଚଳଚ୍ଚିତ୍ର ପରି ଆମେରିକା ଆମ ରାଷ୍ଟ୍ରପତିଙ୍କ ଗିରଫ ପାଇଁ ପୁରସ୍କାର ଘୋଷଣା କରୁଛି। ଏହା ଦେଶ ପାଇଁ ଅପମାନ। ସେହିପରି ରାଷ୍ଟ୍ରପତିଙ୍କ ଉପରେ ପୁରସ୍କାର ରାଶି ବୃଦ୍ଧି ଘୋଷଣା କରି ଆମେରିକା ରାଜନୈତିକ ଅପପ୍ରଚାର କରୁଛି ବୋଲି ବିଦେଶମନ୍ତ୍ରୀ ଇଭାନ ଗିଲ୍ କହିଛନ୍ତି।

୨୦୨୦ରେ ଆମେରିକାର ମ୍ୟାନହାଟନ ସଂଘୀୟ ଅଦାଲତରେ ମାଦୁରୋଙ୍କ ବିରୋଧରେ ନାର୍କୋ-ଟେରରିଜିମ ଏବଂ କୋକେନ ଚାଲାଣ ମାମଲାର ଅଭିଯୋଗ କରାଯାଇଥିଲା। ସେ ସମୟରେ ଟ୍ରମ୍ପ ପ୍ରଶାସନ ଭେନଜୁଏଲା ରାଷ୍ଟ୍ରପତିଙ୍କ ଗିରଫ ପାଇଁ ୧.୫ କୋଟି ଡଲାର ପୁରସ୍କାର ଘୋଷଣା କରିଥିଲା। ଏହା ପରେ ଟ୍ରମ୍ପ ପ୍ରଶାସନ ଗତ ଗୁରୁବାର ଏହାକୁ ୨.୫ କୋଟି ଡଲାରକୁ ବୃଦ୍ଧି କରିଥିଲେ। ସୂଚନାଯୋଗ୍ୟ ଯେ ମାଦୁରୋ ୨୦୧୩ରୁ ଭେନଜୁଏଲାରେ କ୍ଷମତାରେ ଅଛନ୍ତି। ଆମେରିକା, ୟୁରୋପୀୟ ସଂଘ ଏବଂ ଲାଟିନ ଆମେରିକୀୟ ଦେଶଗୁଡ଼ିକ ତାଙ୍କ ବିରୋଧରେ ନିର୍ବାଚନରେ ଜାଲିଆତି ଅଭିଯୋଗ ଲଗାଇଛନ୍ତି। ଭେନଜୁଏଲାକୁ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାବୋ ପେଟ୍ରୋ ସମର୍ଥନ ଦେଇଛନ୍ତି। ଭେନଜୁଏଲା ଉପରେ ଆକ୍ରମଣକୁ କଲମ୍ବିଆ ଉପରେ ଆକ୍ରମଣ ଭାବେ ଧରାଯିବ ବୋଲି କହିଛନ୍ତି। ଭେନଜୁଏଲା ସାର୍ବଭୌମତ୍ୱର ରକ୍ଷା କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ସାର୍ବଭୌମତ୍ୱ ସହ ସାଲିସ ନ କରି ନିଶା କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି।

# ସେନାମୁଖ୍ୟଙ୍କ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଧମକ

ଇସଲାମାବାଦ, ୧୩।୮ (ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର'ରେ ଭୟଭୀତ ହୋଇ ଅସ୍ତ୍ରବିରତି ଅନୁରୋଧ କରିଥିବା ପାକିସ୍ତାନ ନିଜର ପୁରୁଣା ଦୋଷକୁ ଛାଡ଼ି ପାରୁନି। ଖାଲି ବୃଥା ପ୍ରଳାପ କରି ଚାଲିଛି। ଭାରତ ସିନ୍ଧୁ ଚୁକ୍ତି ସ୍ଥଗିତ କରିବା ଦିନଠାରୁ ପାକିସ୍ତାନର ନିଦ ହଜି ଯାଇଛି। ପାଣି ପାଇଁ ଚାତକ ପରି ଚାହିଁ ରହିଥିବା ପାକିସ୍ତାନ ପାଇଁ ଏହା ଅସହ୍ୟ ହୋଇଯାଇଛି। ପାକିସ୍ତାନ ସେନାମୁଖ୍ୟ, ପୂର୍ବତନ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ ପରେ ଏବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମଧ୍ୟ ଭାରତକୁ ଧମକ ଦେଇଛନ୍ତି। ସିନ୍ଧୁ ନଦୀର ପାଣି ରୋକିଲେ ନିର୍ଣ୍ଣାୟକ ଉପାୟରେ ଭାରତକୁ ଏହାର ଜବାବ ଦିଆଯିବ ବୋଲି କହିଛନ୍ତି। ଇସଲାମାବାଦରେ ମଙ୍ଗଳବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ



ଶାହବାଜ ସରିଫ ଏହି ଧମକ ଦେଇଛନ୍ତି।

ଶାହବାଜ କହିଥିଲେ ଯେ ଭାରତ ଖାଲି ପାଣି ବନ୍ଦ କରିବାକୁ ଧମକ ଦେଉଛି। କିନ୍ତୁ ପାକିସ୍ତାନର ବୁନ୍ଦେ ପାଣିକୁ ବି ଭାରତ ଛଡ଼ାଇ ନେଇପାରିବ ନାହିଁ। ଯଦି ଏଭଳି କରିବାକୁ ପ୍ରୟାସ କରାଯାଏ, ତେବେ ତାହା ସିନ୍ଧୁ ଚୁକ୍ତିର ଉଲ୍ଲଙ୍ଘନ ହେବ। ପାକିସ୍ତାନ ଏହାର ଦୃଢ଼ ଜବାବ ଦେବ। ପାଣି ହେଉଛି ପାକିସ୍ତାନର ଜୀବନ ରେଖା। ଅନ୍ତର୍ଜାତୀୟ ଚୁକ୍ତି ଅଧୀନରେ ଦେଶକୁ ମିଳିଥିବା ଅଧିକାର ସହ କେବେ ବି ସାଲିସ କରାଯିବ ନାହିଁ।

ଏହାକୁ ମିଶାଇ ଗତ ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନର ତିନି ପ୍ରମୁଖ ବ୍ୟକ୍ତି ଭାରତକୁ ଏଭଳି ଧମକ ଦେଲେଣି। ପ୍ରଥମେ ସେନାମୁଖ୍ୟ ଅସିମ ମୁନୀର ଆମେରିକାରେ ରହି ଏହି ଦେଶର ନିୟମକୁ ଉଲ୍ଲଙ୍ଘନ କରି ଭାରତକୁ ପରମାଣୁ ଧମକ ଦେଇଥିଲେ। ପରେ ଗତକାଲି ବିଲାୱଲ ଭୁଟ୍ଟୋ ସିନ୍ଧୁ ଜଳ ରୋକିଲେ ଯୁଦ୍ଧ ହେବ ବୋଲି କହିଥିଲେ। ଆମେରିକା ବଳରେ ପାକିସ୍ତାନ ଏଭଳି ଭାରତ ବିରୋଧୀ ମନ୍ତବ୍ୟ ଦେଇଚାଲିଛି ବୋଲି କୁହାଯାଉଛି।

# ରିପୋର୍ଟ ପାଇଁ ସାମ୍ବାଦିକଙ୍କ ବିରୋଧରେ ଦେଶଦ୍ରୋହ ମାମଲା ହୋଇପାରିବ ନାହିଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୩।୮: ସାମ୍ବାଦିକମାନଙ୍କ ଦ୍ୱାରା ପ୍ରକାଶିତ କୌଣସି ଖବର ଆଲେଖ୍ୟ ବା ଭିଡିଓ ପାଇଁ ସେମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଦାଏର କରାଯାଇପାରିବ ନାହିଁ। ଭାରତୀୟ ନ୍ୟାୟ ସଂହିତା ବା ବିଏନ୍ଏସ୍‌ର ଧାରା ୧୫୨ ସେମାନଙ୍କ ବିରୋଧରେ ପ୍ରୟୋଗ କରାଯାଇପାରିବ ନାହିଁ। ନ୍ୟୁଜ ୱେବସାଇଟ୍ 'ଦି ୱାୟାର'ର ସଂପାଦକ ସିଦ୍ଧାର୍ଥ ବର୍ଦ୍ଧରାଜନଙ୍କ ବିରୋଧରେ ଆଗତ ଏଭଳି ମାମଲାକୁ ଖାରଜ କରି ଏହା କହିଛନ୍ତି ସୁପ୍ରିମକୋର୍ଟ। ଆସାମ ପୁଲିସ ଏହି ମାମଲାରେ ତାଙ୍କୁ ଗିରଫ କରିପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଅପରେସନ ସିନ୍ଦୂର ବେଳେ ଭାରତୀୟ ବାୟୁସେନା ଏହାର କିଛି ଯୁଦ୍ଧ ବିମାନ ହରାଇଛି ବୋଲି 'ଦି ୱାୟାର'ରେ ପ୍ରସାରିତ ହୋଇଥିଲା। ଏହା ଦେଶଦ୍ରୋହ ବୋଲି ଯୁକ୍ତି କରି ତାଙ୍କ ବିରୋଧରେ ଆସାମ ପୁଲିସ ବିଏନ୍ଏସ୍ ଧାରା ୧୫୨ ଲାଗୁ କରିଥିଲା। ଅନ୍ୟପକ୍ଷରେ ବର୍ଦ୍ଧରାଜନ କହିଥିଲେ ଯେ ଭାରତୀୟ ସେନା ଅଧିକାରୀ ଦେଇଥିବା ସୂଚନାକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ କରାଯାଇଥିଲା।

ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ବେଳେ ପ୍ରଶ୍ନ କରିଥିଲେ ଯେ କୌଣସି ରିପୋର୍ଟ ବା ନ୍ୟୁଜ୍ ଭିଡିଓ ପାଇଁ ସାମ୍ବାଦିକଙ୍କୁ ଦେଶଦ୍ରୋହ ମାମଲାର ଫସାଇବା ଠିକ୍ କି? ସେମାନଙ୍କୁ କଣ ଏଥିପାଇଁ ଗିରଫ କରାଯିବ? ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ସାମ୍ବାଦିକଙ୍କ ଦ୍ୱାରା ଲିଖିତ ରିପୋର୍ଟ କିପରି ଦେଶର ଏକତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବ? ଏହା ହେଉଛି କେବଳ ନ୍ୟୁଜ ଆର୍ଟିକଲ। ଭାରତ ଭିତରକୁ ଚାଲାଣ ହୋଇଥିବା ବେଆଇନ ଅସ୍ତ୍ରଶସ୍ତ୍ର ନୁହେଁ।

**ସାଭରକର ମାନହାନୀ ମାମଲା**

# 'ରାହୁଲଙ୍କ ଜୀବନ ପ୍ରତି ବିପଦ ଅଛି'

ନୂଆଦିଲ୍ଲୀ, ୧୩।୮(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ତାଙ୍କ ଓକିଲ ଅଭିଯୋଗ କରିଛନ୍ତି। ପୁଣେର ଏକ କୋର୍ଟରେ ସେ ଏହି ଅଭିଯୋଗ ଆଣିଛନ୍ତି। ବୀର ସାଭରକର ମାନହାନୀ ମୋକଦ୍ଦମା ଶୁଣାଣି ବେଳେ ରାହୁଲଙ୍କ ଓକିଲ କହିଲେ ଯେ ତାଙ୍କ ବିରୋଧରେ ମାନହାନୀ କେସ୍ ଦାଏର କରିଥିବା ଲୋକମାନେ ହେଉଛନ୍ତି ନାଥୁରାମ ଗଡ୍‌ସେଙ୍କ ବଂଶଧର। ଏହି ମାମଲାରେ ରାହୁଲ ଏମ୍‌ପି/ଏମ୍‌ଏଲଏ ସ୍ୱତନ୍ତ୍ର କୋର୍ଟରେ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ଓ ନିରପେକ୍ଷ ଭାବେ ଶୁଣାଣି କରିବାକୁ ସେ ଅପିଲ କରିଛନ୍ତି। ଏହା ରାଜ୍ୟର ସାମ୍ବିଧାନିକ ଦାୟିତ୍ୱ ବୋଲି ସେ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୦ରେ ହେବ।

ଭୋଟ ଚୋରି ଅଭିଯୋଗ କରିବା ପରେ ରାହୁଲ ଗାନ୍ଧୀଙ୍କ ପ୍ରତି ବିପଦ ବୃଦ୍ଧି ପାଇଛି ବୋଲି ତାଙ୍କ ଓକିଲ ମିଳିନ୍ଦ ପାୱାର କହିଛନ୍ତି। ବିଜେପି ନେତା ଆରଏନ୍ ବିଟ୍ଟୁ ରାହୁଲଙ୍କୁ ଆତଙ୍କବାଦୀ ବୋଲି କହିଥିବା କଥା ସେ କୋର୍ଟରେ କହିଛନ୍ତି। ସେହିପରି ଯଦି ରାହୁଲ ତାଙ୍କ ଆଚରଣ ନ ବଦଳାନ୍ତି ତେବେ ତାଙ୍କ ଅବସ୍ଥା ଜେଜେମା ଇନ୍ଦିରା ଗାନ୍ଧୀଙ୍କ ଭଳି ହେବ ବୋଲି ବିଜେପିର ଅନ୍ୟଏକ ନେତା ତରବିନ୍ଦର ମାରବାହ କହିଥିଲେ ବୋଲି ସେ କୋର୍ଟଙ୍କୁ ଅବଗତ କରାଇଛନ୍ତି। ସେହିପରି ସାଭରକର ଓ ଗଡସେଙ୍କ ପରିବାର ସହ ମାନହାନୀ ମକଦ୍ଦମା କରିଥିବା ସାତ୍ୟକୀ ସାଭରକରଙ୍କ ସମ୍ପର୍କ ରହିଛି ବୋଲି ମିଳିନ୍ଦ କହିଛନ୍ତି। ଜଣେ ସଚ୍ଚା ହିନ୍ଦୁ କେବେବି ହିଂସକ ହୋଇପାରିବ ନାହିଁ ବୋଲି ରାହୁଲ କହିଛନ୍ତି। ଉଲ୍ଲେଖଥାଉ କି, ରାହୁଲ ୨୦୨୩ ମାର୍ଚ୍ଚରେ ତାଙ୍କ ଲଣ୍ଡନ ଭାଷଣରେ ଭିଡି ସାରଭରକରଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ ଓ ସାତ୍ୟକୀ ଏହା ବିରୋଧରେ ମାନହାନୀ ମକଦ୍ଦମା କରିଥିଲେ।



ଅବଶ୍ୟ ରାହୁଲ ପୂର୍ବରୁ ଏକାଧିକ ବାର ସାଭରକରଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଥିଲେ। ତାଙ୍କୁ ଏଥିପାଇଁ ସୁପ୍ରିମକୋର୍ଟ ଗତ ଏପ୍ରିଲ ୨୬ରେ ତାଗିଦ ମଧ୍ୟ କରିଛନ୍ତି।

# ତାମିଲନାଡୁ ରାଜ୍ୟପାଳଙ୍କଠାରୁ ଡିଗ୍ରୀ ନେବାକୁ ମନାକଲେ ପିଏଚ୍‌ଡି ଛାତ୍ରୀ




ଚେନ୍ନଇ, ୧୩।୮(ଏଜେନ୍ସି): ତାମିଲନାଡୁର ମନୋନମନିୟମ ସୁନ୍ଦରନର ବିଶ୍ୱବିଦ୍ୟାଳୟ (ଏମ୍ଏସ୍‌ୟୁ)ରେ ବୁଧବାର ଆୟୋଜିତ ଦୀକ୍ଷାନ୍ତ ସମାରୋହରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏଥିରେ ଜଣେ ପିଏଚ୍‌ଡି ଛାତ୍ରୀ ରାଜ୍ୟପାଳ ରବିଙ୍କ ଠାରୁ ଡିଗ୍ରୀ ନେବାକୁ ମନା କରିଦେଇଛନ୍ତି। ଅନ୍ୟପକ୍ଷରେ ସେ କୁଳପତିଙ୍କ ଠାରୁ ଏହି ଡିଗ୍ରୀ ଗ୍ରହଣ କରିଛନ୍ତି। ଜୀନ ଯୋଶେଫ ନାମକ ଏହି ଛାତ୍ରୀ ଅଭିଯୋଗ କରିଛନ୍ତି ଯେ ରାଜ୍ୟପାଳ ରବି ତାମିଲନାଡୁର ସ୍ୱାର୍ଥ ବିରୋଧରେ କାମ କରୁଥିବାରୁ ଏହାର ପ୍ରତିବାଦ ଜଣାଇ ତାଙ୍କ ଠାରୁ ଡିଗ୍ରୀ ନେଇନାହାନ୍ତି। ଏଭଳି ରାଜ୍ୟପାଳଙ୍କ ଠାରୁ ଡିଗ୍ରୀ ଗ୍ରହଣ କରିବାକୁ ସେ ଉଚିତ ମନେ କରୁନାହାନ୍ତି। ତାମିଲନାଡୁ ସରକାର ଓ ରାଜ୍ୟପାଳ ଆରଏନ୍ ରବିଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଚାଲିଥିବା ବେଳେ ଏହି ଛାତ୍ରୀଙ୍କ ଏଭଳି ଆଭିମୁଖ୍ୟ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଯୋଶେଫ୍ ଜଣେ ଡିଏମକେ ନେତାଙ୍କ ପତ୍ନୀ ବୋଲି କୁହାଯାଉଛି।

# କଶ୍ମୀରରେ ଯବାନ ସହିଦ


ଶ୍ରୀନଗର, ୧୩।୮ (ଏଜେନ୍ସି): ଉତ୍ତର କଶ୍ମୀରର ଉରି କ୍ଷେତ୍ର ସ୍ଥିତ ଏଲଓସିରେ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଦେଇଛି। ଏହି ଅଭିଯାନ ସମୟରେ ଜଣେ ଯବାନ ସହିଦ ହୋଇଛନ୍ତି। ସୁରକ୍ଷାବାହିନୀ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରଉ କରି ତଲାସୀ ଅଭିଯାନ ଆରମ୍ଭ କରିଦେଇଛି। ଗତ ୧୩ ଦିନ ମଧ୍ୟରେ ତୃତୀୟ ଥର ଆତଙ୍କବାଦୀ ସହ ସେନାର ସଂଘର୍ଷ ଜାରି ରହିଛି। ଏହା ପୂର୍ବରୁ ଅଗଷ୍ଟ ୧୦ରେ କିସ୍ତୱାଡର ଦୁଲ ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବାର ଖବର ପାଇ ସେନା ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଏହି ସମୟରେ ଆତଙ୍କବାଦୀଙ୍କ ଯବାନଙ୍କ ଉପରେ ଗୁଳି ମାଡ଼ କରିଥିଲେ। ଏବେ ବି ଏଠାରେ ତଲାସୀ ଅଭିଯାନ ଜାରି ରହିଛି।

# ଡାକ୍ତର ଅଭାବ; ହଜାର ହଜାର ପିଜି-ୟୁଜି ସିଟ୍ ଖାଲି

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଦେଶରେ ଡାକ୍ତର ଅଭାବ ସମସ୍ୟା ଜଟିଳ ହେବାରେ ଲାଗିଛି। ଅନେକ ସରକାରୀ ହସ୍ପିଟାଲରେ ଧାର୍ଯ୍ୟ ପଦବୀରେ ଡାକ୍ତର ନାହାନ୍ତି। ଏପରି ସମୟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଦେଶରେ ହଜାର ହଜାର ଡାକ୍ତରୀ ସିଟ୍ ଖାଲି ପଡ଼ିଛି। ଖୋଦ୍ କେନ୍ଦ୍ର ସରକାର ସଂସଦରେ ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦେଶରେ ଡାକ୍ତରୀ ପଢ଼ିବା ପାଇଁ ସୁଯୋଗ ମିଳୁ ନ ଥିବାବେଳେ ପିଲା ବିଦେଶକୁ ଯାଉଛନ୍ତି। ସେଠାରେ ଭାରତଠାରୁ ବହୁତ କମ୍ ଅର୍ଥରେ ପାଠ ପଢୁଛନ୍ତି। ମାତ୍ର ସେମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। କେବେ ଯୁଦ୍ଧ ଲାଗି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତ ଆଉ କେବେ ବର୍ଣ୍ଣବୈଷମ୍ୟବାଦର ଶିକାର ହୋଇ ପ୍ରାଣ ହରାଇଥିବା ମଧ୍ୟ ନଜିର ରହିଛି। ଏପରି ସ୍ଥଳେ ଦେଶରେ ମେଡିକାଲ ସିଟ୍ ଖାଲି ରହିବା ଚିନ୍ତା ବଢ଼ାଉଛି।

## ସରକାରୀ ଅନୁଷ୍ଠାନରେ ସିଟ୍ ନ ମିଳିବାରୁ ପଢିବାକୁ ବିଦେଶ ଯାଉଛନ୍ତି ପିଲା

୨୦୨୨-୨୩ ଶିକ୍ଷା ବର୍ଷରେ ଦେଶରେ ସର୍ବାଧିକ ୪,୧୪୬ ୟୁଜି ସିଟ୍ ଖାଲି ରହିଥିଲା। ସେହିପରି ୨୦୨୧-୨୨ରେ ୨,୦୧୨ କୋଟି, ୨୦୨୩-୨୪ରେ ୨,୯୫୯ ଏବଂ ୨୦୨୪-୨୫ରେ ୨, ୮୪୯ ସିଟ୍ ଖାଲି ଥିଲା। ଟିଡିପି ସାଂସଦ ପୁଟା ମହେଶ କୁମାରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଅନୁପ୍ରିୟା ପଟେଲ ଗତ ୧ ତାରିଖରେ ଏହି ସୂଚନା ଦେଇଥିଲେ। ନ୍ୟାସନାଲ ମେଡିକାଲ କମିସନ ପକ୍ଷରୁ ଦିଆଯାଇଥିବା ତଥ୍ୟ ସେ ସଂସଦରେ ରଖିଥିଲେ। ଏମ୍ସ ଏବଂ ଜେଆଇପିଏମଇଆରକୁ



ଛାଡ଼ି ଅନ୍ୟ ମେଡିକାଲ କଲେଜରେ ସିଟ୍ ଖାଲି ଥିବା କହିଥିଲେ। କେନ୍ଦ୍ର ସରକାର ବିଗତ କିଛି ବର୍ଷ ମଧ୍ୟରେ ଚାହିଦାକୁ ଦେଖି ଦେଶରେ ମେଡିକାଲ ସିଟ୍ ଗୁଡିକ ବୃଦ୍ଧି କରିଥିଲେ। ଅନେକ ବ୍ୟବସ୍ଥାଗତ ତ୍ରୁଟି ଏବଂ ଗଠନମୂଳକ ସମସ୍ୟା ପାଇଁ ଅଣ୍ଡର ଗ୍ରାଜୁଏଟ ମେଡିକାଲ ସିଟ୍‌ଗୁଡିକ ଖାଲି ରହୁଛି। ଏହା ପଛରେ ମୁଖ୍ୟ ସମସ୍ୟା ରହୁଛି ଘରୋଇ ମେଡିକାଲ କଲେଜର ଫି ବ୍ୟବସ୍ଥା। ଦେଶରେ ଘରୋଇ ମେଡିକାଲ କଲେଜରେ ପଢିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏଥିପାଇଁ ଧନୀ ଘରର ପିଲା ଏହି ସବୁ କଲେଜରେ ପଢୁଛନ୍ତି। କିନ୍ତୁ ଗରିବ ଶ୍ରେଣୀର ପିଲା ସରକାରୀ ସିଟ୍ ନ ପାଇଲେ ଅତ୍ୟଧିକ ଖର୍ଚ୍ଚ ପାଇଁ ଘରୋଇ କଲେଜରେ ନ ପଢିବାକୁ ଉଚିତ ମଣୁଛନ୍ତି। ରାଜ୍ୟସ୍ତରର ଜଟିଳ କାଉନସେଲିଂ ବ୍ୟବସ୍ଥା ମଧ୍ୟ ଏଥିପାଇଁ ଦାୟୀ। କିଛି ଛାତ୍ର ମଧ୍ୟ ଠିକ୍ ସମୟରେ ନିଷ୍ପତ୍ତି ନେଇପାରୁ ନାହାନ୍ତି। ଆଉ କିଛି ଶେଷ ମୁହୂର୍ତ୍ତରେ ଆବଣ୍ଟନ ପ୍ରକ୍ରିୟାରୁ ଓହରି ଯାଉଥିବାରୁ ସିଟ୍ ଖାଲି ରହୁଛି।

# ବ୍ରହ୍ମପୁରରେ 'ମନ୍ତ୍ରମୁଗ୍ଧ' ଟିମ୍



ଭୁବନେଶ୍ୱରରେ ପ୍ରଥମ ପର୍ଯ୍ୟାୟ ସୁଟିଂ ଶେଷ ହେବା ପରେ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ଟିମ୍ ଏବେ ବ୍ରହ୍ମପୁର ସହରରେ ଡେରା ପକାଇଛି । ଆସ୍କା, ବ୍ରହ୍ମପୁର, ଗୋପାଳପୁର ଓ ଏହାର ଆଖ ପାଖ ଅଞ୍ଚଳରେ ସୁଟିଂ ଜାରି ରହିଛି । ୟୁନିଟ୍‌ରେ ୧୦୦ରୁ ୧୫୦ ସଦସ୍ୟ ରହିଥିବା ବେଳେ ୪୦ ଜଣ ସ୍ଥାନୀୟ ଲୋକ ସାମିଲ ଅଛନ୍ତି । ଦିନରାତି ସୁଟିଂ ଜାରି ରହିଛି । ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏପରି ଅନେକ ସୁନ୍ଦର ଓ ଆକର୍ଷଣୀୟ ଲୋକେସନ୍ ବାଛିଛନ୍ତି, ଯାହା ଆଗରୁ କେବେ ପରଦାକୁ ଆସି ନାହିଁ । ମୋଟାମୋଟି ଏହାର ୩୦ ଦିନର ସୁଟିଂ ସିଡ୍ୟୁଲ୍ ରହିଛି । 'ପ୍ରତୀକ୍ଷା' ଓ 'କର୍ମ' ପରି ସଫଳ ଚଳଚ୍ଚିତ୍ର ପରେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କର ଏହା ହେଉଛି ତୃତୀୟ ଚଳଚ୍ଚିତ୍ର । ଅମିୟ ପଟ୍ଟନାୟକ ପ୍ରଡକ୍ସନ୍ ନିବେଦିତ ଏହି ଚଳଚ୍ଚିତ୍ରର ପ୍ରଯୋଜିକା ଅଛନ୍ତି ବର୍ଷା ପଟ୍ଟନାୟକ । ପ୍ରମୁଖ ଭୂମିକାରେ ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ଦୀପନ୍ୱିତ ଦାଶମହାପାତ୍ର, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ସୋମା ହୋତା, ଭକ୍ତି ଦାସ, ପିଙ୍କୁ ମହାପାତ୍ର ଓ ମିଷ୍ଟର ରାଉତ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି । ଏହାର କାହାଣୀ ଲେଖିଛନ୍ତି ଅନୁପମ ଓ ରୋଶନ ବିଶୋଇ । ଏହାକୁ ଚିତ୍ରନାଟ୍ୟରେ ସଜାଇଛନ୍ତି ରୋହିତ ଗେହଲୋଟ ଏବଂ ଅନୁପମ । ପ୍ରଣବ ରଥ ସଂଳାପରେ ଥିବା ବେଳେ ଅତିରିକ୍ତ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ନିଶାନ୍ତ ମଜିଠିଆ । ଆଶିଷ ପ୍ରଧାନ,ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ ୫ ଜଣ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ସଙ୍ଗୀତର ଭାର ନ୍ୟସ୍ତ କରାଯାଇଛି । ଅନୁପମଙ୍କ ଏହି ଚଳଚ୍ଚିତ୍ର ସବୁ ବର୍ଗର ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜନା ଟିମ୍ ଆଶା କରିଛି ।

# ଦେବୀ -ବିଶାଳଙ୍କୁ ଆଇକନିକ୍ ଫିଲ୍ମ ମେକର ପୁରସ୍କାର



ନିର୍ମଳ ପାଣ୍ଡେ ସ୍ମାରକୀ ଚଳଚ୍ଚିତ୍ର ମହୋତ୍ସବର ଷଷ୍ଠ ସଂସ୍କରଣରେ ନିର୍ଦ୍ଦେଶକ ଯୋଡ଼ି ଦେବୀ ପ୍ରସାଦ ଲେଙ୍କା ଓ ବିଶାଳ ମୌର୍ଯ୍ୟଙ୍କୁ ଆଇକନିକ୍ ଫିଲ୍ମ ମେକର ସମ୍ମାନରେ ସମ୍ମାନିତ କରାଯାଇଛି । ପ୍ରଖ୍ୟାତ ବଲିଉଡ୍ ଅଭିନେତା ଗୋବିନ୍ଦ ନାମଦେବ ଏବଂ ବର୍ଷିଆନ କ୍ୟାମେରାମ୍ୟାନ ସୁରେନ୍ଦ୍ର ସାହୁଙ୍କ ହାତରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । 'ଦମନ' ଚଳଚ୍ଚିତ୍ର ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି । ୨୦୨୨ରେ ମୁକ୍ତିଲାଭ କରିଥିବା 'ଦମନ' ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିଲା । କେବଳ ସେତିକି ନୁହେଁ, 'ଦମନ'କୁ ଶ୍ରେଷ୍ଠ ଓଡ଼ିଆ ସିନେମା ଭାବେ ରାଷ୍ଟ୍ରୀୟ ପୁରସ୍କାର ମଧ୍ୟ ମିଳିଥିଲା । ତେବେ ଏହି ପୁରସ୍କାର ସମ୍ପର୍କରେ ଦେବୀ ଓ ବିଶାଳ କହିଛନ୍ତି ଯେ, "ଏହା ପରବର୍ତ୍ତୀ ପିଢ଼ିର ନିର୍ମାତା ଓ ନିର୍ଦ୍ଦେଶକଙ୍କୁ ଭଲ ସିନେମା ନିର୍ମାଣ ପାଇଁ ପ୍ରୋତ୍ସାହିତ କରିବ ।" ୨୦୨୫ରେ ଦେବୀ ଓ ବିଶାଳଙ୍କ ନିର୍ଦ୍ଦେଶନାରେ 'ମୁରବି'ର ସୁଟିଂ ଶେଷ ହୋଇଥିବା ବେଳେ ୨୦୨୬ ମସିହାରେ 'ଲ୍ୟାଣ୍ଡଫଲ' ନିର୍ମିତ ହେବାର ଯୋଜନା ରହିଛି ।

## ସାକ୍ଷାତକାର

# 'ପ୍ରଥମ ଶୋ' କ୍ୟାରିଅର୍ ଗଢ଼ିବାକୁ ସୁଯୋଗ ଦେଇଛି'

**ନେହା ନାଗେଶ୍ୱରୀ ମହାନ୍ତି, ଅଭିନେତ୍ରୀ**

ପିଲାଦିନେ ସେ ଓଡ଼ିଶୀ, ହିପ୍‌ହପ୍, କଣ୍ଟେମ୍ପୋରାରି ଆଦି ନୃତ୍ୟ ଶିଖୁଥିଲେ । ସେ ଜଣେ ଦକ୍ଷ ନୃତ୍ୟଶିଳ୍ପୀ । ନୃତ୍ୟ କରୁ କରୁ ତାଙ୍କର ଅଭିନୟ ପ୍ରତି ଆଗ୍ରହ ବଢ଼ିଥିଲା । ଏଥିପାଇଁ ୨୦୨୧ ମସିହାରେ ସେ 'ରଜ ସୁନ୍ଦରୀ'ରେ ଭାଗ ନେଇଥିଲେ । ଉକ୍ତ ପ୍ଲାଟଫର୍ମରେ ନିଜର ଦକ୍ଷତା ପ୍ରତିପାଦନ କରି ବିଜେତା ହୋଇଥିଲେ । ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ରଙ୍ଗିନ ପରଦାକୁ । 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଚିକି ଭୂମିକାରେ ହୃଦୟସ୍ପର୍ଶୀ ଅଭିନୟ କରି ସେ ଘରେ ଘରେ ପରିଚିତ । ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ବସ୍ତାର ନେହା ନାଗେଶ୍ୱରୀ ମହାନ୍ତି । ତେବେ କମ୍ ସମୟ ଭିତରେ ତାଙ୍କ ଅଭିନୟ ଯାତ୍ରା କିପରି ଥିଲା ଜାଣିବା ତାଙ୍କ ମୁହଁରୁ ।



**ପାଠପଢ଼ା ଆଉ ଅଭିନୟ ଭିତରେ କିପରି ସମନ୍ୱୟ ରଖନ୍ତି?**

କିଛି ପାଇବାକୁ ହେଲେ କିଛି ହରାଇବାକୁ ପଡ଼େ । ସୁଟିଂ ସେଟ୍‌ରେ ବ୍ୟସ୍ତ ରହୁଥିବାରୁ ଶୋଇବା କମ୍ ହେଉଛି । ତଥାପି ପଢ଼ାରେ କେବେ ମୁଁ ଅବହେଳା କରେନି । ପରୀକ୍ଷା ଦେବାକୁ ଯାଏ । ଧୀରେ ଧୀରେ ସବୁରେ ଅଭ୍ୟସ୍ତ ହୋଇଗଲିଣି ।

**ଆପଣଙ୍କ ଅଭିନୟ ଯାତ୍ରା କିପରି ଥିଲା?**

- ଘରେ ସମସ୍ତେ ଚାହୁଁଥିଲେ ମୁଁ ଅଭିନେତ୍ରୀ ହୁଏ ବୋଲି । ମୁଁ ପିଲାଦିନରୁ ଓଡ଼ିଶୀ ନୃତ୍ୟ ସହିତ ୱେଷ୍ଟର୍ଣ୍ଣ ଡ୍ୟାନ୍ସ ଶିଖୁଥିଲି । ସାଧାରଣତଃ ଯେଉଁମାନେ ନୃତ୍ୟ କରନ୍ତି, ସେମାନଙ୍କୁ ଅଭିନୟ ଶିଖାଇଲେ ସେ ସହଜରେ ଶିଖି ଯାଆନ୍ତି । ଯେହେତୁ ମୋ ବଡ଼ ଭଉଣୀ ବି ଏହି ଲାଇନ୍‌ରେ ଥିଲେ, ତେଣୁ ତାଙ୍କୁ ଦେଖି ମୁଁ ବି କଳାକାରଟିଏ ହେବାକୁ ଚାହିଁଥିଲି । ୨୦୨୧ ମସିହାରେ ସିଦ୍ଧାର୍ଥ ଟିଭିର ରିଆଲିଟି ଶୋ' ରଜ ସୁନ୍ଦରୀ'ରେ ବିଜେତା ହୋଇଥିଲି । ପଢ଼ା ପାଇଁ ଦୁଇବର୍ଷ ବ୍ୟସ୍ତ ରହିଥିଲି । ବର୍ତ୍ତମାନ ମୁଁ ଯୁକ୍ତ ତିନିରେ ପଢୁଛି । ୨୦୨୩ ମସିହାରେ ମୋତେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା । ଏହି ପ୍ରଥମ ପ୍ରୋଜେକ୍ଟରେ ଓଡ଼ିଶାବାସୀଙ୍କ ଢେର ସାରା ଭଲପାଇବା ମୋତେ ଆଗକୁ ଆଗକୁ ନେଉଛି ।

**'ଚିକି' ଚରିତ୍ରରେ ଅଭିନୟ କରିବା କେତେ କଷ୍ଟକର ଥିଲା?**

- ଚିକି ହେଉଛି ବହୁତ ଚୁଲ୍‌ବୁଲି ଝିଅ । ସବୁବେଳେ ସେ ଚବର ଚବର ହେଉଥିବ । ଜଣେ ପଦେ କହିଲେ ସେ ଦଶ ପଦେ କହିବ । ହେଲେ ମୁଁ ଏମିତି ନୁହେଁ । ମୁଁ ବହୁତ ଚୁପ୍‌ଚାପ୍ ଥିଲି । ଏହି ଚରିତ୍ରରେ ଅଭିନୟ କରିବାକୁ ମୁଁ ବହୁତ ଚୁଲବୁଲି ଚରିତ୍ରକୁ ଅନୁକରଣ କରିଛି । ଦର୍ପଣ ସାମ୍ନାରେ ବି ଅଭିନୟ ଅଭ୍ୟାସ କରିଛି । ଯେତେବେଳେ ଚିକି ଚରିତ୍ରରେ ପଶିଗଲି ଏହା ପରେ ନେହା ପୂରା ଚିକି ହୋଇଗଲା । ଚିକି ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହି ନାଁ ମୋ ଜୀବନକୁ ପୂରା ପରିବର୍ତ୍ତନ କରିଦେଇଛି । ଯେଉଁଠିକୁ ବି ଗଲେ, ସମସ୍ତେ ମୋତେ ଚିହ୍ନି ଯାଉଛନ୍ତି । ଏବେ ଷ୍ଟେଜ୍‌ରେ ବି ସ୍କ୍ରିପ୍ଟ ଦେଲେ, ମୁଁ ଥରେ ପଢ଼ି ମନେ ରଖିଦେଉଛି ।

**ପ୍ରଥମ ଧାରାବାହିକରୁ ସଫଳତାର ରାଜ୍ କ'ଣ?**

- ତରଙ୍ଗ ଚ୍ୟାନେଲକୁ ଧନ୍ୟବାଦ ଦେବି ମୋତେ ଏମିତି ଗୋଟେ ଚରିତ୍ର ଦେଇଛନ୍ତି । ଏହାସହିତ ମୋ ନିର୍ଦ୍ଦେଶକ ଓ ସହ କଳାକାର ସମସ୍ତେ ଭଲ ଅଭିନୟ କରିବା କି କାମ ଶିଖିବାରେ ମୋତେ ବହୁତ ସହଯୋଗ କରିଛନ୍ତି । ମୁଁ ଏବେ ବି ବହୁତ ଆଗ୍ରହର ସହିତ କାମ ଶିଖେ । ମୋର ଗୋଟେ ସିନ୍ ଆସିଲେ, ସ୍କ୍ରିପ୍ଟକୁ ଆଗୁଆ ପଢ଼ି କେମିତି କ'ଣ କରିବି ଚିନ୍ତା କରିଥାଏ । କେବଳ ସେତିକି ନୁହେଁ, ଗୋଟେ ଟେକ୍‌ରେ କେମିତି ମୁଁ ସିନ୍ କରିବି ସେ ନେଇ ନିର୍ଦ୍ଦେଶକ ସାର୍‌ଙ୍କୁ ସହଯୋଗ କରିବାକୁ କୁହେ । ସେ ମଧ୍ୟ ସହଯୋଗ କରିଥାନ୍ତି । କେବଳ ମୁଁ ନୁହେଁ, ପୂରା ଟିମ୍ ଏହି ଧାରାବାହିକକୁ ସଫଳତା ପଥରେ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି । ଧାରାବାହିକ ଆରମ୍ଭ ହେବା ଅଢ଼େଇ ବର୍ଷ ହୋଇଗଲାଣି । ଟିଆର୍‌ପି ସେମିତି ରହିଛି ।

**'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଆଗକୁ କ'ଣ ଟ୍ୱିଷ୍ଟ ରହିଛି?**

- ଏହି ଧାରାବାହିକ ସମ୍ପୂର୍ଣ୍ଣ ସସ୍‌ପେନ୍ସ । କେତେବେଳେ କ'ଣ ଘଟୁଛି, କାହା ସହ କ'ଣ ହେବ, ତାହା କେହି ଜାଣିପାରୁ ନାହାଁନ୍ତି । ଜୀବନ ଗୋଟିଏ ବୃତ୍ତ । ଡ୍ରାମା, ଇମୋସନ୍, କମେଡି, ଖୁସି ସବୁ କିଛି ସହିତ ଜଣେ ପୁଣି ତା'ର ସ୍ଥାନରେ କିପରି ପହଞ୍ଚିଯାଉଛି ତାହା ଦେଖିବାକୁ ମିଳିଛି ।

**ଆଗାମୀ ଯୋଜନା ?**

- ମୁଁ ବର୍ତ୍ତମାନରେ ବଞ୍ଚେ । ଭବିଷ୍ୟତ କଥା ବହୁତ କମ୍ ଭାବେ । ତେବେ ମୋତେ ଏବେ ଯେଉଁ କାମ ମିଳିଛି ତାହାକୁ କେମିତି ଭଲ କରିବି ତାହା ବିଷୟରେ ମୁଁ ଚିନ୍ତା କରୁଛି । କିନ୍ତୁ ହଁ, ଧାରାବାହିକ ସରିବା ପରେ ପୁଣି ଧାରାବାହିକ କିମ୍ବା ସିନେମାରେ ସୁଯୋଗ ମିଳିଲେ କାମ ଆରମ୍ଭ କରିବି ।

# ଅର୍ଦ୍ଧେନ୍ଦୁଙ୍କୁ ଲିପି ବାନ୍ଧିଲେ ରାକ୍ଷୀ

ଓଡ଼ିଆ ସିନେମା ଇତିହାସରେ ଭାଇ ଭଉଣୀଙ୍କ ଅନାବିଳ ସ୍ନେହ ମମତାକୁ ନେଇ ପ୍ରସ୍ତୁତ ଫିଲ୍ମ ଓ ଗୀତ ଉଭୟ ସୁପରହିଟ୍ ହୋଇଥିବା ଅନେକ ଦୃଷ୍ଟାନ୍ତ ରହିଛି। ଦର୍ଶକ ଏଥିପ୍ରତି ଆକର୍ଷିତ ମଧ୍ୟ ହେଉଛନ୍ତି । ଏହି କ୍ରମରେ ଆଗାମୀ ନୂଆ ବଡ଼ ବଜେଟ୍‌ର ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ରେ ସ୍ଥାନିତ ହୋଇଛି ଭାଇ ଭଉଣୀଙ୍କ ଅନାବିଳ ସ୍ନେହ ସମ୍ପର୍କକୁ ନେଇ ରାକ୍ଷୀ ଗୀତ । ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଏବଂ ନାୟିକା ଲିପି ମହାପାତ୍ର ପ୍ରଥମଥର ପାଇଁ ଏଥିରେ ଭାଇ-ଭଉଣୀ ଭୂମିକାରେ ନଜର ଆସୁଛନ୍ତି । ଏହାର ପୋଷ୍ଟର ରାକ୍ଷୀ ପୂର୍ଣ୍ଣିମା ଦିନ ସୋସିଆଲ୍ ମିଡିଆରେ ମୁକ୍ତିଲାଭ କରିଛି । ଆଗାମୀ ଦିନରେ ଅନ୍ୟ ଚଳଚ୍ଚିତ୍ର ଭଳି ଏହି ଚଳଚ୍ଚିତ୍ରର ରାକ୍ଷୀ ଗୀତ ବି ଦର୍ଶକାଦୃତ ହେବ ବୋଲି ଆଶା କରାଯାଉଛି । ଏହାର 'ରାକ୍ଷୀ ର ଗୀତ ସୂତା ଖିଅର ଡୋର' ଗୀତକୁ ରଚନା କରିଛନ୍ତି ସ୍ମିତ ପଟ୍ଟନାୟକ ଓ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ । ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ସାଇକିରଣ ମଙ୍ଗରାଜ ଓ ଚିତ୍ରୋତ୍ତଳନ ଦାୟିତ୍ୱରେ ଅଛନ୍ତି ପ୍ରତାପ ପ୍ରଧାନ । ସିନେମାଟି ଆସନ୍ତା ଦୁର୍ଗାପୂଜାରେ ମୁକ୍ତିଲାଭ କରିବ ।




# 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍' ଆରମ୍ଭ

ଜି ସାର୍ଥକରେ ଅଗଷ୍ଟ ୯ ତାରିଖରୁ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍'ର ଖୋଜ୍ । ଏହି ଶୋ' ପ୍ରତିଭା ଖୋଜିବାର ଅନନ୍ୟ ପ୍ରୟାସ । ଏହି ରିଆଲିଟି ଶୋ'ରେ ଆଶାୟୀ ଯୁବ ଅଭିନେତା ଓ ଅଭିନେତ୍ରୀମାନେ ସେମାନଙ୍କର ବହୁମୁଖୀ ଅଭିନୟ ପ୍ରତିଭା ଦେଖାଇଥାନ୍ତି । ଏଥର ଏହି ଶୋ'ରେ ନାଟକୀୟ ଦୃଶ୍ୟଠାରୁ ଆରମ୍ଭ କରି କମେଡି ଡ୍ରାମା ସହ ଆକ୍ସନ ସିକ୍ୱେନ୍ସ ପର୍ଯ୍ୟନ୍ତ ନିଜର ସବୁ ପ୍ରକାର ପ୍ରତିଭା ଦ୍ୱାରା ଏହି ମଞ୍ଚକୁ ଜୀବନ୍ତ କରିବ । ପ୍ରତିଯୋଗୀମାନେ ବିଭିନ୍ନ ପର୍ଯ୍ୟାୟରେ ନିଜର କଳା ପ୍ରଦର୍ଶନ କରିବା ସହ ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ଭାବେ ବିଜୟୀ ମୁକୁଟ ପିନ୍ଧିବେ । ଏହାସହ ସେମାନଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ । ଏହି ରିୟାଲିଟି ଶୋ ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ନଜର ଆସିଛନ୍ତି । ଆଙ୍କର ଭାବରେ ନଜର ଆସିଛନ୍ତି ଟିଭି ଇଣ୍ଡଷ୍ଟ୍ରିର ଅନନ୍ୟା ଏବଂ ରଞ୍ଜନ । ଏହି ଶୋ' ଶନିବାର ଓ ରବିବାର ରାତି ୯ଟା୩୦ରେ ପ୍ରସାରିତ ହେଉଛି ।



# ସୁଟିଂ ସେଟ୍‌ରେ ଡୁପ୍ଲିକେଟ୍ ଶାହରୁଖ

**ପରଦା ପଛର କାହାଣୀ**

ବଲିଉଡ୍ ବାଦଶାହା ଶାହରୁଖ ଖାନ୍ ଅନେକ ସୁପରହିଟ୍ ଫିଲ୍ମ ଦେଇଛନ୍ତି । ୧୯୯୨ ମସିହାରେ 'ଦିୱାନା' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ପାଦ ଥାପିଥିବା ଏହି ଅଭିନେତା ଆଉ ପଛକୁ ଫେରି ଚାହିଁ ନାହାନ୍ତି । ସେ ହିନ୍ଦୀ ସିନେମା ଜଗତକୁ ଗୋଟିଏ ପରେ ଗୋଟିଏ ସୁପରହିଟ୍ ଫିଲ୍ମ ଦେଇ ଚାଲିଛନ୍ତି । ସେଥିମଧ୍ୟରୁ ଗୋଟିଏ ହେଉଛି 'ପରଦେଶ' । ୧୯୯୭ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲା । ଏହି ସୁପରହିଟ୍ ଫିଲ୍ମର ଗୋଟିଏ ଗୀତକୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ଏହି ଫିଲ୍ମରେ ଥିବା ଏକ ଗୀତ ଶାହରୁଖଙ୍କ ବଦଳରେ ଡୁପ୍ଲିକେଟ୍ ଶାହରୁଖଙ୍କ ଦ୍ୱାରା ସୁଟ୍ କରାଯାଇଥିଲା । ଯିଏ ଦେଖିବାକୁ ଅବିକଳ ଶାହରୁଖଙ୍କ ପରି । ଏହି ଫିଲ୍ମକୁ ଦର୍ଶକେ ଖୁବ୍ ଭଲପାଇବା ଦେଇଥିଲେ । ଶାହରୁଖ ଖାନ୍ ଓ ମହିମା ଚୌଧୁରୀ ଏହି ଫିଲ୍ମ ସୁଟିଂ କରୁଥିବା ସମୟରେ ଶାହରୁଖଙ୍କ ପତ୍ନୀ ଗୌରୀ ଗର୍ଭବତୀ ଥିଲେ । ସୁବାଷ ଘାଇଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସେ ସମୟରେ ସମ୍ପୂର୍ଣ୍ଣ ସୁଟିଂ ହୋଇଯାଇଥିଲା । ତେବେ ଗୋଟିଏ ଗୀତର କିଛି ଅଂଶ ସୁଟିଂ ପାଇଁ ବାକି ରହି ଯାଇଥିଲା । ସୋନୁ ନିଗମ ମଧ୍ୟ ଫିଲ୍ମର ଗୀତ 'ୟେ ଦିଲ୍ ଦିୱାନା...'ର ରେକର୍ଡିଂ ଶେଷ କରି ଦେଇଥିଲେ । ସେହିପରି ଶାହରୁଖ୍ ମଧ୍ୟ ଦେଢ଼ ଦିନ ଧରି ଏହି ଗୀତ ସୁଟିଂ କରିଦେଇଥିଲେ । କିନ୍ତୁ ଏହାରି ମଧ୍ୟରେ ଗୌରୀଙ୍କ ଅବସ୍ଥା ଗୁରୁତର ହେବାରୁ ଶାହରୁଖଙ୍କୁ ସୁଟିଂ ଅଧାରେ ଛାଡ଼ି ଦିଲ୍ଲୀ ଆସିବାକୁ ପଡ଼ିଥିଲା । ଫଳରେ ସେତେବେଳେ ତାଙ୍କ ଅନୁପସ୍ଥିତିରେ ସୁବାଷ ଘାଇ ଶାହାରୁଖ୍‌ଙ୍କ ଡୁପ୍ଲିକେଟ୍‌ଙ୍କୁ ନେଇ ଗୀତର ବାକି ଥିବା ଅଂଶ ସୁଟିଂ କରିଥିଲେ ।



# ପୋଲ୍ ଭଲ୍ଟରେ ଡୁପ୍ଲାଣ୍ଟିସଙ୍କ ୧୩ତମ ବିଶ୍ୱରେକର୍ଡ




ବୁଦାପେଷ୍ଟ, ୧୩।୮ (ଏଜେନ୍ସି): ସ୍ୱିଡେନର ପୋଲ୍ ଭଲ୍ଟ ଖେଳାଳି ଆର୍ମଣ୍ଡ ଡୁପ୍ଲାଣ୍ଟିସ ପୁଣିଥରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। କ୍ୟାରିୟରରେ ୧୩ଥର ଲାଗି ସେ ପୁରୁଷ ପୋଲ୍ ଭଲ୍ଟରେ ବିଶ୍ୱରେକର୍ଡ ସ୍ଥାପନ କରି ସ୍ମରଣୀୟ ସଫଳତା ପାଇଛନ୍ତି। ବୁଦାପେଷ୍ଟରେ ଅନୁଷ୍ଠିତ ଗୁଲାଇ ଇସ୍ତଭାନ ମେମୋରିଆଲ ପ୍ରତିଯୋଗିତାରେ ଡୁପ୍ଲାଣ୍ଟିସ ୬.୨୯ ମିଟର ଉଚ୍ଚକୁ ଡେଇଁଥିଲେ। ଏହିକ୍ରମରେ ସେ ନିଜ ନାମରେ ଥିବା ପୂର୍ବ ରେକର୍ଡକୁ ଭଙ୍ଗ କରିଥିଲେ। ଗତ ଜୁନରେ ଅନୁଷ୍ଠିତ ଷ୍ଟକହୋଲମ ଡାଇମଣ୍ଡ ଲିଗ୍‌ରେ ଡୁପ୍ଲାଣ୍ଟିସ ୬.୨୮ ମିଟର ଡେଇଁ ୧୨ଥର ଲାଗି ବିଶ୍ୱରେକର୍ଡ କରିଥିଲେ। ଏବେ

## ଅଲ୍ଟିମେଟ୍ ଚାମ୍ପିଅନସିପ୍ ଲାଗି 'ଷ୍ଟାର୍ ଆଥଲେଟ୍'

ସେ ଏହି ବିଶ୍ୱରେକର୍ଡକୁ ୧୩କୁ ବୃଦ୍ଧି କରାଇଛନ୍ତି। ଚଳିତ ବର୍ଷ ଡୁପ୍ଲାଣ୍ଟିସ ୩ୟଥର ଲାଗି ବିଶ୍ୱରେକର୍ଡ କରିଛନ୍ତି। ଫେବୃଆରୀରେ ସେ ୬.୨୭ ମିଟର ଉଚ୍ଚକୁ ଲମ୍ଫ ମାରିଥିଲେ।

୨୫ ବର୍ଷୀୟ ଡୁପ୍ଲାଣ୍ଟିସ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୬.୨୫ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହା ପରଠାରୁ ସେ ୪ଥର ପୋଲ୍ ଭଲ୍ଟରେ ବିଶ୍ୱରେକର୍ଡ ଭଙ୍ଗ କରିଛନ୍ତି। ଅପରପକ୍ଷରେ ଆସନ୍ତାବର୍ଷଠାରୁ ଆରମ୍ଭ ହେବାକୁ ଥିବା ଦୌଡ଼କୁଦ ପ୍ରତିଯୋଗିତା 'ୱାର୍ଲ୍ଡ ଆଥଲେଟିକ୍ସ ଅଲ୍ଟିମେଟ୍ ଚାମ୍ପିଅନସିପ୍' ଲାଗି ଡୁପ୍ଲାଣ୍ଟିସଙ୍କୁ 'ଷ୍ଟାର୍ ଆଥ୍‌ଲେଟ୍' ମାନ୍ୟତା ଦିଆଯାଇଛି। ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏହି ନୂତନ ବିଶ୍ୱସ୍ତରୀୟ ଇଭେଣ୍ଟ ଆରମ୍ଭ ହେବାକୁ ଯାଉଛି। ପ୍ରତି ୨ ବର୍ଷ ବ୍ୟବଧାନରେ ଏହା ଆୟୋଜିତ ହେବ। ବୁଦାପେଷ୍ଟରେ ହେବାକୁ ଥିବା ଏହାର ଉଦ୍‌ଘାଟନୀ ସଂସ୍କରଣ ଲାଗି ଡୁପ୍ଲାଣ୍ଟିସ ବ୍ରାଣ୍ଡ ଆମ୍ବାସଡର ଭୂମିକାରେ ଅବତୀର୍ଣ୍ଣ ହେବେ। ଏଥିରେ ମୋଟ୍ ପୁରସ୍କାର ରାଶି ୧୦ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୮୭ କୋଟି ୪୭ ଲକ୍ଷ ଟଙ୍କା) ରଖାଯାଇଛି। ବିଶ୍ୱ ଦୌଡ଼କୁଦର ସର୍ବୋଚ୍ଚ ସଂସ୍ଥା ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି।

# ରାଇନାଙ୍କୁ ଇଡିର ଜେରା

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବେଆଇନି ବେଟିଂ ମାମଲାରେ ଜେରା କରିଛି। ରାଇନା ବୁଧବାର ନୂଆଦିଲ୍ଲୀସ୍ଥିତ ଇଡି ଅଫିସରେ ହାଜର ହୋଇଥିଲେ। ଅନ୍‌ଲାଇନ୍ ବେଟିଂ ଆପ୍ '୧ଗୁଣାବେଟ୍' ମାମଲାରେ ତାଙ୍କୁ ଇଡି ଅଧିକାରୀମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପୂର୍ବରୁ ତାଙ୍କୁ ଇଡିରେ ହଜାର ହେବା ପାଇଁ ନୋଟିସ ଜାରି କରାଯାଇଥିଲା। ରାଇନା ଏହି ଆପ୍‌ର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ରାଇନା ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଏହି ବେଟିଂ ଆପ୍ ଜରିଆରେ ମନି ଲଣ୍ଡରିଂ ହେଉଥିବା ସନ୍ଦେହ କରି ଇଡି ଯାଞ୍ଚ କରୁଛି। ରାଇନାଙ୍କୁ ବାଦ୍ ଦେଲେ ଇଡି ଏହି ମାମଲାରେ ହରଭଜନ ସିଂହ, ଯୁବରାଜ ସିଂହ, ବଲିଉଡ ଅଭିନେତା ସୋନୁ ସୁଦ୍, ଅଭିନେତ୍ରୀ ଉର୍ବସୀ ରୌତେଲାଙ୍କୁ ମଧ୍ୟ ପୂର୍ବରୁ ଜେରା କରିସାରିଛି।



### ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍

# ଷ୍ଟୋଏଭା ଭଗିନୀଙ୍କୁ ଭେଟିବେ ପଣ୍ଡା ଭଗିନୀ

ପ୍ୟାରିସ, ୧୩।୮ (ଏଜେନ୍ସି): ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍‌ର ଆଗାମୀ ୨୯ତମ ସଂସ୍କରଣ ଅଗଷ୍ଟ ୨୫ରୁ ପ୍ୟାରିସରେ ଆରମ୍ଭ ହେବ। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଏହି ସର୍ବଶ୍ରେଷ୍ଠ ପ୍ରତିଯୋଗିତା ଲାଗି ବୁଧବାର ଡ୍ର' ତଥା କେଉଁ ଖେଳାଳି କାହା ସହିତ ଓପନିଂ ରାଉଣ୍ଡରେ ଖେଳିବେ ତାହା ଘୋଷଣା କରାଯାଇଛି। ଓଡ଼ିଶାର ଦୁଇ ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ପଣ୍ଡା ଭଗିନୀ ରତ୍ନପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଏହି ମେଗା ଇଭେଣ୍ଟରେ ମହିଳା ଡବଲ୍ସରେ ଅଂଶଗ୍ରହଣ କରିବେ। ଶ୍ୱେତପର୍ଣ୍ଣା-ରତ୍ନପର୍ଣ୍ଣା ଯୋଡ଼ି ବର୍ତ୍ତମାନ ବିଶ୍ୱ ମହିଳା ଡବଲ୍ସ ତାଲିକାର ୩୮ତମ ସ୍ଥାନରେ ରହିଛନ୍ତି। କୌତୁହଳର କଥା ହେଉଛି ପଣ୍ଡା ଭଉଣୀ ଯୋଡ଼ି ପ୍ରଥମ ରାଉଣ୍ଡରେ ବୁଲଗେରିଆର ଦୁଇ ଭଉଣୀ ଗାବ୍ରିଏଲ ଷ୍ଟୋଏଭା ଓ ଷ୍ଟିଫାନି ଷ୍ଟୋଏଭା ଯୋଡ଼ିଙ୍କୁ ଭେଟିବେ। ଷ୍ଟୋଏଭା ଭଉଣୀ ଯୋଡ଼ି ବିଶ୍ୱ ମାନ୍ୟତାର ୧୭ତମ ସ୍ଥାନରେ ରହିଥିବାବେଳେ ସେମାନେ ୪ଥର ୟୁରୋପିଆନ ଚାମ୍ପିଅନ ଓ ଦୁଇଥର ୟୁରୋପିଆନ ଗେମ୍ସରେ ଚାମ୍ପିଅନ ହୋଇଛନ୍ତି। ତେଣୁ ଶ୍ୱେତପର୍ଣ୍ଣା ଓ ରତ୍ନପର୍ଣ୍ଣାଙ୍କ ଲାଗି ପ୍ରଥମ ରାଉଣ୍ଡ କଷ୍ଟସାଧ୍ୟ ମୁକାବିଲା ହେବ ବୋଲି ଆକଳନ କରାଯାଉଛି।



ଭାରତର ଅନ୍ୟ ଖେଳାଳିଙ୍କ ମଧ୍ୟରେ ଲକ୍ଷ୍ୟ ସେନ, ଏଚଏସ୍ ପ୍ରଣୟ, ମହିଳାରେ ପିଭି ସିନ୍ଧୁ, ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ିଙ୍କୁ ମଧ୍ୟ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ଦେଖିବାକୁ ମିଳିବ। ସିନ୍ଧୁ ମଧ୍ୟ ଏକ କଷ୍ଟସାଧ୍ୟ ଡ୍ର'ରେ ରହିଛନ୍ତି। ପ୍ରଥମ ରାଉଣ୍ଡରେ ସେ ୨ୟ ସିଡ୍ ତଥା ଦୁଇଥରର ଏସୀୟ ଚାମ୍ପିଅନ ଚାଇନାର ୱାଙ୍ଗ୍ ଝି ୟିଙ୍କୁ ଭେଟିବେ। ୨୦୧୯ରେ ସିନ୍ଧୁ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ। ଶେଷଥର ଲାଗି ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ୨୦୧୦ରେ ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା। ଭାରତ ଏହି ସଂସ୍କରଣରେ ପଦକଶୂନ୍ୟ ତଥା ଖାଲି ହାତରେ ସ୍ୱଦେଶ ଫେରିଥିଲା।

### ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଆୟୋଜନ ଆଶା ବଢ଼ିଲା

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):


୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ପାଇଁ ବିଡ୍ ଦାଖଲ କରିବା ଲାଗି ଭାରତକୁ ଆନୁଷ୍ଠାନିକ ଭାବେ ଅନୁମୋଦନ ମିଳିଛି। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ରାଜ୍ୟଗୋଷ୍ଠୀ

## ଭୁବନେଶ୍ୱରରେ ଭଲ ସୁବିଧା ରହିଛି: ପିଟି ଉଷା

କ୍ରୀଡ଼ା ଆୟୋଜନ ପାଇଁ ଅନୁମୋଦନ ଦେଇଛି। ବୁଧବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଓଏର ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ)ରେ ଏହି ନିଷ୍ପତ୍ତି ନିଆଯାଇଛି।

ଏହି ମେଗା ଇଭେଣ୍ଟ ଆୟୋଜିତ ହେଲେ ସରକାର ସମ୍ପୂର୍ଣ୍ଣ ପାଣ୍ଠି ବହନ କରିବେ। ସିଡବ୍ଲ୍ୟୁଜି ଆୟୋଜନ ଦୌଡ଼ରେ ଅହମ୍ମଦାବାଦ ସର୍ବାଗ୍ରେ ରହିଛି। ନିକଟରେ ସିଡବ୍ଲ୍ୟୁଜିର ନିର୍ଦ୍ଦେଶକ ଡାରେନ ହଲ୍‌ଙ୍କ ନେତୃତ୍ୱରେ କିଛି ବରିଷ୍ଠ କର୍ମକର୍ତ୍ତା ଅହମ୍ମଦାବାଦରେ ଭିତ୍ତିଭୂମି ବୁଲି ଦେଖିଯାଇଛନ୍ତି। ତେବେ ଆଇଓଏ ସଭାପତି ତଥା ପୂର୍ବତନ ମହାନ ଧାବିକା ପିଟି ଉଷା କହିଛନ୍ତି, 'ମୁଁ ଖୁସି ଯେ ଆମେ ସମସ୍ତେ ଏକାଠି ରହିଛନ୍ତି। ଏହା ଏକ ସର୍ବସମ୍ମତି ନିଷ୍ପତ୍ତି ଥିଲା ଏବଂ ଆମର ପ୍ରସ୍ତୁତି ଆଗକୁ ବଢ଼ିବ। ଆମେ କେବଳ କହିପାରିବା ନାହିଁ ଯେ ଅହମ୍ମଦାବାଦ ଆୟୋଜକ ସହର ବୋଲି। ଭୁବନେଶ୍ୱର ଓ ଦିଲ୍ଲୀରେ ମଧ୍ୟ ଭଲ ସୁବିଧା ରହିଛି।' ଆଇଓଏର ଏସ୍‌ଜିଏମ୍ ପରେ ପିଟି ଉଷାଙ୍କ ଏହି ବିବୃତି କଳିଙ୍ଗ ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର କିଞ୍ଚିତ ଆୟୋଜନ ଆଶା ସଞ୍ଚାର କରିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ବିଡ୍ ଦାଖଲର ଶେଷ ତାରିଖ ଅଗଷ୍ଟ ୩୧ ରହିଛି। ଭାରତ ବ୍ୟତୀତ ନାଇଜେରିଆ, କାନାଡା ଓ ଆଉ ୨ଟି ରାଷ୍ଟ୍ର ଏହି ମେଗା ଇଭେଣ୍ଟ ଆୟୋଜନ ଦୌଡ଼ରେ ରହିଛନ୍ତି। କିନ୍ତୁ ନିକଟରେ କାନାଡା ଆୟୋଜନ ଦୌଡ଼ରୁ ଓହରିଯାଇଥିଲା। ଏଠାରେ ସ୍ମରଣଯୋଗ୍ୟ, ୧୫ ବର୍ଷ ତଳେ ୨୦୧୦ରେ ଦିଲ୍ଲୀରେ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ରେସ୍‌ଲର୍ ସୁଶୀଲଙ୍କ ଜାମିନକୁ ବାତିଲ କଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୧୩।୮ (ସମିସ): ଜୁନିଅର ରେସଲର ସାଗର ଧନକର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଦୁଇଥରର ଅଲିମ୍ପିକ ପଦକ ବିଜେତା ସୁଶୀଲ କୁମାରଙ୍କୁ ସୁପ୍ରିମ କୋର୍ଟରୁ ଜୋରଦାର ଝଟକା ଲାଗିଛି। ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ବୁଧବାର ସୁଶୀଲଙ୍କ ଜାମିନକୁ ବାତିଲ କରିଦିଆଯାଇଛି। ଏଥିସହ ତାଙ୍କୁ ଏକ ସପ୍ତାହ ମଧ୍ୟରେ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଷ୍ଟିସ ସଞ୍ଜୟ କାରୋଲ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଗତ ମାର୍ଚ୍ଚ ମାସରେ ଦିଲ୍ଲୀ ହାଇକୋର୍ଟ ସୁଶୀଲଙ୍କୁ ନିୟମିତ ଜାମିନ ପ୍ରଦାନ କରିଥିଲେ। ତେବେ ବୁଧବାର ଜଷ୍ଟିସ କାରୋଲ ଏହି ରାୟର ମୁଖ୍ୟ ଅଂଶ ପଢ଼ିବା ସମୟରେ ମୃତ ସାଗରଙ୍କ ପିତା ଅଶୋକ ଧନକରଙ୍କ ପକ୍ଷରୁ ଦାୟର ଆବେଦନକୁ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ସମ୍ପତ୍ତି ବିବାଦକୁ ନେଇ ୨୦୨୧ ମେ ୪ ତାରିଖରେ ଦିଲ୍ଲୀର ଛତ୍ରଶାଳ ଷ୍ଟାଡିୟମ ବାହାରେ ଅଲିମ୍ପିଆନ ସୁଶୀଲ ଓ ଜୁନିଅର ରେସଲର ସାଗରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସୁଶୀଲଙ୍କ ଆକ୍ରମଣରେ ୨୩ ବର୍ଷୀୟ ସାଗରଙ୍କ ମୃତ୍ୟୁ ଘଟିଥିଲା। ରେସଲର ସୁଶୀଲ ୨୦୦୮ ବେଜିଂ ଅଲିମ୍ପିକରେ କାଂସ୍ୟ ଓ ୨୦୧୨ ଲଣ୍ଡନ ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ।

# ଜମିଲଙ୍କୁ ୨୦୨୭ ପର୍ଯ୍ୟନ୍ତ ପ୍ରଶିକ୍ଷକ ଦାୟିତ୍ୱ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଖଲିଦ ଜମିଲ ଆଗାମୀ ୨ ବର୍ଷ ଅର୍ଥାତ୍ ୨୦୨୭ ପର୍ଯ୍ୟନ୍ତ ଭାରତୀୟ ବରିଷ୍ଠ ପୁରୁଷ ଫୁଟବଲ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିବେ। ଏହି ଚୁକ୍ତି ମଧ୍ୟ ଆଉ ଗୋଟିଏ ବର୍ଷ ବଢ଼ିପାରେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି। ଫଳରେ ଜମିଲ ଏବେ ପୂର୍ଣ୍ଣକାଳୀନ ଭାବେ ଜାତୀୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭୂମିକାରେ ନଜରକୁ ଆସିବେ। ଅଗଷ୍ଟ ୧୫ରୁ ବେଙ୍ଗାଲୁରୁସ୍ଥିତ ଦ୍ରାବିଡ-ପାଦୁକୋନ ସେଣ୍ଟର ଫର୍ ସ୍ପୋର୍ଟ୍ସ ଏକ୍ସଲେନ୍ସିରେ ଜାତୀୟ ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ଜମିଲଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଚାଲିବ। ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଥିବା କାଫା (ସେଣ୍ଟ୍ରାଲ ଏସିଆନ ଫୁଟ୍‌ବଲ ଆସୋସିଏସନ) ନେସନ୍ସ କପ୍ ଟୁର୍ଣ୍ଣାମେଣ୍ଟ ପ୍ରଶିକ୍ଷକ ଭାବେ ଜମିଲଙ୍କ ପ୍ରଥମ ଦାୟିତ୍ୱ ହେବ। ଉଲ୍ଲେଖଯୋଗ୍ୟ, ଗତ ୧ ତାରିଖରେ ୪୮ ବର୍ଷୀୟ ଜମିଲଙ୍କୁ ଭାରତୀୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। ମନୋଲା ମରକ୍ୟୁଜଙ୍କ ସ୍ଥାନରେ ସେ ଏହି ଗୁରୁଦାୟିତ୍ୱ ତୁଲାଇଥିଲେ। ଫଳରେ ୧୩ ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ଜଣେ ଭାରତୀୟ ଜାତୀୟ ପୁରୁଷ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ନିଯୁକ୍ତ ହୋଇଥିଲେ। ସେ ଆଇଏସ୍‌ଏଲ୍ ଦଳ ଜାମେଦେଦପୁର ଏଫ୍‌ସି ସହିତ ସମ୍ପର୍କ ତୁଟାଇବା ପରେ ଜାତୀୟ ଦଳ ସହିତ ତାଙ୍କର ଏହି ଦୁଇ ବର୍ଷିଆ ପୂର୍ଣ୍ଣକାଳୀନ ଚୁକ୍ତି ହୋଇଛି।



# ମହିଳା ଦିନିକିଆ ସିରିଜ: ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ-ଏ'କୁ ହରାଇଲା ଭାରତ-ଏ'

ବ୍ରିସବେନ, ୧୩।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତ-ଏ ମହିଳା କ୍ରିକେଟ ଦଳ ପ୍ରଥମ ବିଜୟ ହାସଲ କରିଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ-ଏ ମହିଳା ଦଳକୁ ୩ ୱିକେଟ୍‌ରେ ଭାରତ-ଏ ହରାଇଦେଇଛି। ୨୧୫ ରନର ଲକ୍ଷ୍ୟକୁ ପିଛା କରିଥିବା ରାଧା ଯାଦବଙ୍କ ଦଳ ୪୨ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ୟସ୍ତିକା ଭାଟିଆ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେଫାଳି ବର୍ମା (୩୬ ରନ) ଓ ଧାରା ଗୁଜ୍ଜର (୩୧) ଉପଯୋଗୀ ପାଳି ଖେଳି ୟସ୍ତିକାଙ୍କୁ ସହାୟତା କରିଥିଲେ। ଏଥିପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଅଷ୍ଟ୍ରେଲିଆ-ଏ ୨୧୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅନିକା ଲିଆରୋୟଡ ସର୍ବାଧିକ ୯୨, ରାଚେଲ ଟ୍ରିନାମାନ ୫୧ ରନ କରିଥିଲେ। ସିରିଜର ପରବର୍ତ୍ତୀ ୨ ଦିନିକିଆ ମ୍ୟାଚ୍ ଅଗଷ୍ଟ ୧୫ ଓ ୧୭ରେ ଖେଳାଯିବ। ଏହାପରେ ଦୁଇ ଦଳ ମଧ୍ୟରେ ଅଗଷ୍ଟ ୨୧ରୁ ଏକ ଚାରିଦିବସୀୟ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ।




## ଭେନସଙ୍କୁ ୱାଇଲ୍ଡ କାର୍ଡ

ନ୍ୟୁୟର୍କ, ୧୨।୮ (ଏଜେନ୍ସି): ୟୁଏସ୍ ଓପନ୍ ଅଗଷ୍ଟ ୨୪ରୁ ଆରମ୍ଭ ହେବ। ଏଥିଲାଗି ଭେଟେରାନ ଭେନସ ୱିଲିୟମ୍ସଙ୍କୁ ୱାଇଲ୍ଡ କାର୍ଡ ମିଳିଛି। ଫଳରେ ୪୫ ବର୍ଷରେ ଭେନସ ୟୁଏସ୍ ଓପନ୍ ଖେଳିବେ। ୧୯୮୧ରେ ରେନି ରିଚାର୍ଡ୍ସ ୪୭ ବର୍ଷରେ ୟୁଏସ୍ ଓପନ୍ ଖେଳିଥିଲେ।

### ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ୨୦ଜଣିଆ ଓଡ଼ିଶା ଦଳ ଘୋଷିତ

କଟକ,୧୩।୮ (ସମିସ): ଅଗଷ୍ଟ ୧୮ରୁ ତାମିଲନାଡୁର ଚେନ୍ନାଇଠାରେ ସର୍ବଭାରତୀୟ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥି ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ତେବେ ୨୦ଜଣିଆ ରାଜ୍ୟ ଦଳରେ ଅଧିନାୟକ କାହାକୁ କରାଯିବ ତାହାକୁ ନେଇ ଦ୍ୱନ୍ଦ ଉପୁଜିଛି। ଫଳରେ

## ଅଧିନାୟକ ନାଁ ଘୋଷଣାକୁ ନେଇ ଦ୍ୱନ୍ଦ୍ୱ

ଅଧିନାୟକ ନାମ ଓସିଏ ପକ୍ଷରୁ ପ୍ରକାଶ କରାଯାଇନାହିଁ। ଅଭିଜ୍ଞ ଶୁଭ୍ରାଂଶୁ ଶେଖର ସେନାପତି ଓ ଗୋବିନ୍ଦ ପୋଦ୍ଦାରଙ୍କ ସମେତ ସନ୍ଦୀପ ପଟ୍ଟନାୟକ ଏବଂ ସ୍ୱସ୍ତିକ ସାମଲଙ୍କ ନାମ ଅଧିନାୟକ ନିମନ୍ତେ ଆଲୋଚନା ପରିସରକୁ ଆସିଥିଲା। ତେବେ କିଛି ନିର୍ଦ୍ଦିଷ୍ଟ କାରଣ ହେତୁ ଅଧିନାୟକ ଚୂଡ଼ାନ୍ତ ହୋଇ ପାରିନଥିବା କୁହାଯାଇଛି। ମଧ୍ୟପ୍ରଦେଶ ଛାଡ଼ି ଓଡ଼ିଶା ଫେରିବା ପରେ ରାଜ୍ୟ ଦଳ ପାଇଁ ଶୁଭ୍ରାଂଶୁଙ୍କ ଏହା ପ୍ରଥମ ମ୍ୟାଚ୍ ହେବ।

ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଗ୍ରୁପ-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପରେ ଭାରତୀୟ ରେଳବାଇ, ଜମ୍ମୁ-କଶ୍ମୀର ଏବଂ ବରୋଦା ଦଳ ରହିଛି। ତ୍ରିଦିବସୀୟ ଫର୍ମାଟରେ ପ୍ରତ୍ୟେକ ମ୍ୟାଚ୍ ଖେଳାଯିବ। ୧୮ ତାରିଖରୁ ବରୋଦା ବିପକ୍ଷରେ ଓଡ଼ିଶା ପ୍ରଥମ ମୁକାବିଲା ଲଢ଼ିବ। ଘୋଷିତ ୨୦ ଜଣିଆ ଦଳରେ କାର୍ତ୍ତିକ ବିଶ୍ୱାଳ, ସନ୍ଦୀପ ପଟ୍ଟନାୟକ, ସମ୍ବିତ ବରାଳ, ସୁମିତ ଶର୍ମା, ଅନୀଲ ପରିଡା, ସୁନୀଲ କୁମାର ରାଉଳ, ତାପସ କୁମାର ଦାସ, ସାଇଦୀପ ମହାପାତ୍ର, ରାଜେଶ ଧୂପର(ୱିକେଟ କିପର), ବାଦଲ ବିଶ୍ୱାଳ, ଓମ ଟି ମୁଣ୍ଡେ, ତରଣୀ ସ, ଶୁଭ୍ରାଂଶୁ ଶେଖର ସେନାପତି, ପ୍ରଶାନ୍ତ ରଣା, ବିନୟ କୁମାର ପାଇକରାୟ(ୱିକେଟ କିପର), ଆଶୀର୍ବାଦ ସ୍ୱାଇଁ(ୱିକେଟ କିପର), ଆଶୁତୋଷ ଛୁରିଆ, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର, ପିୟୂଷ ପାଣିଗ୍ରାହୀ ସ୍ଥାନ ପାଇଛନ୍ତି। ସୁରେନ୍ଦ୍ର ଭାବେ-ମୁଖ୍ୟ କୋଚ୍, ସୌରଭ ସେହଗଲ-ସହକାରୀ କୋଚ୍, ଦିନେଶ ସାହୁ-ଫିଜିଓ, ସଂଗ୍ରାମ କେଶରୀ ଗୁମାନସିଂହ-ମ୍ୟାନେଜର, ଗୌରବ କୌଶକ-ଏସ ଆଣ୍ଡ ସି କୋଚ୍, ଶାରଦା ବିଶ୍ୱାଳ-ପର୍ଫମାନ୍ସ ଆନାଲିଷ୍ଟ, ସତ୍ୟବାନ ପ୍ରଧାନ- ସାଇଡଆର୍ମ ଥ୍ରୋଅର, କପିଳ ବୁନ୍ଦେଲା-ମାସେଜର ଭାବେ ଦଳରେ ରହିଛନ୍ତି।




### ୩୪ ବର୍ଷ ପ୍ରତୀକ୍ଷାର ଅନ୍ତ

# ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଜିତିଲା ୱେଷ୍ଟଇଣ୍ଡିଜ

ତ୍ରିନିଦାଦ, ୧୩।୮ (ଏଜେନ୍ସି):




ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ୱେଷ୍ଟଇଣ୍ଡିଜ ୨୦୨ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଅଧିନାୟକ ସାଇ ହୋପ୍ସଙ୍କ ଦମ୍‌ଦାର ଅପରାଜିତ ଶତକ ଓ ଜେଡାନ ସେଲ୍ସଙ୍କ ଘାତକ ବୋଲିଂ କରି ଘରୋଇ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ପାକିସ୍ତାନ ୫ ୱିକେଟ୍‌ରେ ଓ ୱେଷ୍ଟଇଣ୍ଡିଜ ୨ୟ ଦିନିକିଆକୁ ଡିଏଲ୍ ପଦ୍ଧତିରେ ୫ ୱିକେଟ୍‌ରେ ଜିତିଥିଲା। ଏବେ ନିର୍ଣ୍ଣାୟକ ୩ୟ ମ୍ୟାଚ୍ ଜିତି ଘରୋଇ ୱେଷ୍ଟଇଣ୍ଡିଜ ଦିନିକିଆ ସିରିଜକୁ ୨-୧ରେ ହାତେଇନେଇଛି। ଫଳରେ ଦୀର୍ଘ ୩୪ ବର୍ଷର ବ୍ୟବଧାନ ପରେ କାରବୀୟାନ ଦଳ ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଜିତିବାର ସ୍ୱାଦ ଚାଖିଛି। ଶେଷଥର ଲାଗି ୧୯୯୧ରେ ପାକିସ୍ତାନ ଗସ୍ତରେ ଯାଇଥିବାବେଳେ ୱେଷ୍ଟଇଣ୍ଡିଜ ୨-୦ରେ ଦିନିକିଆ ସିରିଜ ବିଜୟୀ ହୋଇଥିଲା। ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ଗୋଟିଏ ମ୍ୟାଚ୍ ଟାଇ ରହିଥିଲା।

ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପାକିସ୍ତାନ ଅଧିନାୟକ ମହମ୍ମଦ ରିଜୱାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ଅଧିନାୟକଙ୍କ ଶତକୀୟ ଇନିଂସ ବଳରେ ୫୦ ଓଭରରେ ୬ ୱିକେଟ୍‌ରେ ୨୯୪ ରନର ସମ୍ମାନଜନକ ସ୍କୋର କରିଥିଲା। ହୋପ୍ସ ୧୦ ଚୌକା ଓ ୫ ଛକା ସହ ୯୪ ବଲରେ ୧୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଷ୍ଟନ ଚେଜ ୩୬, ଏଭିନ ଲୁଇସ ୩୭ ଓ ଜଷ୍ଟିସ ଗ୍ରେଭେସ ଅପରାଜିତ ୪୩ ରନ କରିଥିଲେ। ନସୀମ ଶାହ ଓ ଆବ୍ରାରର୍ ଅହମ୍ମଦଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ଦ୍ରୁତ ବୋଲର ଜେଡାନ ସେଲ୍ସଙ୍କ ବୋଲିଂକୁ ସାମ୍ନା କରି ନପାରି ପାକିସ୍ତାନ ୨୯.୨ ଓଭରରେ ୯୨ ରନ କରି ଲଜ୍ଜାଜନକ ପରାଜୟବରଣ କରିଥିଲା। ଦଳ ପକ୍ଷରୁ କେବଳ ସଲମନ ଆଘା (୩୦ ରନ) ଓ ମହମ୍ମଦ ନୱାଜ (୨୩) ଦୁଇଅଙ୍କ ଛୁଇଁପାରିଥିଲେ। ଜେଡାନ ୧୮ ରନରେ ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ। ହୋପ୍ସ ମ୍ୟାଚର ଓ ଜେଡାନ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ଦିନିକିଆରେ ରନ ବ୍ୟବଧାନରେ ୱେଷ୍ଟଇଣ୍ଡିଜର ବଡ଼ ବିଜୟ**

| ବ୍ୟବଧାନ | ପ୍ରତିପକ୍ଷ | ବର୍ଷ | ଭେନ୍ୟୁ |
|---|---|---|---|
| ୨୧୫ | ନେଦରଲାଣ୍ଡସ | ୨୦୧୧ | ଦିଲ୍ଲୀ |
| ୨୦୮ | କାନାଡା | ୨୦୧୦ | କିଙ୍ଗ୍‌ସଟନ |
| ୨୦୩ | ନ୍ୟୁଜିଲାଣ୍ଡ | ୨୦୧୪ | ହାମିଲଟନ |
| ୨୦୨ | ପାକିସ୍ତାନ | ୨୦୨୫ | ତ୍ରିନିଦାଦ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS